

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୮ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 JUNE 2022
Vol.No. 35 ■ No. 157 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ଅଗ୍ନିପଥକୁ ନେଇ ସାରା ଦେଶରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୧୭/୦୬ : କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନାକୁ ବିରୋଧ କରି ଇଏ ହେଉଛି ବିଭିନ୍ନ ରାଜ୍ୟରେ ଚାଲିଥିବା ହିଂସା, ପ୍ରତିବାଦ ଓ ଆକ୍ରୋଶର ନିଆଁ । କେଉଁଠି ଟ୍ରେନକୁ ଜାଳି ଦେଉଛନ୍ତି ତ କେଉଁଠି ଷ୍ଟେସନ ଭିତରେ ଭଙ୍ଗାରୁଜା କରୁଛନ୍ତି । ଆଖି ପିଛୁଳାକେ ନଷ୍ଟ ହେଉଛି ଜାତୀୟ ସମ୍ପତି । ୧୦ରୁ ଅଧିକ ରାଜ୍ୟରେ ବ୍ୟାପୁଥିବା ଏହି ହିଂସା ଅଧିକ ଉଗ୍ର ହେବାରେ ଲାଗିଛି । ଉତରପ୍ରଦେଶ, ହରିୟାଣା, ହିମାଚଳ ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଦିଲ୍ଲୀକୁ ଆନ୍ଦୋଳନ ବ୍ୟାପିଛି । ବିହାରରେ ଉତ୍ୟକ୍ତ ପ୍ରତିବାଦକାରୀ ବିଭିନ୍ନ ରେଳ ଷ୍ଟେସନରେ ଟ୍ରେନ୍ ଜାଳି ଦେବା ସହ ଏକ୍ସପ୍ରେସରେ ଝରକା କାଚକୁ ପିଟି ଭାଙ୍ଗି ପକାଇଛନ୍ତି । ଅଗ୍ନିପଥ ଯୋଜନାକୁ ବିରୋଧ କରି ଆନ୍ଦୋଳନ ସବୁଠୁ



ଅଧିକ ଜେତିଛି ବିହାରରେ । ରାଜ୍ୟର ୮ରୁ ଅଧିକ ଜିଲ୍ଲାରେ ଆନ୍ଦୋଳନ ହିଂସାର ରୂପ ନେଇଛି । ଏବେ ଏହି ହିଂସା ବଢୁଥିବା ସମଗ୍ର ଦେଶରେ ୨୦୦ରୁ ଅଧିକ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି । ସେହିପରି ଆନ୍ଦୋଳନ କାରଣରୁ ୩୫ରୁ ଅଧିକ ଟ୍ରେନ୍ ମଧ୍ୟ ବାତିଲ ହୋଇଛି । ଏହା ବ୍ୟତୀତ କିଛି ଟ୍ରେନର ସମୟ ବଦଳାଇ ଦିଆଯାଇଛି । ରେଳ ଧାରଣା ଉପରେ ଆସବାପତ୍ର ପକାଇ ପ୍ରତିବାଦକାରୀ ନିଜର ଅସନ୍ତୋଷ ଜାହିର କରିଛନ୍ତି । ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ସାଧାରଣ ଜନତା ଓ ପୁଲିସ ମୁହାଁମୁହିଁ ହୋଇଛନ୍ତି । ରେଳ ରାସ୍ତା ଫାଙ୍କା କରିବା ଲାଗି ପୁଲିସ ପ୍ରତିବାଦକାରୀମାନଙ୍କୁ ତଡ଼ି ଦେବାକୁ ଉଦ୍ୟମ କରୁଥିବା ବେଳେ ଗଣ୍ଡଗୋଳ ଘଟିଥିଲା । ତେଲେଙ୍ଗାନାରେ ମଧ୍ୟ ଆଜି ଆନ୍ଦୋଳନ ଜୋରଦାର ହୋଇଛି । ଅଗ୍ନିପଥ ସ୍କିମ୍ ବିରୋଧରେ ସିକନ୍ଦରାବାଦ ରେଲୱେ ଷ୍ଟେସନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । କେହି କିଛି କହିବା ଆଗରୁ ମନଇଚ୍ଛା ଷ୍ଟେସନରେ ପଶି ରେଲୱେ ସମ୍ପତିକୁ ଭାଙ୍ଗିବାରେ ଲାଗିଲେ । କେବଳ ତେଲେଙ୍ଗାନା ବିଭିନ୍ନ ରାଜ୍ୟର ରେଳ ଧାରଣା ଉପରେ ଆସବାପତ୍ର ପକାଇ ପ୍ରତିବାଦକାରୀ ନିଜର ଅସନ୍ତୋଷ ଜାହିର କରିଛନ୍ତି । ରେଳ ରାସ୍ତା ଫାଙ୍କା କରିବା ଲାଗି ପୁଲିସ ପ୍ରତିବାଦକାରୀମାନଙ୍କୁ ତଡ଼ି ଦେବାକୁ ଉଦ୍ୟମ କରୁଥିବା ବେଳେ ଗଣ୍ଡଗୋଳ ଘଟିଥିଲା । ସରକାର କହିଛନ୍ତି, ଅଗ୍ନିବୀରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେମାନଙ୍କୁ ଆର୍ଥିକ ପ୍ୟାକେଜ ଓ ବ୍ୟାଙ୍କରୁ ଋଣ ଯୋଗାଇ ଦିଆଯିବ । ତେବେ ଯୋଜନାକୁ ନେଇ କିଛି ପୂର୍ବତନ ସେନା ଅଧିକାରୀମାନେ ଆଶଙ୍କା କରିଥିଲେ ଯେ ରେଜିମେଂଟ ବାଇଡିଂ ପ୍ରଭାବିତ ହେବ । ହେଲେ ସରକାର ଏପରି ଆଶଙ୍କାକୁ ଖାରଜ କରି କହିଛନ୍ତି, ରେଜିମେଂଟ ବ୍ୟବସ୍ଥାରେ କୌଣସି ପରିବର୍ତନ ହେବନାହିଁ ।

## ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜେପି ଗଠନ କଲା ମ୍ୟାନେଜମେଂଟ ଟିମ୍

ନୂଆଦିଲ୍ଲୀ, ୧୭/୦୬ : ରାଷ୍ଟ୍ରପତି ନିର୍ବାଚନ ପାଇଁ ଏନଡିଏ ଓ ବିରୋଧୀ ଦଳ ଏପର୍ଯ୍ୟନ୍ତ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି । ଏହାରି ଭିତରେ ବିଜେପି ଏକ ମ୍ୟାନେଜମେଂଟ ଟିମ୍ ଗଠନ କରିଛି, ଯେଉଁଥିରେ ୧୪ ନେତାଙ୍କ ନାଁ ସାମିଲ୍ ରହିଛି । ୧୪ ଜଣିଆ ସଦସ୍ୟ ବିଶିଷ୍ଟ ଟିମରେ କେନ୍ଦ୍ର ମନ୍ତ୍ରୀ ଓ ଦଳର ନେତାମାନଙ୍କୁ ସ୍ଥାନ ମିଳିଛି । ବିଜେପି ତା'ର ଟିମରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଅର୍ଜୁନ ରାମ ମେଘୱାଲ, କିଷନ ରେଡ୍ଡି, ସର୍ବାନନ୍ଦ ସୋନୋୱାଲ, ଅଶ୍ୱିନୀ ବୈଷ୍ଣବ ଓ ଭାରତୀ ପାୱାର ସମେତ ୧୪ ନେତାଙ୍କୁ ମ୍ୟାନେଜମେଂଟ ଟିମରେ ସାମିଲ୍



କରିଛି । ଏହି ନେତାମାନେ ନିର୍ବାଚନରେ ସମସ୍ତ ପ୍ରମୁଖ କାର୍ଯ୍ୟ ବହନ କରିବେ । ଅନ୍ୟପକ୍ଷରେ ମମତା ବାନାର୍ଜୀ ଜୁନ୍ ୨୧ ତାରିଖରେ ବିରୋଧୀ ଦଳ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀଙ୍କ ନାଁ ଚୟନ ପାଇଁ ବିରୋଧୀ ଦଳଗୁଡ଼ିକ ସହ ବୈଠକ କରିବେ । ସେପଟେ ବିଜେପି, ଉପରାଷ୍ଟ୍ରପତି ଏମ ଭେଙ୍କେୟା ନାଇଡୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିବା ନେଇ ଜାତୀୟ ଗଣମାଧ୍ୟମରେ ଆଲୋଚନା ହେଉଛି । କାରଣ ଦକ୍ଷିଣ ଭାରତରେ ନିଜର ଭୋଟବ୍ୟାଙ୍କ ବଢାଇବାକୁ ବିଜେପି ଜଣେ ଦକ୍ଷିଣ ଭାରତୀୟ ଚେହେରା ଭାବରେ ଭେଙ୍କେୟା ନାଇଡୁଙ୍କୁ ଆଗକୁ ଆଣିବାକୁ ଚାହୁଁଛି ।

## ସ୍ୱିସ୍ ବ୍ୟାଙ୍କରେ ଭାରତୀୟ ଜମା ଟଙ୍କା ବର୍ଷକ ଭିତରେ ୫୦ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ, ୧୭/୦୬ : ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ରାଶି କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବୃଦ୍ଧି ପାଇଛି । ଯାହାର ପରିମାଣ ୩୦ ହଜାର ୫୦୦ କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ୧୪ ବର୍ଷ ଭିତରେ ଏହା ଭାରତୀୟଙ୍କ ସର୍ବାଧିକ ଜମାରାଶି । ୨୦୨୧ ତୁଳନାରେ ୨୦୨୨ରେ ଜମାରାଶିରେ ୫୦ ପ୍ରତିଶତ ବୃଦ୍ଧି ହୋଇଛି । କରୋନା ସଂକ୍ରମଣ ଥମିବା ପରେ ହଠାତ୍ ଭାରତୀୟଙ୍କ ଟଙ୍କା ଏହି ବିଦେଶୀ ବ୍ୟାଙ୍କରେ ବୃଦ୍ଧି ହେବା ଆଲୋଚନାର ପ୍ରସଙ୍ଗ ହୋଇଛି । ୨୦୨୦ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ରାଶି



୨୦ ହଜାର ୭୦୦ କୋଟି ଟଙ୍କା ଥିଲା । ଜମା ରାଶିରେ ସଞ୍ଚୟ ଖାତା, ପ୍ରତିଭୂତି ଓ ଅନ୍ୟାନ୍ୟ ନିବେଶକୁ ନିଆଯାଇଛି । ଏହା ପୂର୍ବରୁ ୨୦୦୬ ମସିହାରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ସର୍ବୋଚ୍ଚ ସ୍ତରରେ ଥିଲା । ତାହା ପରେ ୨୦୧୧, ୨୦୧୩, ୨୦୧୭, ୨୦୨୦, ୨୦୨୧କୁ ବାଦ ଦେଲେ ଅନ୍ୟ ସବୁ ବର୍ଷ ଜମା ରାଶି ହ୍ରାସ ପାଇଥିଲା । ୨୦୧୯ରେ ସବୁ ବର୍ଗରେ ଜମା ରାଶି ହ୍ରାସ ପାଇଥିବା ବେଳେ ୨୦୨୧ରେ ସବୁ ବର୍ଗରେ ଜମା ବଢ଼ିଛି ବୋଲି ସ୍ୱିଜରଲ୍ୟାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ସ୍ୱିସ୍ ନ୍ୟାସନାଲ ବ୍ୟାଙ୍କ ଜାରି କରିଥିବା ତଥ୍ୟରୁ ଜଣାପଡ଼ିଛି । ସ୍ୱିସ୍ ବ୍ୟାଙ୍କରେ ସର୍ବାଧିକ ଜମା ରାଶି ରଖିଥିବା ଶ୍ରେଷ୍ଠ ୧୦ ଦେଶ ମଧ୍ୟରେ ରହିଛନ୍ତି ବ୍ରିଟେନ, ଆମେରିକା, ୱେଷ୍ଟଇଣ୍ଡିଜ, ଜର୍ମାନ, ସିଙ୍ଗାପୁର, ହଂକଂ, ଲକ୍ସମ୍ବର୍ଗ, ବାହାମାସ, ନେଦରଲ୍ୟାଣ୍ଡ, କେମ୍ୟାନ୍ ଦ୍ୱୀପ ଓ ସାଇପ୍ରସ୍ । ଭାରତ ଏହି ତାଲିକାର ୪୪ତମ ସ୍ଥାନରେ ରହିଛି । ପୋଲାଣ୍ଡ, ଦକ୍ଷିଣ କୋରିଆ, ସ୍ୱିଡ଼େନ, ବାହାରିନ୍, ଓମାନ, ନ୍ୟୁଜଲାଣ୍ଡ, ▶▶ପୃଷ୍ଠା ୭

## ୨୦ ଘଣ୍ଟା ପରେ ୧୨ ମତ୍ସ୍ୟଜୀବୀ ଉଦ୍ଧାର

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ୧୬ ଜୁନ୍ ୨୦୨୨, ଗୁରୁବାର । ସମୟ ଦିନ ୩ଟା । ସ୍ଥାନ: କେନ୍ଦ୍ରାପଡ଼ା ରାଜନଗର ବ୍ଲକ ତାଳଚୁଆ । ଖବର ଆସିଲା ଯେ, ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ଉପାସନା-୧ ନାମକ ଟ୍ରଲରଟି ନିଖୋଜ ହୋଇଯାଇଛି । ଏଥିରେ ଥିଲେ ୧୩ଜଣ ମତ୍ସ୍ୟଜୀବୀ । ସାଧାରଣ ଭାବେ ସମୁଦ୍ର ଭିତରକୁ ଯାଇଥିବା ଟ୍ରଲରରେ ଜିପିଏସ୍ ସଂଯୋଗ ରହିଥାଏ । ହେଲେ ଉପାସନା ଟ୍ରଲରର ଏହି ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହାପରେ ଖେଳିଗଲା ହଇଚଇ । ଏହାପରେ ନିଖୋଜ ଟ୍ରଲର ଓ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବାକୁ ଅପରେସନ ଆରମ୍ଭ କଲା ପାରାଦୀପ କୋଷ୍ଟଗାର୍ଡ଼ । ପ୍ରାୟ ୨୦ ଘଣ୍ଟାର ଖୋଜାଖୋଜି ପରେ ଟ୍ରଲରକୁ ଠାବ କରିବା ସହ ୧୨ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି । ଏବେବି ଜଣେ ମତ୍ସ୍ୟଜୀବୀ ନିଖୋଜ ଅଛନ୍ତି । ବେଳାଭୂମି ଠାରୁ ୨୦ କିଲୋମିଟର ଦୂରରେ ଥିବା ବେଳେ ଟ୍ରଲରେ ଉଚ୍ଚଢେଉ ପିଟିହେବା ପରେ ଟ୍ରଲର ତଳ ଭାଗ ଫାଟି ପାଣି ପଶିବା ଆରମ୍ଭ ହୋଇଥିଲା । ଏପରିକି ଏହାର କିଛି ସମୟ ପରେ ଟ୍ରଲରଟି ଓଲଟିପଡ଼ିଥିଲା । ହେଲେ ଜାଲର ଡ୍ରମକୁ ଧରି ପ୍ରାୟ ୨୦ ଘଣ୍ଟା ଭାସି ରହିଥିଲେ ଉଦ୍ଧାର ପାଇଥିବା ମତ୍ସ୍ୟଜୀବୀ ସେପଟେ ଚିଲିକା ମଝିରେ ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ଅଟକି ରହିଥିବା ଡ଼ଙ୍ଗାରୁ ଆଉ ଏକ ଡ଼ଙ୍ଗା ସାହାଯ୍ୟରେ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି ।

## ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ଭାଇଙ୍କ ଘରେ ସିବିଆଇ ରେଡ୍

ଜୟପୁର, ୧୭/୦୬ (ନି.ପ୍ର): ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲେଟଙ୍କ ଭାଇ ଅଗ୍ରସେନ ଗେହଲେଟଙ୍କ ଘରେ ଆଜି କେନ୍ଦ୍ରୀୟ ତଦନ୍ତ ସଂସ୍ଥା(ସିବିଆଇ) ପକ୍ଷରୁ ରେଡ୍ କରାଯାଇଛି । ଜୋଧପୁରର ଅଗ୍ରସେନଙ୍କ ଘରେ ଏହି ରେଡ୍? ହୋଇଛି । ଅଗ୍ରସେନ ହେଉଛନ୍ତି ଜଣେ ସାର କମ୍ପାନୀର ମାଲିକ । ସାର ଦୁର୍ନୀତି ମାମଲାରେ ସିବିଆଇ ଆଜି ତାଙ୍କ ଘରେ ଚଢ଼ାଉ କରିଥିବା ବେଳେ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଚଢ଼ାଉ କରିଥିଲା । ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଇଡି ପକ୍ଷରୁ ଜେରା କରାଯାଉଥିବା ବେଳେ ଏହାକୁ ଦେଶବ୍ୟାପି କଂଗ୍ରେସ କର୍ମୀମାନେ ବିରୋଧ କରିଛନ୍ତି । ଏହା ପରେ ଉପରୋକ୍ତ ମାମଲା ସାମ୍ନାକୁ ଆସିଛି । ଅଗ୍ରସେନ ଗେହଲେଟ ସବସିଡ୍ ସ୍ୱୀକୃତ ସାର ଗୁଡ଼ିକୁ ରପ୍ତାନୀ



କରିଥିବା ଅଭିଯୋଗ ହୋଇଛି । ୨୦୦୭ରୁ ୨୦୦୯ ମଧ୍ୟରେ କେନ୍ଦ୍ରରେ ୟୁପିଏ ସରକାର ଥିବା ବେଳେ ଏହି ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି । ମିଳଥିବା ସୂଚନା ଅନୁଯାୟୀ ୨୦୦୭ରୁ ୨୦୦୯ ମଧ୍ୟରେ ପଟାସ ସାର ଚାଲାଣରେ ବ୍ୟାପକ ହେରଫେର ହୋଇଛି । ଭାରତୀୟ ଚାଷୀଙ୍କ ପାଇଁ ରିହାତି ଉର୍ଦ୍ଦିଷ୍ଟ ଥିବା ସାରକୁ ବିଦେଶକୁ ରପ୍ତାନୀ ହୋଇଛି । ଏହି ସାର କେବଳ ଗରିବ ଲୋକଙ୍କ ଲାଗି ବ୍ୟବସ୍ଥା ହୋଇଥିଲା । କିନ୍ତୁ ଅଗ୍ରସେନ ଗେହେଲେଟ ଏବଂ ତାଙ୍କ କମ୍ପାନୀ ଅନୁପମ କ୍ରିଷି ଏଥିରେ ଘୋଟାଲା କରି ଏହି ସାରକୁ ଅଧିକ ଦରରେ ବିଦେଶକୁ ଚାଲାଣ କରିଥିବା ଅଭିଯୋଗ ହୋଇଛି । ବିଶେଷ କରି ମାଲେସିଆ ଏବଂ ଭିଏତନାମକକୁ ଏହି ସାର ଚାଲାଣ ହୋଇଛି । ଏହି ମାମଲାରେ ୨୦୨୦ରେ ଅଗ୍ରସେନ ଗେହେଲେଟଙ୍କୁ ଇଡି ଜେରା କରିଥିଲା ।

## ୨୦ ପରେ ବଢିବ ବର୍ଷା

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତକାଲି ଓଡ଼ିଶା ଛୁଇଁବା ପରେ ଶୁକ୍ରବାର ଦିନ ଓଡ଼ିଶାର ଆଉ କେତେକ ଜିଲ୍ଲାକୁ ଛୁଇଁଛି । ମୌସୁମୀର ଉତର ସୀମା ଏବେ ଓଡ଼ିଶାର ଭବାନୀପାଟଣାକୁ ଛୁଇଁଛି । ଆସନ୍ତା ୩ ଦିନରେ ମୌସୁମୀ ଆହୁରି ଅଗ୍ରଗତି କରି ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ର ଆଉ କିଛି ଅଂଶ, ବିଦର୍ଭ ଓ ଆନ୍ଧ୍ରପ୍ରଦେଶର ଅବଶିଷ୍ଟ ଅଂଶକୁ ଛୁଇଁବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଅପରପକ୍ଷରେ ମୌସୁମୀ ବାୟୁ ପ୍ରଭାବରେ ଉପକୂଳ ଓଡିଶାର କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ମୌସୁମୀ ଛୁଇଁବା ପରେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇଛି । କୋରାପୁଟରେ ସର୍ବାଧିକ ୭୬ ମିମି ବର୍ଷା ରେକର୍ଡ ହୋଇଛି । ସେହିପରି ଜି. ଉଦୟଗିରିରେ ୬୫.୪, ନବରଙ୍ଗପୁର ଓ ଫୁଲବାଣୀରେ ୪୦ ମିମି ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀ ଆହୁରି ଅଗ୍ରସର ହେବ । ୨୦ ତାରିଖ ପରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶା ଅଧିକାଂଶ ଅଂଚଳରେ ସ୍ୱଳ୍ପରୁ ମଧ୍ୟମ ଧରଣର ▶▶ପୃଷ୍ଠା ୭

## ସଂଜୟ ସିଂହ ହେଲେ ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ସଚିବ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ସଂଜୟ ସିଂହଙ୍କୁ ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ଏଥି ସହିତ ସେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଗତକାଲି ଗଂଜାମ ଜିଲ୍ଲାପାଳ ଥିବା ବିଜୟ



ଅମୃତ କୁଲାଙ୍ଗେଙ୍କୁ ବିଏମ୍‌ସି କମିଶନର ଭାବେ ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର । ସେହିପରି ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଯାମିନୀ ଷଡ଼ଙ୍ଗୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଓଏସ୍‌ଡି ଦାୟିତ୍ୱ ଦେଇଛନ୍ତି । ଶୁକ୍ରବାର ଦିନ ସାଧାରଣ ପ୍ରଶାସନ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି । ସୂଚନାଯୋଗ୍ୟ, ରାଜ୍ୟ ସରକାର ଗତକାଲି ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରିଥିଲେ । ୧୧ଟି ଜିଲ୍ଲାର ଜିଲ୍ଲାପାଳ ଓ ୩ ମହାନଗର ନିଗମର କମିଶନରଙ୍କୁ ବଦଳି ପାଇଁ ବିଜ୍ଞପ୍ତି ଜାରି କରିଥିଲେ ।

## ଆସାମ, ମେଘାଳୟରେ ପ୍ରବଳ ବନ୍ୟା

ନୂଆଦିଲ୍ଲୀ, ୧୭/୦୬ : ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ଗରମ ଅନୁଭୂତ ହୋଇଥିବାବେଳେ କିଛି ଏଭଳି ରାଜ୍ୟ ଅଛି ଯେଉଁଠି ପ୍ରବଳ ବର୍ଷା ପରେ ଲୋକେ ଅନେକ ଅସୁବିଧାର ସାମ୍ନାକରୁଛନ୍ତି । ଆସାମରେ ବର୍ଷା ଯୋଗୁ ଅନେକ ଗାଁ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ସେହିଭଳି ମେଘାଳୟରେ ମଧ୍ୟ ବର୍ଷା ପରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ସ୍ଥିତି ଲୋକଙ୍କ ଜନଜୀବନକୁ ପୂରା ପ୍ରଭାବିତ କରିରଖିଛି । ଗତ ୩ରୁ ୪ ଦିନର ବର୍ଷା ପରେ ଆସାମର ୨୫ ଜିଲ୍ଲା ପ୍ରଭାବିତ ହୋଇଛନ୍ତି । ୧୧ ଲକ୍ଷ ଲୋକ ଏଥିରେ ପ୍ରଭାବିତ



ହୋଇଥିବା ବେଳେ କିଛି ଜିଲ୍ଲାର ସ୍ଥିତି ପୂରା ସାଂଘାତିକ ସ୍ତରେ ପହଞ୍ଚିଛି । ବ୍ରହ୍ମପୁତ୍ର, ଗୌରାଙ୍ଗ, କୋପିଲି, ମାନଓ ଏବଂ ପଗଲଡିଆ ନଦୀରେ ଜଳସ୍ତର ବଢିବାପରେ ଅନେକ ସ୍ଥାନରେ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି ।

## ସେନା ନିଯୁକ୍ତିରେ ସଂସ୍କାରକୁ ବିରୋଧ ବେଳେ କଟକରେ ଲଙ୍କାକାଣ୍ଡ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ସେନାରେ ଭର୍ତି ନେଇ କେନ୍ଦ୍ରର ଅଗ୍ନିପଥ ଯୋଜନାକୁ ଜୋରଦାର ବିରୋଧ । ଆରମ୍ଭରୁ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ ଚାହୁଁ ଚାହୁଁ ହିଂସାକାଣ୍ଡରେ ବଦଳିଗଲା । ପରିସ୍ଥିତି ଏପରି ହେଲା ଯେ ପ୍ରତିବାଦକାରୀଙ୍କ ଉପରେ ପୁଲିସକୁ ଲାଠିମାଡ ବି କରିବାକୁ ପଡିଥିଲା । ବିକ୍ଷୋଭକାରୀ ରାସ୍ତାରୋକ କରିବା ସହ ରାସ୍ତା କଡ ହୋର୍ଡିଂ ଓ ଗାଡି ଭାଙ୍ଗିବାକୁ ଉଦ୍ୟମ କରିବାରୁ ବଳପ୍ରୟୋଗ କରିଥିଲା ପୁଲିସ । ଫଳରେ କଟକର କ୍ୟାଂଟନମେଂଟ ରୋଡ ସ୍ଥିତ ଆର୍ମିରିକ୍ରୁଟମେଂଟ ଅଫିସ ଅଂଚଳ ରଣକ୍ଷେତ୍ର ପାଲଟି ଯାଇଥିଲା । ପ୍ରତିବାଦକାରୀଙ୍କ କହିବା କଥା ଥିଲା, ୪ ବର୍ଷ ଚାକିରୀ ପରେ ସେ ଅଗ୍ନିବୀର କରିବ କଣ । କଟକରେ ଚାକିରୀ ଆଶାୟୀଙ୍କ ବିକ୍ଷୋଭ



ପ୍ରଦର୍ଶନ ସମୟରେ ପ୍ରତିବାଦକାରୀଙ୍କୁ କଟକ ଡିସିପି ବୁଝାଉଥିବା ଭିଡିଓ ଏବେ ଭାଇରାଲ ହେଉଛି । ସେନାରେ ଭର୍ତି ହେବା ପ୍ରସ୍ତୁତି ଚଲାଇଥିବା ବାଲେଶ୍ୱର ସୋର ଅଂଚଳ ଦୟାନିଧିପୁର ଗାଁର ଧନଞ୍ଜୟ ମହାନ୍ତି ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି । କେନ୍ଦ୍ରର ଅଗ୍ନିପଥ ଯୋଜନା ଘୋଷଣା ପରେ ସେନାରେ ଭର୍ତି ହୋଇପାରିବେ ନାହିଁ ଭାବି ସେ ଆତ୍ମହତ୍ୟା କରିଥିବା ତାଙ୍କ ସାଙ୍ଗ ଅଭିଯୋଗ କରିଛନ୍ତି । ଦୁଇ ବର୍ଷ ତଳେ ଧନଞ୍ଜୟ ସେନାରେ ଭର୍ତି ପାଇଁ ଶାରିରୀକ ଓ ଡାକ୍ତରୀ ପରୀକ୍ଷାରେ ପାସ୍ କରି ଲିଖିତ ପରୀକ୍ଷାକୁ ଅପେକ୍ଷା କରିଥିଲେ । କିନ୍ତୁ ଅଗ୍ନିପଥ ଯୋଜନା ଘୋଷଣା ପରେ ଚାକିରୀ ପାଇବେ ନାହି ଭାବି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଅଗ୍ନିପଥ ଯୋଜନାକୁ ନିଆରା ଢଙ୍ଗରେ ପ୍ରତିବାଦ । ୬୦ କିଲୋମିଟର ଦୌଡିଲେ ନବରଙ୍ଗପୁର ଜିଲ୍ଲା ଉମରକୋଟର ନରେଶ ବିଶ୍ୱାସ ।

## ଭବାନୀପାଟଣାରେ କିସ୍ ପକ୍ଷରୁ ପ୍ରତିଷ୍ଠିତ ସ୍କୁଲ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍ଫରେନ୍ସି ଜରିଆରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ କିସ୍ ପକ୍ଷରୁ ପ୍ରତିଷ୍ଠିତ ଏକ ସ୍କୁଲ ଉଦ୍‌ଘାଟନ କରିଛନ୍ତି । ଏହି ବିଦ୍ୟାଳୟରେ ୧୨୦୦ ଜନଜାତି ପିଲା ବିନା ମୂଲ୍ୟରେ ପାଠ ପଢ଼ିବାର ସୁଯୋଗ ପାଇବେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ଜିଲ୍ଲାରେ ସ୍କୁଲ ଖୋଲି ଶିକ୍ଷାର ଉନ୍ନତି ପାଇଁ, ବିଶେଷକରି ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ କିସ୍ ର ଉଦ୍ୟମକୁ ଉଚ୍ଚପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଳାହାଣ୍ଡି ଏବେ ଶିକ୍ଷା କ୍ଷେତ୍ରରେ ଆଗକୁ ବଢୁଛି । ଜିଲ୍ଲାରେ ବିଶ୍ୱ ବିଦ୍ୟାଳୟ, ସରକାରୀ ଇଂଜିନିୟରିଂ କଲେଜ ଆଦି ଜିଲ୍ଲା ପାଇଁ ନୂଆ ପରିଚୟ ସୃଷ୍ଟି କରିଛି । ଶିକ୍ଷା ହିଁ ରୂପାନ୍ତରର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଶିକ୍ଷା ଉପରେ ରାଜ୍ୟ ସରକାର ସବୁଠାରୁ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି । ୫-ଟି ଉପକ୍ରମରେ ସ୍କୁଲ ରୂପାନ୍ତରକୁ ହିଁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି । ରାଜ୍ୟରେ ୪୦୦ଟି ସ୍କୁଲର ରୂପାନ୍ତର କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଳାହାଣ୍ଡି ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ୧୨୯ଟି ସ୍କୁଲର ରୂପାନ୍ତର କରାଯାଇଛି । ରୂପାନ୍ତର ପିଲାଙ୍କ ଭିତରେ ଆଗ୍ରହ, ଉତ୍ସାହ ଓ ଭବିଷ୍ୟତ ପ୍ରତି ଦୃଢ ସଂକଳ୍ପ ସୃଷ୍ଟି କରିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ବସନ୍ତ ପଣ୍ଡା, ସାଂସଦ ସୁଜିତ କୁମାର , ବିଧାୟକ ପ୍ରଦୀପ ଦିଶାରୀ ପ୍ରମୁଖ ଯୋଗ ଦେଇ ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କ୍ଷେତ୍ରରେ କିସ୍ ର ଉଦ୍ୟମ ପାଇଁ ଏହାର ପ୍ରତିଷ୍ଠାତା ତଥା ସାଂସଦ ଡଃ ଅଚ୍ୟୁତ ସାମନ୍ତଙ୍କ ଉଚ୍ଚ ପ୍ରଶଂସା କରିଥିଲେ । କିସ୍ ର ପ୍ରତିଷ୍ଠାତା ଓ ସାଂସଦ ଡଃ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ ଓ କଳାହାଣ୍ଡି ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ହନୁମାନ କଲୋନୀ ରାସ୍ତା ଶୋଚନୀୟ

କେନ୍ଦ୍ରାପଡ଼ା,୧୭/୦୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୨୧ନଂ ୱାର୍ଡ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ମୁଖ୍ୟ ଶାଖା ନିକଟରେ ଥିବା ହନୁମାନ କଲୋନୀ ରାସ୍ତା ଅତି ଶୋଚନୀୟ ହୋଇ ପଡିଛି । କେନ୍ଦ୍ରାପଡା ମୁଖ୍ୟ ରାସ୍ତା ଠାରୁ କଲୋନୀ ପର୍ଯ୍ୟନ୍ତ ରାସ୍ତା ଟି ଅତି ଶୋଚନୀୟ ହୋଇ ଥିବାରୁ ମଟର ସାଇକେଲ ଯିବା ମଧ ଅସମ୍ଭବ ହୋଇ ପଡିଛି । ଏଥି ସହିତ ମୁଖ୍ୟ ରାସ୍ତା ଠାରୁ କଲୋନୀ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଆଲୋକୀ କରଣ ବ୍ୟବସ୍ଥା ନଥିବାରୁ ଯାତାୟତ ରେ ବହୁ ଅସୁବିଧା ହେଉଛି । ରାସ୍ତାର ପାର୍ଶ୍ୱରେ ଚିକେନ ବ୍ୟବସାୟୀ ଆଡ୍ଡା ଜମାଇ ଥିବାରୁ ପଲ ପଲ କୁକୁର ସେଠାରେ ପରିବେଶ କୁ ଦୂଷିତ କରୁଛନ୍ତି । ତୁରନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକୀ କରଣ କରିବା ସହିତ ରାସ୍ତା କୁ ପିଚୁ କରିବାକୁ ଦାବି ହେଉଛି ।

## ଅଖିଳ ଭାରତୀୟ ଗ୍ରାହକ ପଚାଂୟତ ଓଡ଼ିଶା ପଶ୍ଚିମ ପ୍ରାନ୍ତ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୧୭/୦୬ (ନି.ପ୍ର): ଅଖିଳ ଭାରତୀୟ ଗ୍ରାହକ ପଚାଂୟତ ଓଡ଼ିଶା ପଶ୍ଚିମ ପ୍ରାନ୍ତ ର କାର୍ଯ୍ୟକାରିଣୀ ବୈଠକ ବଲାଙ୍ଗିର ସଂସ୍କୃତି ଭବନ ଠାରେ ସଭାପତି ଶଶିଭୂଷଣ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ମଧ୍ୟାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବ କ୍ଷେତ୍ର ସହ ସଂଗଠନ ମନ୍ତ୍ରୀ ବଦ୍ରି ନାରାୟଣ ମହାରଣା, କେନ୍ଦ୍ରୀୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସଭାପତି ରାଧାମାଧବ ବହିଦାର, ସାଧାରଣ ସମ୍ପାଦକ ମାଣିକ ଲାଲ ବର୍ମା, ସଂଗଠନ ମନ୍ତ୍ରୀ ସତ୍ୟ ନାରାୟଣ ପଟେଲ , ରାଉରକେଲା ଜିଲ୍ଲା ସମ୍ପାଦକ ସରୋଜ କୁମାର ପତି, ସମ୍ପାଦକ ବରଗଡ଼ ତ୍ରିନାଥ କାଲସାଇ, ବଲାଙ୍ଗିର ସଭାପତି ଗୋପବନ୍ଧୁ ଶତପଥୀ ପ୍ରମୁଖ ଯୋଗଦେଇ ଆଗାମୀ ଦିନର କାର୍ଯ୍ୟକ୍ରମ ସ୍ଥିର କରିଥିଲେ । ଜୁଲାଇ ମାସରେ କେନ୍ଦ୍ରୀୟ ପ୍ରଭାରୀ ରବିକାନ୍ତ ଯାଇଶ୍ୱଲଙ୍କ ପ୍ରବାସ ଓ ବୈଠକ ପୂର୍ବରୁ ଜିଲ୍ଲା ଗୁଡ଼ିକରେ ସଂଗଠନ କାର୍ଯ୍ୟକର୍ତା ତଥା କେନ୍ଦ୍ରୀୟ ନିର୍ଦ୍ଦେଶ ମୁତାବକ ଗ୍ରାହକ ପଚାଂୟତର ଅଭ୍ୟାସ ମଣ୍ଡଳ ଗଠନ କରାଯାଇ ବିଧି ପ୍ରକୋଷ୍ଠ, ମହିଳା ଜାଗରଣ ପ୍ରମୁଖ, ପ୍ରଚାର ପ୍ରକୋଷ୍ଠ, ରୋଜଗାର ସୃଜନ, ପର୍ଯାବରଣ ଓ ନିଧି ପ୍ରକୋଷ୍ଠ ପ୍ରମୁଖ ଠିକ୍ କରିବାକୁ ଓ ପ୍ରତି ଜିଲ୍ଲାରେ ବୈଠକ କରିବାକୁ ରାଜ୍ୟର ପର୍ଯ୍ୟବେକ୍ଷକ ସ୍ଥିର କରଯାଇଥିଲା । ଆଗାମୀ ଜୁଲାଇ ପ୍ରଥମ ସପ୍ତାହରେ ବୃକ୍ଷ ରୋପଣ ପାଇଁ ସ୍ଥିର କରାଯିବା ସହିତ ଅନ୍ୟାନ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା । ବୈଠକରେ ଭ୍ରମାତ୍ମକ ବିଜ୍ଞାପନ ଉପରେ ନଜର ରଖି ଏହା ଉପରେ ଜିଲ୍ଲା ସ୍ତରରେ ପ୍ରତିବାଦ କରିବାକୁ ତଥା ସଂଗଠନ ପକ୍ଷରୁ ସେହି ଉପରେ ଜିଲ୍ଲା ଗ୍ରାହକ ସୁରକ୍ଷା ଅଧିକାରୀଙ୍କୁ ଜଣାଇବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦେବାକୁ ରାଜ୍ୟ ସଙ୍ଗଠନ ନିର୍ଦ୍ଦେଶ ଦେଇଥିଲା । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓଁକାର ଧ୍ୱନି ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥଲା । ଶେଷରେ ଶାନ୍ତି ପାଠ ପରେ ବୈଠକ ଶେଷ ହୋଇଥିଲା ।

## କୃଷି ବୀମା ଦାବିରେ ବ୍ୟାଙ୍କ୍ ଘେରାଉ ଓ ଧାରଣା

ବଲାଙ୍ଗୀର,୧୭/୦୬ (ନି.ପ୍ର): ଗତ ୨୦୧୮ ମସିହାରେ ଖରିଫ ଫସଲ କୃଷିବୀମା ପ୍ରଦାନ ଦାବୀ ନେଇ ଭାରତୀୟ କିଷାନ ସଂଘ ସଇଁତଲା ବ୍ଲକ ଶାଖା ଆନୁକୂଲ୍ୟରେ ଗୁରୁବାର ଟିକ୍ରାପଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଘେରାଉ କରିବା ସହ ଧାରଣା ଦିଆଯାଇଥିଲା । ସଂଘର ଜିଲ୍ଲା କମିଟି ସଦସ୍ୟ ମୋହନ ନାଏକ ତତ୍ତ୍ୱାବଧାନରେ ଜୁରାବନ୍ଧ ସରପଞ୍ଚ କରିସ୍ମା ନନ୍ଦ, ଟିକ୍ରାପଡା ସରପଞ୍ଚ ନରେନ୍ଦ୍ର କଲେତଙ୍କ ନେତୃତ୍ୱରେ ସୁରେଶ ଦନ୍ତା, ବଡ ରାଜପଲିଆ, ଅକ୍ଷୟ ସୁଆର, ଉଗ୍ରସେନ ରାଜପଲିଆ, ଅଲି ମାହାର, ବିଶି ବାଗ, ପଙ୍କଜ ତୁମୁନିଆ, ଅପରାଧି ଘିଭେଲା, ଲଳିତ ଯୋଶୀ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ । ଏହି ଆନ୍ଦୋଳନରେ ବଲାଙ୍ଗିର ଯୁଜିବିର ବରିଷ୍ଠ ଅଧିକାରୀଙ୍କ ସହ ଚାଷୀ ନେତାମାନେ ଆଲୋଚନା କରିଥିଲେ । କୃଷି ବୀମା ପ୍ରଦାନ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶୃତି ପ୍ରଦାନ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣା ସମୟରେ ଟିକ୍ରାପଡା ଫାଣ୍ଡି ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ ହୋଇଥିଲେ ।

## କବିତା ସଙ୍କଳନ 'ସ୍ନିଗ୍ଧ ଶିଶିର' ଲୋକାର୍ପିତ

ନୂଆପଡ଼ା,୧୭/୦୬ (ନି.ପ୍ର): ଯୁବ କବି ଚତୁର୍ଭୁଜ ସିଂହ ଦେଓଙ୍କ ପ୍ରଥମ କବିତା ସଙ୍କଳନ ସ୍ନିଗ୍ଧ ଶିଶିର ଲୋକାର୍ପିତ ହୋଇଯାଇଛି । ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ଦୁଇ ଠାରେ ଆୟୋଜିତ ସମାରୋହରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବାରିକ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ପଚ୍ଚାୟତ ନୀଳଲୋହିତ ସିଂହ ଦେବ, ବୋଡେନ ସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ସାମୁଏଲ ଦାନୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ସାହିତ୍ୟିକ ଡକ୍ଟର ସୁଶାନ୍ତ କୁମାର ବିଶି ଏବଂ ସମୀକ୍ଷକ ଭାବରେ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା କବି ଗୌରାଙ୍ଗ କୁମାର ସାହୁ ଯୋଗ ଦେଇଥିଲେ । କବି ଅଶୋକ କୁମାର ବେହେରା ସ୍ୱାଗତ ସମ୍ଭାଷଣ ଓ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କବି କୈଳାସ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ସଂଗୀତଜ୍ଞ ନନ୍ଦଲାଲ ବାରିକ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ସୁରେଶ୍ୱରୀ ବାଘ, ଗୀତାଞ୍ଜଳି ସାହୁ, ଜୟନ୍ତୀ ସାହୁ, ତେଜସ୍ୱିନୀ ନାଏକ, ନିକିତା ମହାଉତି, ସୁଜାତା ପାଣିଗ୍ରାହୀ ଓ ପ୍ରଭାସିନୀ ଯୋଷୀ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

କାର୍ଯ୍ୟକ୍ରମରେ ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ, ନବୀନ କିଶୋର ପାଢ଼ୀ, ସତୀଶ କୁମାର ପଟ୍ଟନାୟକ, ସନାତନ ମହାନ୍ତି, ଡକ୍ଟର ତରୁଣ କୁମାର ପ୍ରଧାନ, ଶିରୀ ଶଙ୍କର ବାରିକ, ଆଲୋକ କୁମାର ରଥ, ଲୋହିତାକ୍ଷ ଯୋଷୀ, ଉପେନ୍ଦ୍ର କୁମାର ପାଣିଗ୍ରାହୀ, ରମାକାନ୍ତ ସିଂହ ସାହାଣୀ ସମେତ ଶତାଧିକ ସାହିତ୍ୟିକ ତଥା ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ ।

## ରେଳ ପ୍ରକଳ୍ପର ସମୀକ୍ଷା କଲେ ଡିଆରଏମ

ଜୟପୁର ,୧୭/୦୬ (ନି.ପ୍ର): କୋରାପୁଟ ଓ ଜୟପୁର ରେଳ ଷ୍ଟେସନ୍ ପରିଦର୍ଶନ କରି ଫେରିଛନ୍ତି ୱାଲ୍ଟିୟର ଡିଭିଜନ ଡିଆରଏମ୍ ଅନୁପ କୁମାର ଶତପଥୀ । ବହୁ ପ୍ରତୀକ୍ଷିତ ଜୟପୁର ନବରଙ୍ଗପୁର ଓ ଜୟପୁର ମାଲକାନଗିରି ରେଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୁର୍ବରୁ ଷ୍ଟେସନର କେଉଁ ସବୁ ପରିବର୍ତ୍ତନ ହେବ ସେ ନେଇ ସମୀକ୍ଷା କରିଛନ୍ତି । ଜୟପୁର ଉପଜିଲ୍ଲାପାଳ ଓ ସ୍ୱତନ୍ତ୍ର ଭୁ ଅର୍ଜନ ଅଧିକାରୀ ଡିଆରଏମଙ୍କ ନିକଟରେ ସମସ୍ତ ତଥ୍ୟ ଉପ୍ଥାପନ କରିଥିବା ବେଳେ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥଲେ । ଜୟପୁର ନବରଙ୍ଗପୁର ଓ ଜୟପୁର ମାଲକାନଗିରି ଜିଲ୍ଲା କୁ ରେଳ ଲାଇନ ସଂଯୋଗୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିଲେ । ଏଥିପାଇଁ ରାଜ୍ୟ ସରକାର ସମସ୍ତ ଭିତ୍ତିଭୂମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଜମି ଅଧିଗ୍ରହଣ କାର୍ଯ୍ୟ ମଧ ଆରମ୍ଭ ହୋଇଛି । ଯାହାକୁ ନେଇ ସନ୍ତୁଷ୍ଟ ପ୍ରକାଶ କରିଛନ୍ତି ଆଞ୍ଚଳିକ ରେଳ ପରିଚାଳକ ।

## ରଥଯାତ୍ରା ପାଇଁ ପୋଲିସ ବ୍ୟବସ୍ଥାର ସମୀକ୍ଷା

ପୁରୀ,୧୭/୦୬ (ନି.ପ୍ର): ଜୁଲାଇ ୧ରେ ପବିତ୍ର ଶ୍ରୀଗୁଣ୍ଡିଚାଯାତ୍ରା । ଏଥର ଭକ୍ତ ଯୁକ୍ତ ରଥଯାତ୍ରା । ସ୍ନାନପୂର୍ଣ୍ଣମୀ ଦିନ ଅଧିକ ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିବେ । ଏଥିପାଇଁ ଅଧିକ ଯାତ୍ରୀ ପୁରୀ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଆଜି ଏସପିଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସମୀକ୍ଷା ବୈଠକରେ ଅତିରିକ୍ତ ଡ଼ିଜି (ଆଇନ ଶୃଙ୍ଖଳା ) ରାଧାକୃଷ୍ଣ ଶର୍ମାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଜନଗହଳି ନିୟନ୍ତ୍ରଣ କରିବା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ରଥଟଣା, ଟ୍ରାଫିକ ପରିଚାଳନା, ଭିଆଇପିଙ୍କ ଦର୍ଶନ ଓ ସୁରକ୍ଷା, ସିସିଟିଭି କାର୍ଯ୍ୟ, ବେଳାଭୂମିରେ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାସହ ଗୁଣ୍ଡିଚାଯାତ୍ରା ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଅଧିକ ସଂଖ୍ୟକ ପୋଲିସ ମୁତୟନ ହେବେ । ମନ୍ଦିର ଭିତର ଓ ବାହାର,ସହର ଭିତର ଓ ବାହାର, ସମୁଦ୍ରକୂଳ, ସହରର ପ୍ରବେଶ ପଥରେ ପୋଲିସ ଜଗି ରହିବେ । ଯାନବାହାନ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ରୁଟ୍ ଚାଟ କରାଯିବ । ଭକ୍ତମାନେ ଶୃଙ୍ଖଳିତ ଦର୍ଶନ, ରଥଟାଣିବା ସହ କିପରି ସୁବିଧାରେ ଫେରିବେ ସେ ସମ୍ପର୍କରେ ଆଲୋଚାନା ହୋଇଥିଲା । ୩ଜଣ ଆଇଜି, ୩ଜଣ ଡ଼ିଆଜି, ଏସପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ରଥଯାତ୍ରାକୁ ଶୃଙ୍ଖଳିତ ସୁରକ୍ଷା ବ୍ୟବସ୍ଥା କରାଯିବ । ସିସିଟିଭିରୁ ସହରର ଗହଳିକୁ ନିୟନ୍ତ୍ରଣ କରାଯିବ । ସହରର ବିଭିନ୍ନ ସ୍ଥାନରେ ସାଧା ପୋଷାକଧାରୀ ପୋଲିସ ପଇଁତରା ମାରିବେ । ଡ଼ଗସ୍କ୍ୱାର୍ଡ଼ ଓ ବମ୍ସ୍କ୍ୱାର୍ଡ଼ ସହରର ବିଭିନ୍ନ ସନ୍ଦେହଜନକ ସ୍ଥାନରେ କାର୍ଯ୍ୟ କରିବେ । ସମୁଦ୍ରକୂଳେ ହାଇପାୱାର ବାଇନାକୁଲରେ ନିରିକ୍ଷଣ କରାଯିବ । ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ଉଚ୍ଚ କୋଠାରେ ପୋଲିସ ତୀକ୍ଷ୍ଣ ନଜର ରଖିବ । ସନ୍ଦେହଜନକ ବ୍ୟକ୍ତିଙ୍କ ସମ୍ପର୍କରେ ଖବର ପାଇଲେ ପୋଲିସ ତତକ୍ଷଣାତ ସେଠାରେ ପହଂଚିବ । ପୁରୀର ପ୍ରବେଶପଥ ମଙ୍ଗଳାଘାଟ, ବାଲିଘାଟ, ଅଠରନଳାଘାଟ, ହରେକୃଷ୍ଣପୁର ଛକ ଓ ନୂଆନଇ ଛକରେ ସ୍ୱତନ୍ତ୍ର ଚେକିଂ ବ୍ୟବସ୍ଥା କରାଯିବ । ସହରର ବିଭିନ୍ନ ଛକ ସ୍ଥାନରେ ପୋଲିସ ଜଗି ରହିବ । ଏହି ବୈଠକରେ ଆଇଜି ଅମିତାଭ ଠାକୁର, ସତ୍ୟବ୍ରତ ଭୋଇ, ଆଇଜିପି (ଅପରାଧ) ନରସିଂହ ଭୋଳ, ଏସପି ଡ଼ଃ କେ. ବିଶାଲ ସିଂହ, ଆଇଜିପି ମୁଖ୍ୟାଳୟ ଏସ.ଦେବଦତ ସିଂହ, ଡ଼ିଆଇଜିପି (ଏସଟିଏଫ) ଜେ.ଏନ.ପଙ୍କଜ, ଅନିରୁଦ୍ଧ କୁମାର ସିଂହ ,ଏସପି ଡ଼ଃ ଉମାଶଙ୍କର ଦାଶ, ଆଡ଼ସିନାଲ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶ୍ରୀମନ୍ଦିର ଡ଼େପୁଟି କମାଣ୍ଡାଟ କେ,କେ ନାୟକ, ଆଡ଼ସିନାଲ ଏସପି ମିହିର ପଣ୍ଡାଙ୍କ ସମେତ ରାଜ୍ୟ ଓ ଜିଲ୍ଲାର ଅନେକ ବରିଷ୍ଠ ପୋଲିସ ଅଧିକାରୀ ଯୋଗ ଦେଇଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହ ନବୀକରଣ କାହା ସ୍ୱାର୍ଥରେ ?

କେନ୍ଦ୍ରାପଡ଼ା,୧୭/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦ୍‌ଭାବନା ଗୃହର କାର୍ଯ୍ୟ ବର୍ତ୍ତମାନ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ କରାଯାଉଛି । ଏହି ନିର୍ମାଣ କାର୍ଯ୍ୟରେ ପ୍ରାୟ ୫ରୁ ୧୦ ଲକ୍ଷ ଟଙ୍କା ଯାଏ ବ୍ୟୟ ଅଟକଳ ରଖାଯାଇଛି । ଉକ୍ତ ଗୃହରେ ଜିଲ୍ଲା ସ୍ତରୀୟ ବୈଠକ ସହିତ ପ୍ରଶାସନିକ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥାଏ । ରେଘୁଜୀ ଜିଲ୍ଲାପାଳ ଥିବା ସମୟରେ ଉକ୍ତ ଘରର ଚଟାଣ ଟାଇଲ କରାଯିବା ସହିତ ସିଲିଂ ଏବଂ ନୂତନ ଚେୟାର ଓ ଟେବୁଲର ବ୍ୟବସ୍ଥା କରାଯାଇ ଥିଲା । ମାତ୍ର ଦିନ କେଇଟା ପରେ ଏହି ଘରର ଅବସ୍ଥା ଅପରିବର୍ତ୍ତିତ ଥିବାବେଳେ ଏବଂ କାମରେ କୌଣସି ତ୍ରୁଟି ନଥାଇ ସବୁ ଠିକ୍‌ଠାକ ଥିବାବେଳେ ବର୍ତ୍ତମାନର ଜିଲ୍ଲାପାଳ ଏହି ଘରର ମରାମତି ପାଇଁ ବ୍ୟୟବହୁଳ, ବ୍ୟୟ ଅଟକଳ କରାଇ ଘରର ଟାଇଲ, ସିଲିଂ, ଏବଂ ୱାଲ ଟାଇଲ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯାହା ଫଳରେ କି ଏହି କାର୍ଯ୍ୟରେ ସିଲିଂ, ଟାଇଲ, ଇଲେକ୍ଟ୍ରିକ, ରଙ୍ଗଚୂନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ପ୍ରାୟ ୫ଲକ୍ଷରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଲକ୍ଷ୍ୟ ରଖାଯାଇଛି । ଏଠାରେ ସୂଚନା ଯୋଗ୍ୟ କି ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରାୟ ୮ ମାସରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାପାଳଙ୍କ କାର୍ଯ୍ୟକୁ ନଆସି ନିଜ ଆବାସିକ କାର୍ଯ୍ୟାଳୟରେ ବସି କାର୍ଯ୍ୟ କରୁଥିବା ବେଳେ ଏହି ସଦ୍‌ଭାବନା ଗୃହ ନିମନ୍ତେ ଏତେ ଟଙ୍କା ବ୍ୟୟ ଅଟକଳରେ କାହିଁକି ଖର୍ଚ୍ଚ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଜିଲ୍ଲାର ରାସ୍ତାଘାଟର ଅବସ୍ଥା ଅନେକ ଜାଗାରେ ଶୋଚନୀୟ ଥିବାବେଳେ କେଉଁ ଆଧାରରେ ଏତେ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହ ନବନିର୍ମାଣ କରାଯାଉଛି ତାହା ସବୁ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ?

## ବୀରଚକ୍ର ନାଏବ ସୁବେଦାର ସହିଦ ନୁଦୁରାମ୍ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଶୁଭ ଅନାବରଣ ଉତ୍ସବ

ରାଇରଙ୍ଗପୁର,୧୭/୦୬ (ନି.ପ୍ର): ସ୍ଥାନୀୟ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ବୀରଚକ୍ର ସହିଦ ନାଏବ ସୁବେଦାର ନୁଦୁରାମ୍ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିର ଅନାବରଣ ଉତ୍ସବ ଆୟୋଜିତ ହୋଇଯାଇଛି । ଆଜି ପ୍ରଭାତରୁ ନୁଦୁରାମଙ୍କ ଜନ୍ମ ମାଟି ବଡଚମ୍ପାଉଦାରେ ଥିବା ସମାଧି ସ୍ଥଳରୁ ଏକ ମଶାଲ ଶୋଭାଯାତ୍ରା ବାହାରି ରାଇରଙ୍ଗପୁର ସହର ପରିକ୍ରମା କରିଥିଲା । ପୂର୍ବାହ୍ନ ୧୧ଟା ସମୟରେ ସାଂସ୍କୃତିକ ନୃତ୍ୟ ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପ୍ରତିମୂର୍ତି ସ୍ଥଳକୁ ପାଛୋଟି ନିଆଯାଇଥିଲା । ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ନୁଦୁରାମଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିର ଅନାବରଣ କରିଥିଲେ । ପରେ ପରେ ରଞ୍ଜନ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବାଙ୍ଗିରିପୋଷି ସୁଦାମ ମାର୍ଣ୍ଡି, ସମ୍ମାନୀତ ଅତିଥି ଭାବେ ବିଧାୟକ ମୋରଡା ରାଜକିଶୋର ଦାସ, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ରାଇରଙ୍ଗପୁର ପୌରପରିଷଦର ଅଧକ୍ଷ ଅଭିଷେକ ପଟ୍ଟନାୟକ, ଉପାଧକ୍ଷା ମମିତା ଚୌଧୁରୀ, ୧୬- ବିହାର ରେଜିମେଂଟର କ୍ୟାପଟେନ ଧାନଚାନ୍ଦ ପ୍ରଧାନ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦାଃ, ସମାଜସେବୀ ଦିଲ୍ଲୀପ ସାହୁ, ସହିଦ ନୁଦୁରାମ୍ ସୋରେନ ମେମୋରିଆଲ ଟ୍ରଷ୍ଟ ର ପ୍ରତିଷ୍ଠାତା ଟ୍ରଷ୍ଟି ତଥା ନୁଦୁରାମଙ୍କ ଧର୍ମପନ୍ନୀ ଲକ୍ଷ୍ମିମଣି ସୋରେନ, ମୁଖ୍ୟ ପରିଚାଳନା ଟ୍ରଷ୍ଟି ମନୋରଞ୍ଜନ ହାଁସଦାଃ ପ୍ରମୁଖ ମଂଚାସୀନ ରହି ସହିଦ ନୁଦୁରାମଙ୍କ ବୀରତ୍ୱର ଗାଥା ଉପସ୍ଥାପନ କରିବା ସହ ପ୍ରତିମୂର୍ତି ପ୍ରତିଷ୍ଠା ପଛରେ ରାଜ୍ୟ ସରକାରଙ୍କ ଅବଦାନ ଏବଂ ବିଶେଷ କରି ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ । ସେନା ବିଭାଗ ତରଫରୁ ନୁଦୁରାମଙ୍କ ଧର୍ମପନ୍ନୀଙ୍କୁ ଏକ ସ୍ମୃତି ସ୍ମାରକ ଫଳକ ପ୍ରଦାନ କରାଯାଇଥିଲା ।

ସୂଚନା ଥାଉକି, ୧୬.୬.୨୦୨୦ ରିଖ ଦିନ ଗଲୱାନ ଘାଟିରେ ଚୀନ ସେନା ସହ ତୁମୁଳ ସଂଘର୍ଷରେ ସହିଦ ନୁଦୁରାମ୍ ନିଜ ଦେଶ ପାଇଁ ପ୍ରାଣବଳି ଦେଇଥିଲେ । ତାଙ୍କର ଏହି ବୀରତ୍ୱ ପ୍ରଦର୍ଶନ ପାଇଁ ଭାରତ ସରକାର ତାଙ୍କୁ ବୀରଚକ୍ର ଉପାଧିରେ ଭୂଷିତ କରିଛନ୍ତି । ଆଜି ଠିକ୍ ଦୁଇ ବର୍ଷ ପରେ ୧୬.୦୬.୨୨ରିଖ ଦିନ ନୁଦୁରାମଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ କରାଯାଇଛି । ସଭାରେ ରାଇରଙ୍ଗପୁର ପୌରପରିଷଦର ଅଧକ୍ଷ ଶ୍ରୀ ପଟ୍ଟନାୟକ ପରିଷଦର କାଉନସିଲର ମାନଙ୍କ ଦ୍ୱାରା ସମସ୍ତ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସ୍ଥାନୀୟ ପ୍ରଶାସନ, ପୂର୍ତ ଓ ଗୃହନିର୍ମାଣ ବିଭାଗ, ମ୍ୟୁନିସିପାଲିଟି, ପୋଲିସ ବାହିନୀ ଓ ଅନ୍ୟାନ୍ୟ ବିଭାଗର ସକ୍ରିୟ ସହଯୋଗରେ ପ୍ରତିମୂର୍ତି ସ୍ଥାପନ ସହ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଉଭୟ ମଶାଲ ଶୋଭାଯାତ୍ରା ଏବଂ ଶୋଭାସ୍ଥଳୀରେ ବହୁ ସଂଖ୍ୟକ ନୁଦୁରାମ୍ ପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୋର କମିଟିର ସଦସ୍ୟ ଗଣେଶ ମିଶ୍ର, ମୁଚିରାମ ମାଝୀ, ବିଜୟ ରାମ, ରଞ୍ଜନ କୁମାର ନନ୍ଦ, ପ୍ରମୋଦ ମହାନ୍ତ, ଧର୍ମପଦ ମହାନ୍ତ, ରାଜେନ୍ଦ୍ର ମାଝୀ, ମଙ୍ଗଲ ସୋରେନ, ବାଇଜୁ ସୋରେନ, ଟ୍ରଷ୍ଟ ର ସଦସ୍ୟ ଡମାନ ସୋରେନ, ଦାସମାତ ସୋରେନ, ପଙ୍କଜ ଦାସ, ଟ୍ୟାକ୍ସି ଷ୍ଟାଣ୍ଡର ସଦସ୍ୟ, ମହିଳା କଲେଜ ଏନ.ଏସ.ଏସ ସ୍ୱେଚ୍ଛାସେବୀ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପକ ବିଜୟ ରାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟଣେଶ୍ୱରୀ ମନ୍ଦିର ଗର୍ଭଗୃହ ମରାମତି ପ୍ରସଙ୍ଗ

ବଲାଙ୍ଗିର,୧୭/୦୬ (ନି.ପ୍ର): ପାଟଣେଶ୍ୱରୀ ମନ୍ଦିରର ଦୀର୍ଘ ବର୍ଷ ହେଲାଣି ମରାମତି ସମ୍ବନ୍ଧରେ ବିଗତ ବର୍ଷ ହେଲାଣି । ଦେବୋତର ବିଭାଗକୁ ଏ ବିଷୟରେ ଲିଖିତ ଭାବେ ପ୍ରଦାନ କରିଥିବା ବେଳେ ଦେବୋତର ବିଭାଗ ପାଖରେ କୌଣସି ତଥ୍ୟ ସୂଚନା ନ ଥିବା ଦର୍ଶାଇ ଗତ ୪.୦୬.୨୦୨୨ ପତ୍ର ନଂ.୧୬୮୫ ଏ ଦିନ ଦେବୋତ୍ତର ବିଭାଗ ଚିଠି ପ୍ରଦାନ କରିଥିଲେ । ଗତ ୮ ତାରିଖ ଦିନ ୧୦ଟା ସମୟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଥିଲା । ଦେବୋତ୍ତର ବିଭାଗ ମନ୍ଦିରର ବର୍ଷା ପାଣି ଓ ବିଭିନ୍ନ ସମସ୍ୟାକୁ ନେଇ ଏ ବିଷୟରେ ପ୍ରମାଣ ସଂଗ୍ରହ ପାଇଁ ପୂଜକଙ୍କୁ ମାଗିଥିଲେ । ୭ ଦିନ ମଧରେ ପୂଜକଙ୍କୁ କୈଫୟତ ମାଗିଥିଲେ । ଏ ବିଷୟରେ ଆଜି ଉପଜିଲ୍ଲାପାଳ ତଥା କାର୍ଯ୍ୟାନିର୍ବାହୀ ଅଧିକାରୀ ଦେବୋତ୍ତର ବଲାଙ୍ଗିର କାର୍ଯ୍ୟାଳୟ ଯାଇ ରିପୋର୍ଟ ପ୍ରଦାନ କରିଛନ୍ତି ପୂଜକ ମଳୟ ଦିସ୍ରୀ । ଗମ୍ଭିରଘରର ଫାଟ ସୃଷ୍ଟି ତଥା ୨୦୨୧ ରେ ବର୍ଷା ପାଣି ଜମା ହୋଇଥିବା ଫଟୋ, ମାଁ ପାଟଣେଶ୍ୱରୀ ଭୋଗ ମଣ୍ଡପ ନ ଥିବାରୁ ରୋଷେଇ ଘର ଫଟୋ, ସବାୟତ ଙ୍କ ସବୁ ଘର ବିପଦ ଅବସ୍ଥାରେ ଅଛି, ପରିକ୍ରମା ମଣ୍ଡପ ବିପଦମୁଖ ଅବସ୍ଥା ର ଫଟୋ କିଛି ତଥ୍ୟ ଫଟୋ ପ୍ରଦାନ କରିଛନ୍ତି । ଏହାର ଏକ ନକଲ ଜିଲ୍ଲାପାଳଙ୍କୁ ପ୍ରଦାନ କରାହୋଇଥିବା ବେଳେ ଦେବୋତ୍ତର ଆୟୁକ୍ତ କମିଶନରଙ୍କୁ ମଧ ପ୍ରଦାନ କରାଯାଇଛି । ପୂଜକ ସୂଚନା ଦେଇଛନ୍ତି ଯେ ବିଭାଗୀୟ ଦୋଷ ଲୁଚାଇବା ପାଇଁ ଘରର ସମସ୍ୟାକୁ ନେଇ ବାହାର ପ୍ରକଟ କରୁଛନ୍ତି ଯାହାକି ଆମ ଘର କଥା । କିନ୍ତୁ ମନ୍ଦିର ଦୋଷ ଲୁଚାଇବା ପାଇଁ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ ପୂଜକଙ୍କ ଉପରେ ଦୋଷ ଲଗାଇ ଦେବା ଏ କି ଯୁକ୍ତି । କିଛି ଦିନ ପୂର୍ବେ ବଲାଙ୍ଗିରର ବୁଦ୍ଧିଜିବୀ ଏ ବାବଦରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଗଣମାଧମରେ ଖବର ପ୍ରସାରଣ ହେଲା ପରେ ତାହା ସଂଗ୍ରହ କରି ଏକ ଚିଠି ଦେବୋତ୍ତର କମିଶନରଙ୍କୁ ଚିଠି ପ୍ରଦାନ କରିଥିଲି ବୋଲି ପୂଜକ କହିଛନ୍ତି । ଆଗାମୀ ଦିନରେ ଦୋଷ ଲୁଚାଇବା ପାଇଁ ଦେବୋତ୍ତର ବିଭାଗ ପାରିବାରିକ ହିଂସା ଦେଖାଇ ମନ୍ଦିରକୁ ମରାମତି କରୁନାହାନ୍ତି । ତାହା ଦୁଃଖର ବିଷୟ । ଆଗାମୀ ଦିନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ବଲାଙ୍ଗିରବାସୀଙ୍କୁ ନିବେଦନ କରିଛନ୍ତି ।

## ବିଦେଶୀ ମଦ ବୋତଲରେ ନକଲି ମଦ: ଜଣେ ଗିରଫ

ଜୟପୁର,୧୭/୦୬ (ନି.ପ୍ର): ବିଦେଶି ମଦ ବୋତଲ ଓ ଷ୍ଟିକର ଲଗାଇ ବୋତଲରେ ନକଲି ମଦ ଭର୍ତି କରି ଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ବିଭାଗ ଚଢଉ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ପୁଟ୍ରା ଗ୍ରାମର ସୁରେନ୍ଦ୍ର ଭୁମିଆ । ଜୟପୁର ଅବକାରୀ ବିଭାଗର ସୂଚନା ଅନୁଯାୟୀ, ପୁଟ୍ରା ଗ୍ରାମର ସୁରେନ୍ଦ୍ର ଭୁମିଆ ବିଦେଶି ମଦ ଓ ଷ୍ଟିକର ଲଗାଇ ବୋତଲରେ ନକଲି ମଦ ଭର୍ତି କରି ଚାଲାଣ କରୁଥିବା ବେଳେ ଅବକାରି ବିଭାଗ ଚଢଉ କରିଛି । ୨୪ଟି ନକଲି ମଦ ବୋତଲ ଜବତ କରିଛି । ୨୪ଟି ବୋତଲରେ ୪ ଲିଟର ୩୨୦ ମିଲିମିଟର ନକଲି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ଚଢଉରେ ଅବକାରୀ ନିରିକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ ।

## ସ୍ୱରୂପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର,୧୭/୦୬ (ନି.ପ୍ର): 'ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକର ତମ୍ବାହରା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପିଠାଗୋଳା ଗ୍ରାମ ପଂଚାୟତର ଯୁବ ସରପଂଚ ଦିଗାମ୍ବର ନାୟକ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ନାୟକ ଉଦ୍‌ବୋଧନ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରସ୍ପର ମଧରେ ଏକତା ଓ ଭାଇଚାରା ପ୍ରତିଷ୍ଠା କରିବାର ଏକ ବଳିଷ୍ଠ ମାଧମ ବୋଲି ଦର୍ଶାଇବା ସହିତ ସ୍ୱରୂପ ଅନୁଷ୍ଠାନର ଏପରି ପ୍ରୟାସକୁ ଭୂୟସି ପ୍ରଶଂସା କରିଥିଲେ । ଗ୍ରାମାଂଚଳରେ କଳାକାର ମାନଙ୍କ ମଧରେ ଲୁଚି ରହିଥିବା ଅର୍ନ୍ତନିହିତ ପ୍ରତିଭାର ବିକାଶରେ ଏହି ଅନୁଷ୍ଠାନ ଅଗ୍ରଣୀ ଭୂମିକା ନିଭାଉଥିବାରୁ ସାଧୁବାଦ୍ ଜଣାଇଥିଲେ । ଏତଦ୍‌ବ୍ୟତୀତ ଗାଁ ଗହଳିରେ ଲୁଚି ଯାଉଥିବା ବିଭିନ୍ନ ଲୋକକଳା ଓ ଲୋକନୃତ୍ୟକୁ ପୁର୍ନଉଦ୍ଧାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ନୃତ୍ୟ, ସାଦ୍ରି, ଭୋଜ୍‌ପୁରୀ, ସାନ୍ତାଳି, ଓଡିଶୀ ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଷ୍ଟର ବିଜୟ କୁମାର ପାତ୍ର, ଲୁଲୁ ମହାନ୍ତ, ଚକ୍ରଧର ପାତ୍ର, ଟୀକି ମୁଣ୍ଡା, ଚିନୁ ପାତ୍ର, ବର୍ଷା ମହାରଣା, ଲକ୍ଷ୍ମୀପ୍ରିୟା ସାହୁ ପ୍ରଭୃତିଙ୍କ ନୃତ୍ୟ ପରିବେଷଣରେ ଦର୍ଶକ ବିଭୋର ହୋଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପାତ୍ର ସଭାପତିତ୍ୱ କରିଥିବା ବେଳେ ସଂପାଦିକା ଜ୍ୟୋସ୍ନାରାଣୀ ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ସଭ୍ୟ ଶ୍ରୀ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏତଦ୍‌ବ୍ୟତୀତ ଅନ୍ୟମାନଙ୍କ ମଧରେ କୃଷ୍ଣଚନ୍ଦ୍ର ମୁଣ୍ଡା, ରାମଚନ୍ଦ୍ର ମୁଣ୍ଡା, ବିସ୍ମର ମୁଣ୍ଡା, କ୍ଷମାଞ୍ଜଳି ପାତ୍ର, ଶ୍ରୀଧର ମହାନ୍ତ, ସୁଶାନ୍ତ ମହାନ୍ତ, ମଙ୍ଗଳି ପାତ୍ର ଓ ଚଗୁଲୁ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସୁବର୍ଣ୍ଣପୁରରେ ଅର୍ଥ ମନ୍ତ୍ରୀ ଓ ମନମୁଣ୍ଡାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର,୧୭/୦୬ (ନି.ପ୍ର): ସୁବର୍ଣ୍ଣପୁର ପୂର୍ତ ବିଭାଗ ବଙ୍ଗଳା ଠାରେ ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଶାଖା ପକ୍ଷରୁ ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୁଜାରୀଙ୍କୁ ଓ ସନ୍ଧ୍ୟା ୬ ଟା ରେ ମନମୁଣ୍ଡା ପୂର୍ତ ବିଭାଗ ଡାକ ବଙ୍ଗଳା ଠାରେ ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ, ପାନୀୟଜଳ ଯୋଗାଣ, ଜଙ୍ଗଲ ଓ ପଚାଂୟତରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉଭୟ ମନ୍ତ୍ରୀଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

କାର୍ଯ୍ୟରତ ସାମ୍ବାଦିକଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ଆଗାମୀ ବିଧାନସଭା ଅଧିବେଶନରେ ସାମ୍ବାଦିକ ମାନଙ୍କ ସକାଶେ "ସାମ୍ବାଦିକ ସୁରକ୍ଷା ଆଇନ " ବିଲ୍ କୁ ତୁରନ୍ତ କାର୍ଯ୍ୟକାରୀ କରିବା, ନିଜ ଜୀବନକୁ ବାଜି ଲଗାଇ ଦେଶର ସୁରକ୍ଷା ଓ ସମ୍ମାନ ପାଇଁ ୨୪ ଘଂଟା କାର୍ଯ୍ୟ କରୁଥିବା ଓ ଲୋକଙ୍କ ପ୍ରକୃତ ସମସ୍ୟା ସରକାରଙ୍କୁ ଆଗୁଆ ଅବଗତ କରୁଥିବା ଓ ସତ୍ୟ ଖବର ପରିବେଷଣ କରି ବିଭିନ୍ନ ସମୟରେ ନିର୍ଯ୍ୟାତିତ ହେଉଥିବା କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ କଠୋର ଦଣ୍ଡ ବିଧାନ ଆଇନ ପ୍ରଣୟନ କରିବା, ଏକ୍ରିଡ଼ିଏସନ୍ ନିୟମ ପରିବର୍ତ୍ତନ କରିବା, ଯାତାୟତ ସମୟରେ ବସ ଓ ଟ୍ରେନରେ ରିହାତି ସୁବିଧା ପ୍ରଦାନ କରିବା ପ୍ରମୁଖ ଦାବି ସବୁ ଏହି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । ଓଡିଶା ସାମ୍ବାଦିକ ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର ଓ ରାଜ୍ୟ ସମ୍ପାଦକ ରାଜକିଶୋର ତ୍ରିପାଠୀଙ୍କ ନେତୃତ୍ୱରେ ସୁବର୍ଣ୍ଣପୁର ଜିଲ୍ଲା ସଭାପତି ମନୋରଞ୍ଜନ ତ୍ରିପାଠୀ, ସମ୍ପାଦକ ମହାଦେବ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳକମଳ ମିଶ୍ର, ବରିଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନ, ଆର୍ତତ୍ରାଣ ପାଣିଗ୍ରାହୀ, ଲକ୍ଷ୍ମେନ୍ଦ୍ର ବେଜ, ତରଣୀ ମେହେର, ଉଗ୍ରସେନ କର୍ମୀଙ୍କ ସମେତ ବୌଦ୍ଧ ଜ୍ଲିଲ୍ଲାର ଅବୁ ବକର ଖାଁ ଓ ଉଭୟ ଜ୍ଲିଲ୍ଲାର ବିଭିନ୍ନ ଗଣମାଧମ ପ୍ରତିନିଧି ଏହି ଦାବୀ ପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ । ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଅମାତଙ୍କ ସହିତ ମୁଖ୍ୟତଃ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ସାମ୍ବାଦିକ ସୁରକ୍ଷା ଉପରେ ଆଲୋଚନା କରିଥିଲେ । ଏହି ଦାବି ସମୂହ ଉପରେ ଗୁରୁତର ସହ ବିଚାର କରି ଖୁବ ଶୀଘ୍ର ସମାଧାନ କରିବାକୁ ମନ୍ତ୍ରୀ ଶ୍ରୀ ଅମାତ ସାମ୍ବାଦିକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ମୃତ ଜଙ୍ଗଲ ପାଇଲା ପୁନର୍ଜୀବନ



ବ୍ରାଜିଲର ଆଟଲାଣ୍ଟିକ୍ ପକୂଳଠାରୁ ସତୁରି ମାଇଲ ଭିତରେ ମିନାସ ଗେରିସ ଅବସ୍ଥିତ । ଏହି ଅଞ୍ଚଳର ରିଓ ଡୋସ୍ ଉପତ୍ୟକା ଏକଦା ସବୁଜିମାମୟ ଥିଲା; ବହୁ ପ୍ରଜାତିର ବୃକ୍ଷ ଓ ପ୍ରାଣୀଙ୍କ ବାସସ୍ଥାନ । କାଳକ୍ରମେ ମଣିଷ ହାତରେ ଉଜୁଡ଼ିଯାଇଥିଲା ସବୁଜିମା । ୨୦୦୧ ବେଳକୁ ଗୋଟି, ଅଧେ ବୃକ୍ଷ ଛଡ଼ା ଆଉ କିଛି ନଥିଲା । ଏବେ ଅଠର ବର୍ଷ ପରେ ମୃତ ଜଙ୍ଗଲ ପାଇଛି ପୁନର୍ଜୀବନ। ପରିବର୍ତ୍ତନ ଦେଖିପାରନ୍ତି ଫଟୋରେ । ଆଉ ଏହା ସଂଭବ ହୋଇପାରିଛି । ବିଶ୍ୱ ସ୍ତରରେ ପ୍ରତିଷ୍ଠିତ ଫଟୋଗ୍ରାଫର ସେବାସଟିଓ ରିବି ଏରୋ ସାଲଗୋଡୋ ଏବଂ ତାଙ୍କ ପତ୍ନୀ ଲିଲିଆ ଡିଲ୍ୟୁଇଜ ୱାନିକ୍ ସାଲଗାଡୋଙ୍କ ଅନବରତ ଉଦ୍ୟମରୁ । ସେବାସଟିଓଙ୍କ ଜନ୍ମ ହୋଇଥିଲା ରିଓ ଡୋସରେ । ସେ ବଢ଼ିଥିଲେ ମଧ୍ୟ ସେହିଠାରେ । ତାଙ୍କ ପରିବାରର ମାଲିକାନରେ ଥିଲା ୧୭୫୦ ଏକରର ଫାର୍ମ । ତେବେ, ଫାର୍ମରେ ତାଙ୍କର କୌଣସି ରୁଚି ନଥିଲା । ପେସାଦାର ଫଟୋଗ୍ରାଫର ବନିବା ପାଇଁ ସେ ସହରାଞ୍ଚଳକୁ ଆସିବା ପରେ ବହୁ ବର୍ଷ ଯାଏ ଗ୍ରାମଠାରୁ ଦୂରେଇରହିଥିଲେ । ଘଟନାକ୍ରମେଯାଇଥିଲେ ରୁଆଣ୍ଡା । ସେଠାରେ ଯୁଦ୍ଧର ବିଭୀଷିକା ଏବଂ ଗଣହତ୍ୟା ଦ୍ୱାରା ବ୍ୟଥିତ ହୋଇ ଶେଷରେ ଫେରିଥିଲେ ଗ୍ରାମକୁ । ସେତେବେଳକୁ ସବୁଜିମା ସଂପୂର୍ଣ ଭାବେ ଉଜୁଡ଼ିସାରିଥିଲା । ତାଙ୍କ ପିତାଙ୍କ ସମେତ ଅନ୍ୟମାନେ ଗଛ କାଟି ମନୋରମ ପରିବେଶକୁ ନଷ୍ଟ କରିସାରିଥିଲେ । ଜୀବନରେ ଦ୍ୱିତୀୟ ଥର ପାଇଁ ବ୍ୟଥିତ ହୋଇଥିଲେ ସେବାସଟିଓ । ତେବେ, କାହାକୁ ଦୋଷ ନ ଦେଇ ଚାରା ରୋପଣ ଦ୍ୱାରା ଜଙ୍ଗଲ ସୃଷ୍ଟି ଉଦ୍ୟମ ଆରମ୍ଭ କରିଥିଲେ । ପ୍ରାୟ ଦୁଇ ଦଶନ୍ଧିର ଅହରହ ଉଦ୍ୟମ, ତାଙ୍କ ଗ୍ରାମର ସବୁଜିମା ଫେରାଇଆଣିଛି ।

# ଶରୀର ପାଇଁ ହିତକାରୀ ତମ୍ବା



ଏକବିଂଶ ଶତାବ୍ଦୀର ଲୋକେ ଚାକଚକ୍ୟ ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ଲୋକେ କଂସା ତମ୍ବା, ରୂପା ବାସନକୁ ଭୁଲି ଏବର ଯୁଗୋପଯୋଗୀ କାଚ ଓ ମେଲାମାଇନ ଥାଳିରେ ଭୋଜନ କରିବାକୁ ପସନ୍ଦ କରୁଛନ୍ତି । ପୂର୍ବେ ଲୋକେ ବିଭିନ୍ନ ଧାତୁରେ ପ୍ରସ୍ତୁତ ବାସନକୁସନରେ ଖାଦ୍ୟ ରାନ୍ଧିବା ସହ ସେହି ପାତ୍ରରେ ଭୋଜନ କରୁଥିବାରୁ ଏକ ସୁସ୍ଥ ଓ ନୀରୋଗ ଜୀବନଶୈଳୀ ଅତିବାହିତ କରୁଥିଲେ । ଆମ ପ୍ରାଚୀନ ପରମ୍ପରା ଅନୁସାରେ ତମ୍ବା ଧାତୁର ପ୍ରୟୋଗକୁ ଶୁଭ ଓ ପବିତ୍ର ଭାବେ ଗ୍ରହଣ କରାଯାଇଛି । ବିଭିନ୍ନ ଅନୁସନ୍ଧାନରୁ ପ୍ରକାଶ ଯେ ତମ୍ବା ଧାତୁ ପ୍ରସ୍ତୁତ ବାସନରେ ପାଣି ପିଇଲେ ଶରୀରରୁ ବିଭିନ୍ନ ପୋଷକ ତତ୍ତ୍ୱର ଅଭାବ ପୋଷକତତ୍ତ୍ୱର ଅଭାବ ଦୂର ହୋଇଥା, । ତମ୍ବା ଧାତୁରେ ପ୍ରଚୁର ପରିମାଣରେ ଔଷଧୀୟ ଗୁଣ ରହିଛି । ଏବେ ମଧ କେରଳରେ ଶିଶୁମାନଙ୍କୁ ସେମାନଙ୍କ ପ୍ରଥମ ଭୋଜନ ତମ୍ବା ପାତ୍ରରେ କରାଯିବାର ପରମ୍ପରା ରହିଛି । ୭ବର୍ଷ ହେଲା ପର୍ଯ୍ୟନ୍ତ ପିଲାଙ୍କୁ ଏହି ତମ୍ବା ବାସନରେ ଭୋଜନ କରାଯାଏ । ଏହା ଦ୍ୱାରା ସେମାନଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ବୋଲି ବିଶେଷଜ୍ଞ ଏନ ମାଥୁର କହିଛନ୍ତି । ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବତୀମାନେ ଧ୍ୟାନରେ ରଖନ୍ତୁ ଯେ ତମ୍ବା ପାତ୍ରରେ ପାଣି ପିଇବା ସେମାନଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ। । ନିୟମିତ ଭାବେ ଏହି ପାତ୍ରରେ ଭୋଜନ କରିବା ଦ୍ୱାରା ତ୍ୱଚାରେ ବୟସର ଛାପ କମ ହୋଇଥାଏ । ପିଲାଙ୍କ ଠାରୁ ବୟସ୍କ ସମସ୍ତେ ତମ୍ବା ପାତ୍ରରେ ଭୋଜନ କରିବା ଦ୍ୱାରା ସ୍ମୃତିଶକ୍ତି ବୃଦ୍ଧି ହୋଇଥାଏ ବୋଲି ଗବେଷଣାରୁ ପ୍ରମାଣିତ । ତମ୍ବା ପତ୍ରରେ ପାଣି ପିଇଲେ ପେଟ ସମସ୍ୟା ଦୂର ହେବା ସହ ଯକୃତ ଓ ବୃକକ୍ ମଧ ସୁସ୍ଥ ରହିଥାଏ ।

# କର୍କଟ ପ୍ରତିରୋଧୀ ପନିପରିବା ଓ ଫଳ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସର୍ବେକ୍ଷଣ ଅନୁସାରେ, ଦିନକୁ ଦିନ କର୍କଟରୋଗୀଙ୍କ ସଂଖ୍ୟା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି । ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ସଂଖ୍ୟାରେ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବାର ପ୍ରକାଶ । ନ୍ୟୁଜିଲାଣ୍ଡର ବିଶେଷଜ୍ଞ ଦଳ ଯଥା ଗବେଷଣା କରିବା ପରେ ପ୍ରକାଶ କରିଛନ୍ତି ଯେ ନିୟମିତ ଭାବେ ଖାଦ୍ୟପେୟରେ କେତୋଟି ପନିପାରିବା ଓ ଫଳ ସାମିଲ କଲେ କର୍କଟ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ । ସପ୍ତାହକୁ ୨-୩ଥର ନିଜ ଖାଦ୍ୟ ତାଲିକାରେ ବନ୍ଧାକୋବିର ଉପଯୋଗ କରନ୍ତୁ । ସାଲାଡ ନଚେତ ତରକାରି ଭାବେ ଏହାକୁ ଖାଇବା ଖୁବ୍ ଉପଯୋଗୀ । ବନ୍ଧାକୋବିରେ ଥିବା ଡିଣ୍ଡୋଲିମିଥେନ, ସଲଫରୋଫାନ, ସେଲେନିୟମ ତତ୍ତ୍ୱ ହିଁ କର୍କଟ ପ୍ରତିରୋଧୀ । ମାଇକ୍ରୋୱେଭ ପ୍ରସ୍ତୁତି ବନ୍ଧାକୋବିର ବ୍ୟଞ୍ଜନ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବାର ବିଶେଷଜ୍ଞଙ୍କ ମତ । ଫଳ ମଧ୍ୟରେ ଷ୍ଟ୍ରବେରି ଓ ଡାଳିମ୍ବ କର୍କଟ ହେବାର ଆଶଙ୍କା କମ କରେ । ଏସବୁର ରସ ପ୍ରତ୍ୟହ ପିଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ଶକ୍ତି ମିଳିଥାଏ ।

# ଉଠ୍ ବସ୍ହେବା ଉପକାରୀ



ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ। ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

# ପୁରୁଷଙ୍କ ମଧ୍ୟରେ କସମେଟିକ୍ ସର୍ଜରୀର ଲୋକପ୍ରିୟତା



କସମେଟିକ୍ ସର୍ଜରୀର ଆଦର ଯେ କେବଳ ମହିଳାଙ୍କ ମଧ୍ୟରେ ଅଛି, ତା ନୁହେଁ । ବର୍ତ୍ତମାନ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଇ ଦୌଡ଼ରେ ପୁରୁଷମାନେ ସବୁଠୁ ଅଧିକ ଆଗରେ । ଏଇ ଚିକିତ୍ସା ମହଙ୍ଗା ହେବା ସତ୍ତ୍ୱେ ଲୋକେ ଏସବୁ କରିବାରେ ଖୁବ୍ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । ବିଶ୍ୱର ପ୍ରମୁଖ ରାଷ୍ଟ୍ରର ପୁରୁଷଙ୍କ ପ୍ରଥମ ସମସ୍ୟା ହେଲା ଅକାଳରେ କେଶ ପାଚିବା ଓ ଖୁବ୍ ମାତ୍ରାରେ ଝଡ଼ିବା । ପର୍ବ ଏସବୁର ଦେଶୀ ଚିକିତ୍ସା କରାଯାଉଥିବା ବେଳେ ଲୋକଙ୍କ ମତ ହେଲା, ଏସବୁ ସମୟସାପେକ୍ଷ । ଏଣୁ ଶୀଘ୍ର ଉପଚାର ନିମô୍ତେ ସେମାନେ ହଜାରହଜାର ଟଙ୍କା ଖର୍ଚ୍ଚ କରି 'ହେୟାର ଟ୍ରାନ୍ସପ୍ଲାଣ୍ଟ' କରାଉଛନ୍ତି । ବିଦେଶୀ ରାଷ୍ଟ୍ରରେ ଏଇ କେଶ ଚିକିତ୍ସା ନିମନ୍ତେ ଲୋକେ ବର୍ଷକୁ ୫-୭ଲକ୍ଷ ଯଙ୍କା ଖର୍ଚ୍ଚ କରିବାକୁ ମନ ଊଣା କରୁନାହାନ୍ତି । ଭାରତରେ ମଧ ନାମୀ ବ୍ୟୁଟି ପାର୍ଲର ବ୍ରାଣ୍ଡ 'ହେୟାର ଟ୍ରାନ୍ସପ୍ଲାଣ୍ଟ' ନିମନ୍ତେ ପ୍ରତି ଥର ପିଛା ୨୦-୨୨ ହଜାର ଟଙ୍କା ଦେୟ ନେଉଥିବାର ପ୍ରକାଶ ପତଳା ଶରୀର ସମସ୍ତଙ୍କୁ ପସନ୍ଦ । ଖାଦ୍ୟପାନୀୟ ପ୍ରତି ଲୋଭ ବଢ଼ିଲେ ଶରୀରର ଓଜନ ବଢ଼ିବା ସ୍ୱାଭାବିକ । ଓଜନକୁ ନିୟନ୍ତ୍ରଣ କରିବା ଏତେ ସହଜ ବ୍ୟାପାର ନୁହେଁ । ଅଧିକାଂଶ ଲୋକ ବ୍ୟାୟାମ, କସରତ ଓ ଖାଦ୍ୟପାନୀୟ ପ୍ରତି ସଜାଗ ରହିନପାରି ଏବେ ଲିପୋସକ୍ସନ କରାଉଛନ୍ତି । ହଲିଉଡ ଓ ବଲିଉଡ କଳାକାରଙ୍କୁ ଦେଖି ଏବେ ସଂଖ୍ୟାଧିକ ଲୋକ ନିଜର 'ସିକ୍ସ ପ୍ୟାକ୍ ଏବ୍ସ' ଫିଗର କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଇ ଲିପୋସକ୍ସନ ଅପରେସନ୍ ଦ୍ୱାରା ହି ଶରୀରର ଓଜନ କମ କରାଯିବା ସହ ଫିଗର ସୁନ୍ଦସର କରାଯାଇଥାଏ ।

## ଜେଲ ଯିବାକୁ ବୟସ୍କ ପ୍ରତିଦିନ ଘଟାନ୍ତି ଅପରାଧ

ଦେଶରେ ଏମିତି କିଛି ସ୍ଥାନ ରହିଛି, ଯେଉଁଠାର ନିୟମ କାନୁନ ବିଷୟରେ ଶୁଣିଲେ, ବେଶ୍ ଚକିତ ଲାଗେ । ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଜାପାନରେ ଦେଖିବାକୁ ମିଳେ । ଏଠାକାର ବୟସ୍କ ବ୍ୟକ୍ତିମାନେ ବର୍ତ୍ତମାନ ସମୟରେ ଏକ ବିଚିତ୍ର ସମସ୍ୟା ଦେଇ ଗତିକରୁଛନ୍ତି। ଏଥିପାଇଁ ସେମାନେ ପ୍ରତିଦିନ କିଛି ନା କିଛି ଅପରାଧ କରି ଜେଲ ଯିବାକୁ ପସନ୍ଦ କରୁଛନ୍ତି । ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟା ସତ । କହିରଖୁଛୁ, ବୟସ୍କ ବ୍ୟକ୍ତିମାନେ ଏଠାରେ ନିଜ ଖୁସିରେ ଅପରାଧ କରି ଜେଲ ଯାଇଥାନ୍ତି । ଭାବୁଥିଲେ ଏଭଳି କରିବା ପଛର କାରଣ କ'ଣ ? ପ୍ରକୃତରେ ଜାପାନରେ ଗୋଟିଏ ଜେଲ ଅଛି, ଯେଉଁଠାରେ ବୟସ୍କଙ୍କ ପାଇଁ ଖାଇବା ପିଇବା ଏବଂ ସ୍ୱାସ୍ଥ୍ୟ ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ । କେବଳ ଏତିକି ନୁହେଁ । ଜେଲରେ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିଥାଏ । ଯେଉଁ ବୟସ୍କମାନେ ପରିବାର ସଦସ୍ୟଙ୍କଠୁ ନିର୍ଯ୍ୟାତିତ, ଅବହେଳିତ ଏବଂ ବିତାଡ଼ିତ ସେମାନେ ଏହି ଜେଲକୁ ନିଜର ବଞ୍ଚିବାର ସାହାରା ଭାବିନେଇଥାନ୍ତି । ଏଣୁ ପ୍ରତିଦିନ କିଛି ନା କିଛି ଅପରାଧ ଘଟାଇ ଜେଲକୁ ଚାଲିଆସନ୍ତି, ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିବାକୁ । ଜାପାନର ଗତ ୨୦ବର୍ଷ ଆକଳନରୁ ଜଣାପଡ଼ିଛି, ପ୍ରାୟ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ବୃଦ୍ଧମାନେ ଏଭଳି କାର୍ଯ୍ୟରେ ଅଧିକ ଲିପ୍ତ ରହୁଛନ୍ତି । ବର୍ତ୍ତମାନ ସେମାନଙ୍କ ସଂଖ୍ୟାରେ ତିନିଗୁଣା ବୃଦ୍ଧି ପାଇଛି ।

# ତରଭୁଜର କରାମତି







ଖରାଦିନିଆ ଫଳ ଭାବେ ଜଣାଯାଉଥିବା ତରଭୁଜ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବାର ବିଶେଷଜ୍ଞଙ୍କ ମତ । ଏହି ଫଳ ସହ ଏହାର ଚୋପା ମଧ୍ୟ ଖୁବ୍ ଉପକାରୀ । ଆଣ୍ଟିଅକ୍ସିଡାଣ୍ଟ ଭରପୂର ତରଭୁଜର ଚୋପାକୁ ସାଲାଡ ଭାବେ ଜାପାନର ପ୍ରତ୍ୟେକ ପ୍ରାନ୍ତର ଲୋକେ ଖାଉଥିବାର ପ୍ରକାଶ ।

- ତରଭୁଜ ଚୋପାକୁ ମଧ ଗ୍ରାଇଣ୍ଡରରେ ବାଟି ରସ ପରି ପିଇବା ଉପକାରୀ । ନିୟମିତ ଏପରି କଲେ ଓଜନ ନିୟନ୍ତ୍ରିତ ରହିବା ସହ ତ୍ୱଚାର ରଙ୍ଗ ସଫା ହୋଇଥାଏ ।
- ଭିଟାମିନ ଏ, ସି, ଲାଇକୋପିନ ଭରପୂର ଥିବା ତରଭୁଜକୁ ଖାଇବା ଦ୍ୱାରା ତ୍ୱଚା ସମ୍ପର୍କିତ ବିଭିନ୍ନ ରୋଗ ଦୂର ହୋଇଥାଏ । ବୋଲି ପରୀକ୍ଷାରୁ ଜଣାପଡ଼ିଛି ।
- ବୃକକ୍ ଜନିତ ରୋଗରୁ ରକ୍ଷା ପାଇବା ନିମନ୍ତେ ତରଭୁଜ ଚୋପାର ରସ ପିଇବା ଖୁବ୍ ଉପକାରୀ ।
- ଭଲ ନିଦ ପାଇଁ ତରଭୁଜ ଚୋପାର ରସ ପିଇବା ଖୁବ୍ ଉପକାରୀ । ଭଲ ନିଦ ପାଇଁ ତରଭୁଜ ଚୋପା ମହୌଷଧି ଭାବେ କାମ କରେ । ୧ ସପ୍ତାହ ତରଭୁଜ ଚୋପା ଖାଇବା ପରେ ଫରକ୍ ଜାଣିବାରିବେ ।

# ଆମ୍ବ ଖାଇବାର ମଜା

ସୁଆଦିଆ ଆମ୍ବର ଆଦର ଗ୍ରୀଷ୍ମରେ ସବୁଠୁ ଅଧିକ । ଭାରତରେ ସଂଖ୍ୟାଧିକ ପ୍ରଜାତିର ଆମ୍ବ ଫଳିଥାଏ । ଏଇ ସମୟରେ ବିଦେଶକୁ ମଧ ଲକ୍ଷ୍ୟାଧିକ ଟଙ୍କା ର ଆମ୍ବ ରପ୍ତାନୀ ହୋଇଥାଏ । ପୋଷକତତ୍ତ୍ୱ ଭରପୂର ଏଇ ଫଳକୁ ଖାଇ ମଜା ନିଅନ୍ତୁ ।



□ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଆମ୍ବ ଖାଇଲେ ତ୍ୱଚାରୁ ବୟସର ଛାପ କମିବା ସହ ମଧୁମେହ, କର୍କଟ ପରି ରୋଗ ହେବାର ଆଶଙ୍କା କମ ହୋଇଥାଏ ।

□ ଭିଟାମିନ ଏ ମହଜୁଦ୍ ଥିବା ଏଇ ଆମ୍ବ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ ବଢୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

□ ପୋଟାସିୟମ ଓ ଗ୍ୟାଙ୍ଗିଫିଏରେନ ତତ୍ତ୍ୱ ଥିବା ଏଇ ଆମ୍ବ ଫଳ ଖାଇଲେ ହୃଦଯନ୍ତ୍ର ସୁସ୍ଥ ରହୁଥିବାର ଜଣାପଡ଼ିଛି ।

□ ଆମ୍ବ ଖାଇଲେ ହଜମ ଶକ୍ତି ଭଲ ହେବା ସହ ଆଖିର ଜ୍ୟୋତି ବଢୁଥିବାର ପରୀକ୍ଷାରୁ ସ୍ପଷ୍ଟ ହୋଇଛି ।

□ ଭିଟାମିନ ସି ଭରପୂର ଆମ୍ବ ନିୟମିତ ଖାଇବା ଦ୍ୱାରା ତ୍ୱଚା ଓ କେଶ ଉପରେ ଉତ୍ତମ ପ୍ରଭାବ ପଡ଼ିଥାଏ ।

# ସ୍ମାର୍ଟଫୋନ ସତର୍କତା !

ଯୁଗ ଅନୁସାରେ ତାଳଦେଇ ଆଗକୁ ବଢୁଥିବା ଲୋକେ ସ୍ମାର୍ଟଫୋନକୁ ନିଜର ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ମନେକରୁଛନ୍ତି । ଯଦିଓ ଆଜିର ସମୟରେ ଏହାର ଉପଯୋଗରେ ବିଭିନ୍ନ ସୁବିଧା ଉପଲବ୍ଧ ହେଉଛି, ତେବେ କେତୋଟି ଦିଗ ପ୍ରତି ବେଶ ଧ୍ୟାନ ଦେବା ଜରୁରୀ । ଫୋନକୁ ଅକାମୀ ହେବାରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଲୋକେ ଏହାର ବ୍ୟବହାର ନିୟମ ଜାଣିବା ଉଚିତ ।

ଫୋନକୁ ଘଣ୍ଟା ଘଣ୍ଟା ଧରି ଚାର୍ଜ କରୁଥିଲେ, ତାହା ବିପଜ୍ଜନକ । ଦିନକୁ ଥରୁଟିଏ ଫୁଲ ଚାର୍ଜ କରାଇନେବା ଭଲ ।

ଚାର୍ଜ କରୁଥିବା ସମୟରେ କେବେହେଲେ କୌଣସି କଲ କରନ୍ତୁନାହିଁ । ଫୋନ ବିସ୍ଫୋରଣ ହେବାର ସମ୍ଭାବନା ସର୍ବାଧିକ ରହିଛି ।

ନିୟମିତ ଅନଲାଇନ ଗେମ ଖେଳିବା ମଧ ସ୍ମାର୍ଟଫୋନ ଖରାପ କରିବାର ଆଙ୍କା ବଢ଼ାଇଥାଏ ।

ଦୈନିକ ଘଣ୍ଟାଘଣ୍ଟା ୱାଇଫାଇ ଓ ହଟସ୍ପଟ୍ ଅନୁ ରଖିଲେ ମଧ ଫୋନ୍ ପ୍ରତି ବିପଦ ବଢ଼େ ।

ଫୋନର ସଫଟୱେୟାର ଯଥା ସମୟରେ ଅପଡେଟ କରାଇବା ଅନ୍ୟତମ ଜରୁରୀ କାମ ।

ଏହା ସହ ଫୋନ ମେମୋରୀକୁ ଫୁଲ ନ ରଖି ନିୟମିତ ଭାବେ ଫଟୋ ଓ ଭିଡିଓ ଡିଲିଟ୍ କରିବା ଉଚିତ ।



ଅନଲାଇନ ମ୍ୟୁଜିକ ଶୁଣୁଥିବା ଲୋକେ ମଧ ସାବଧାନ । ଏହା ଫୋନକୁ ଶୀଘ୍ର ଗରମ କରିବା ସହ ବିସ୍ଫୋରଣ ହେବାର ମଧ ଭୟ ଥାଏ ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ଜୁନ୍ ୨୦୨୨, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନିଶ୍ଚିତ ପୁଞ୍ଜି ବଜାର...

କରୋନା ସମୟରୁ ଏଯାଏଁ ପୁଞ୍ଜି ବଜାରରେ ଏଭଳି ଅସ୍ୱାଭାବିକ ଅବସ୍ଥା କେବେ ଦେଖାନଥିଲା । ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ ଦିନକ ଭିତରେ ପ୍ରାୟ ୧୪୫୭ ପଏଣ୍ଟ ହରାଇବା ଅର୍ଥ ହୋଇପାରେ, କାରବାର ଆରମ୍ଭରୁ ଧୋଇଗଲା ପ୍ରାୟ ପାଞ୍ଚ ଲକ୍ଷ କୋଟି । ଆମ ଏଠାରେ କେବଳ ନୁହେଁ, ତମାମ ବିଶ୍ୱରେ ସେୟାର ବଜାର ଏବେ ପତନମୁଖୀ। ପୂର୍ବରୁ ଏକାଧିକ ବାର ଯେଭଳି ମାନ୍ଦାବସ୍ଥା ଦେଖାଦେଇଥିଲା, ତାହାର ପୁନରାବୃତ୍ତି ହେବନାହିଁ କିଏ କହିପାରିବ ଭାରତୀୟ ମୁଦ୍ରାର ମୂଲ୍ୟ ଏହା ଭିତରେ କିଭଳି ଊଣା ହୋଇସାରିଛି, ତାହା ସମସ୍ତଙ୍କୁ ଜଣା । ଏକ ଡଲାରର ବିନିମୟ ମୂଲ୍ୟ ହୋଇସାରିଲାଣି ୭୮ଟଙ୍କା ୨୮ପଇସା । ମୁଦ୍ରାସ୍ଫୀତି ଫଳରେ ଭାରତ ସମେତ ବିଭିନ୍ନ ଦେଶର ମୁଦ୍ରାରେ ଅବମୂଲ୍ୟାୟନ ଦେଖାଦେଇଛି । ଯଦି ଏହି ଭଳି ଅଧମୁଖୀ ଯାତ୍ରା ଲାଗିରହେ, ଭାରତୀୟ ତଥା ଅନ୍ୟ ଦେଶର ମୁଦ୍ରାର ବିନିମୟ ମୂଲ୍ୟରେ ଘାଟି ଦେଖାଦେବା ଥୟ। ପୁଞ୍ଜିବଜାର ସ୍ଥିତି ଦେଖାଗଲେ ନିବେଶକାରୀ ହତାଶ ହୋଇ ମୁଣ୍ଡରେ ହାତଦେଇ ବସିପଡ଼ିବା ଛଡ଼ା ଅନ୍ୟଗତି ନାହିଁ । କେବଳ କରୋନା ଉପରେ ଦୋଷ ଲଦିଦେଇ ବସିପଡ଼ିଲେ କଥା ସରିଯିବ ନାହିଁ । ସାମଗ୍ରିକ ଦୁଃସ୍ଥିତି ପାଇଁ କରୋନା ଦାୟୀ ନୁହେଁ ବୋଲି କହିପାରିବା ନାହିଁ । ମାତ୍ର ଆମ ଦେଶ ସହିତ କିଛି ଦେଶ ରହିଛି, ଯେଉଁଠି କି ଦରବୃଦ୍ଧି ସହିତ ବିଭିନ୍ନ କାରଣ ରହୁଛି, ଯାହା ସକାଶେ ଆମ ଉପରେ ଦୁର୍ଭୋଗ ଲଦି ହୋଇଛି । ଏହି ବାସ୍ତବତାକୁ କେହି ଅସ୍ୱୀକାର କରିବାକୁ ରାସ୍ତା ନାହିଁ । କୋଭିଡ଼-୧୯ ପୂର୍ବରୁ ଆମ ଦେଶର ଜିଡିପି ଯଥେଷ୍ଟ ଊଣା ସ୍ତରରେ ଥିଲା । ଏବେସୁଦ୍ଧା ମୋଟ୍ ଉତ୍ପାଦ ସ୍ତରରେ କିଛି ଆଖୁଦୃଶିଆ ଉନ୍ନତି ହୋଇଛି ବୋଲି କୁହାଯାଇପାରିବନି । ରୁଷ-ୟୁକ୍ରେନ୍ ଯୁଦ୍ଧର ପ୍ରତିଫଳ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ ହିଁ ପଡ଼ିବ। ପେଟ୍ରୋଲ-ଡିଜେଲ ଦର ବଢ଼ିଲା, ସେହିଭଳି ବଢ଼ି ଲା ଗ୍ୟାସ୍ ଦର । ଏହାର କାରଣ ଖୋଜିବାକୁ ବେଶୀ କଷ୍ଟ କରିବାକୁ ପଡ଼ିପାରେ । ମୂଲ୍ୟ ପରିଚାଳନା ହିଁ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି କୁହାଯାଉଥିଲେ ହେଁ ସ୍ଥିର ମନରେ ବସି ଚିନ୍ତା କଲେ ଜାଣିହେବ ଯେ, ପେଟ୍ରୋଲ-ଡିଜେଲ ଦର ବଢ଼ିବା କାରଣର କୁପ୍ରଭାବ ସେମିତିରେ ପଲରା ଶୃଙ୍ଖଳ ଉପରେ ପଡ଼ିଛି । ପନିପରିବାଠାରୁ ଆରମ୍ଭ କରି ଖାଇବା ତେଲର ଦର ହୋଇସାରିଛି ଦୁଇଗୁଣରୁ ଅଧିକ । ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି ସେହି ତୈଳଦର ବୃଦ୍ଧି କାରଣରୁ । ସାଧାରଣ ଜୀବନ ଯାତ୍ରା ପୂରାପୂରି ବିଗିଡ଼ିଯିବାର କାରଣ ହିଁ ସେହି ଶୃଙ୍ଖଳରେ ବିପର୍ଯ୍ୟୟ । ସରକାର କେତେକ ରାଜ୍ୟ ସହ ପରାମର୍ଶ କରି ଭାଟ୍ ଲଣା କରିଥିବା କିଛି ପରିମାଣରେ ସୁଧୁରିବାରେ ସହାୟକ ହୋଇଛି ସିନା, ପୂରା ମାତ୍ରାରେ ନୁହେଁ । କୁହାଗଲାଣି ଯେ, ଆମେରିକାର ବଜାରରେ ହୋଇଥିବା ହ୍ରାସର ପ୍ରତ୍ୟକ୍ଷ ପ୍ରଭାବ ଆମ ଦେଶରେ ମୁଦ୍ରାୟୀତିର ଅନ୍ୟତମ ପ୍ରଧାନ କାରଣ । ମୁଦ୍ରାସ୍ଫୀତି ଜନିତ ସବୁ ସମସ୍ୟା ଆମକୁ ଭୋଗିବାକୁ ହେଉଛି ଓ ଆଉ କେତେଦିନ ଭୋଗିବାକୁ ପଡ଼ିବ। ସୂଚକାଙ୍କରେ ଏତେବଡ଼ ବିପର୍ଯ୍ୟୟ ଘଟିବା କଥା ଅର୍ଥଶାସ୍ତ୍ରୀମାନଙ୍କ କଳ୍ପନା ଭିତରେ ସୁଦ୍ଧା ନଥିଲା । ପୂର୍ବ ଦିନରେ ହୋଇଥିବା ବିପର୍ଯ୍ୟୟଠାରୁ ଏହା ବଳିଯାଇଥିବାର କୁହାଯାଉଛି । ଗତ ଏପ୍ରିଲ ମାସରେ ରିଜର୍ଭ ବ୍ୟାଙ୍କ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା, ତାହା ପାର କରିଛି । ହେଲେ ବିଶ୍ୱ ସ୍ଥିତି ଯୁଦ୍ଧଜନିତ କାରଣରୁ ଯେଭଳି ଚାପ ଭିତରେ ରହିଛି, ତାହା ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ହାରକୁ ଅଧିକ ପତନମୁଖୀ କରିଦେଇଛି। ଆଉ ଗୋଟିଏ ସମସ୍ୟା ମୁଣ୍ଡ ଟେକିଲାଣି । ବିଦେଶୀ ପୁଞ୍ଜିନିବେଶକାରୀ ଭାରତୀୟ ବଜାରରୁ ମୁହଁ ଫେରାଇ ନେବାକୁ ଆରମ୍ଭ କଲେଣି । ଯାହା ପୂର୍ବରୁ ଦେଖାନଥିଲା, ତାହା ଏବେ ଦେଖାଯାଉଛି । ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ସାମୂହିକ ସ୍ଥିତିରେ କ୍ରୟ ମୂଲ୍ୟରେ ହ୍ରାସ ଘଟିବାର ମୁଖ୍ୟ କାରଣ ହୋଇଛି । ବିଶେଷକରି ଖାଦ୍ୟସାମଗ୍ରୀ ଓ ଇନ୍ଧନ ଦର ବୃଦ୍ଧିରେ ପ୍ରତିଫଳିତ ହୋଇଛି । ଏହି ଭାବରେ ଯଦି ଲାଗିରହେ, ଖାଦ୍ୟ ସଙ୍କଟ ଆସିଯିବା ଥୟ । ଖାଦ୍ୟ ସଙ୍କଟ ଥରେ ଆସିଗଲେ ଅବସ୍ଥା କେଉଁ ରୂପ ନେବ, ତାହା କୁହାଯାଇପାରେ । ଆଫ୍ରିକାର ନାଇଜେରିଆ, ତାଞ୍ଜାନିଆ ଭଳି ଦେଶରେ ହେଉ କିମ୍ବା ଶ୍ରୀଲଙ୍କା ଓ ପାକିସ୍ତାନରେ ଯେମିତି ଅବସ୍ଥା ଦେଖାଦେଇଛି ତାହା ଆମ ଦେଶରେ କେବେ ଦେଖାନଦେବ, ତାହା କିଏ କହିବ ? କାଙ୍ଗାଳ ପାଲଟି ସାରିଥିବା ପଡ଼ୋଶୀ ଦେଶଗୁଡ଼ିକ ଉପରେ ମୁନାଫାଖୋର ବୀର ମହାଜନୀ କାରବାର ପରିଣତି କିଭଳି ବିପଜନକ ପରିଣତିକୁ ଡାକିଆଣିଛି, ତାହା ସମସ୍ତେ ଜାଣନ୍ତି । ଏବେ ସେହି ଦେଶର ନବନିଯୁକ୍ତ ପ୍ରଧାନମନ୍ତ୍ରୀ କହିଲେଣି ଯେ, ସଙ୍କଟ ଟାଳିବା ସକାଶେ ଅଧିକ ନୋଟ୍ ଛାପିବାକୁ ହେବ । ତାହା ବିଶ୍ୱଯୁଦ୍ଧ ସମୟରେ ହେଉଥିଲା । ରିକ୍ସାରେ ନୋଟ୍ ଲଦି ଯାଉଥିବା ଗ୍ରାହକ ଫେରୁଥିଲେ ହଳେ ଜୋତା ଆଣି । ମୁଦ୍ରା-ଅବମୂଲ୍ୟାୟନର ପରିଣତି ଆମ ଅର୍ଥନୀତିକୁ ସେହି ମାର୍ଗରେ ଟାଣିନେଉଛି । ମାନ୍ଦାବସ୍ଥା କେମିତି କେଉଁ ରୂପରେ ଆସିବ, ତାହା କେହି କହି ପାରିବେନାହିଁ । ସେଭଳି ଦୁଃସ୍ଥିତି କେବେ ନଆସୁ ତାହା ସମସ୍ତଙ୍କ ପାଇଁ ମହାଚିନ୍ତାର ବିଷୟ ହୋଇଛି ।

## ଆମ ଭାସ୍କର : ପଠାଣି ସାମନ୍ତ



ବିପିନ ବିହାରୀ ମହାନ୍ତି



ପଠାଣି ସାମନ୍ତଙ୍କର ପୁରାନାମ ମହାମହୋପଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଖଣ୍ଡପଡ଼ାର ସମ୍ଭ୍ରାନ୍ତ ରାଜବଂଶରେ ଜନ୍ମ କାରଣରୁ ତାଙ୍କ ପ୍ରଥମ ନାମ ଥିଲା ସାମନ୍ତ ଚନ୍ଦ୍ରଶେଖର ସିଂହ। ଜ୍ୟୋର୍ତିବିଦ୍ୟାରେ ପାରଦର୍ଶିତା ଦେଖାଇଥିବା କାରଣରୁ ପୁରୀ ଗଜପତି ମହାରାଜା ତାଙ୍କ ନାମ ସହିତ ସାଙ୍ଗିଆରେ ଯୋଡ଼ିଲେ ହରିଚନ୍ଦନ ମହାପାତ୍ର ଏବଂ ଭାରତ ସରକାର ତାଙ୍କୁ ଉପାଧି ଦେଲେ 'ମହାମହୋପାଧାୟ' ଯାହାକି ନାମ ପୂର୍ବରୁ ଯୋଡ଼ାଗଲା। ପିଲାଦିନରୁ ତାଙ୍କ ପିତା ଶ୍ୟାମବନ୍ଧୁ ଓ ମାତା ବିଷ୍ଣୁମାଳୀ ତାଙ୍କୁ ଶ୍ରଦ୍ଧାରେ ନାଁ ରଖିଲେ 'ପଠାଣି ସାମନ୍ତ'। ଏମିତି ନାମ କରଣର ଯଥାର୍ଥ ଏହି ଯେ ସେ ତାଙ୍କ ପିତାମାତାଙ୍କର ଥିଲେ ଏକାଦଶ ସନ୍ତାନ। ତାଙ୍କ ପୂର୍ବରୁ ତାଙ୍କର ଦୁଇ ଭଉଣୀ ଏବଂ ଏକମାତ୍ର ବଡ଼ଭାଇ ମରିଯାଇଥିବାରୁ ଏବଂ ପଠାଣିଙ୍କୁ କୌଣସି ଗ୍ରହଦୋଷ ନ ଲାଗିବା କାରଣକୁ ସେ ଜଣେ ବିଧର୍ମୀ ପଠାଣକୁ ବିକି ଦେଇଥିଲେ ଏବଂ ଅପରତିଅଣିଆ ନାଁ ରଖିଥିଲେ 'ପଠାଣି'। ସେମିତି ମହାଦେବଙ୍କ କୃପାରୁ ଏବଂ ଲିଙ୍ଗ ପାଖରୁ ଦରାଣ୍ଡୁ ଦରାଣ୍ଡୁ ଖଣ୍ଡିଏ ଚକ୍‌କଣ ପଥର ପାଇ ତାଙ୍କ ମା' ଗିଳିଦେଇଥିବାରୁ ଏବଂ ଏଥୁଅନ୍ତେ ତାଙ୍କର ପୁତ୍ର ଲାଭ କରିଥିବାରୁ ଶିବଙ୍କ ନାମାନୁସାରେ ନାଁ ରଖିଥିଲେ ଚନ୍ଦ୍ରଶେଖର। ଚନ୍ଦ୍ରଶେଖର ୧୮୩୫ ଖ୍ରୀଷ୍ଟାବ୍ଦ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିଲେ।

ସେ ପାଞ୍ଚବର୍ଷରୁ ପାଠପଢ଼ା ଆରମ୍ଭ କରିଥିଲେ। ସାତବର୍ଷ ବେଳକୁ ବର୍ଣ୍ଣଶିକ୍ଷା, ଦଶକିଆ ପଣିକିଆ, ଗୋପିଭାଷା, ଭାଗବତ ମଥୁରା ମଙ୍ଗଳ ଓ ବିଦଗ୍ଧ ଚିନ୍ତାମଣି ଇତ୍ୟାଦି କାବ୍ୟ ଏବଂ ଅମର କୋଷରୁ କିଛି ଅଂଶ ଆୟତ କରି ନେଇଥିଲେ। ତାଙ୍କ ପିତା ଶ୍ୟାମବନ୍ଧୁ ଜଣେ ଭଲ ଗଣକ ଥିଲେ। ସେ ତାଙ୍କଠାରୁ ଜ୍ୟୋତିଷବିଦ୍ୟା ଅଧ୍ୟୟନ କରିନେଲେ। ୧୦/୧୨ବର୍ଷ ବେଳକୁ ସେ ସଂସ୍କୃତ ଶ୍ଳୋକ ମାନ ରଚନା କରି ପାରୁଥିଲେ। ଇତିମଧ୍ୟରେ ସେ ସାହିତ୍ୟ, ସଂସ୍କୃତ ବ୍ୟାକରଣ, ସ୍ମୃତି, ବେଦ, ବେଦାଙ୍ଗ ଓ କର୍ମକାଣ୍ଡ ଇତ୍ୟାଦି ଗ୍ରନ୍ଥମାନ ଆୟତ କରିନେଇଥିଲେ। ୧୫ବର୍ଷ ମଧ୍ୟରେ ସେ ଫଳିତ ଜ୍ୟୋତିଷରେ ପୁରା ପୋଖତ ହୋଇ ଗଣିତ ଜ୍ୟୋତିଷସାଧନାରେ ଅଗ୍ରଗତି କଲେ।

ଚନ୍ଦ୍ରଶେଖର ରୂପରେ ସୁନ୍ଦର ନଥିଲେ। ଏଣୁ ତାଙ୍କ ବାହାଘର ବେଳେ ତାଙ୍କ ଶାଶୁ ତାଙ୍କ ଝିଅକୁ ବିବାହ ଦେବାରେ ରାଜି ନଥିଲେ। ସେଥିପାଇଁ ତାଙ୍କ ଗୁଣ ସୁନ୍ଦର ପରୀକ୍ଷା ନେଲାପରେ ଝିଅ ସୀତାଙ୍କୁ ତାଙ୍କ ସହିତ ବିବାହ ଦେଲେ। ସୀତାଦେବୀ ଥିଲେ ଅନୁଗୁଳର ରାଜବଂଶୀୟ କ୍ଷତ୍ରିୟବରସିଂହଙ୍କ କନ୍ୟା। ଏ ବିବାହର ତାଙ୍କୁ ୨୨ବର୍ଷ ବେଳେ ହୋଇଥିଲା।

ଚନ୍ଦ୍ରଶେଖର ଉଭୟ ଫଳିତ ଓ ଗଣିତ ବିଦ୍ୟାରେ ଗଣନାରେ ପାରଙ୍ଗମ ଥିଲେ। ଶୈଶବରେ କି ଦିନ, କି ରାତି ଉଜାଗର ରହି ଆକାଶର ନକ୍ଷତ୍ର ଓ ଗ୍ରହମାନଙ୍କର ଗତିବିଧିକୁ ସ୍ୱଷ୍ଟ ଅଧ୍ୟୟନ କରୁଥିଲେ। ଏମିତିକି ଦିନବେଳେ ଶୁକ୍ର ଗ୍ରହକୁ ଦେଖିବା ଓ ଆକାଶରେ ଉଡୁଥିବା ଶାଗୁଣାଙ୍କ ସଂଖ୍ୟା ଓ ଦୂରତା ହିସାବ ସେ କରିପାରୁଥିଲେ।

ସେ ଦୂରବୀକ୍ଷଣ ଯନ୍ତ୍ରର ବ୍ୟବହାର ଜାଣିନଥିଲେ। ଆକାଶର ନଭବସ୍ତୁ ଏବଂ ପାହାଡ଼ା ଇତ୍ୟାଦିର ଯଥାକ୍ରମେ ଗତି, ଦୂରତା ଏବଂ ଉଚ୍ଚତାମାପିବା ବା ଜାଣିବା ପାଇଁ ଏକ ପ୍ରକାର ମାନଯନ୍ତ୍ର ବ୍ୟବହାର କରୁଥିଲେ। ଏ ମାନଯନ୍ତ୍ର କହିଲେ ବାଉଁଶନଳୀ, ତ୍ରିକୋଣାକାର ତିନୋଟି ବାଉଁଶ କାଠରେ ବନ୍ଧେଇ ଏବଂ ଲିଖନ ପାଇଁ ତାଳପତ୍ର ଓ ଲେଖନୀ। ଦିନବେଳେ ଗଛର ଛାଇ ଅଧ୍ୟୟନ କରି ସେ ତିଆରି କରିଥିଲେ ସୂର୍ଯ୍ୟଘଡ଼ି ଯାହାକି ବର୍ତ୍ତମାନ ଖଣ୍ଡପଡ଼ା କଚେରୀରେ, ବଡ଼ମ୍ବା ଓ ବଡ଼ଗଡ଼ଠାରେ ଅଛି। ସେ ଗଣନା କରି କହିଥିଲେ ପୃଥବୀଠାରୁ ସୂର୍ଯ୍ୟର ଦୂରତା, ଚନ୍ଦ୍ର ଅପେକ୍ଷା ୧୫୫ଗୁଣ; ପାଦରେ ଖଣ୍ଡପଡ଼ାରୁ ପୁରୀ ଚାଲି କହିଥିଲେ ଏ ଦୁଇସ୍ଥାନର ଦୂରତ୍ୱ, ୧୫୧,୨୦୦ ପାହୁଣ୍ଡ। ସେ ବିଭିନ୍ନ ସମୟରେ ନିଜର ଗଣନା ପାଇଁ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ସେ ମଞ୍ଜୁସା ରାଜାଙ୍କ କହିଥିଲେ ମହେନ୍ଦ୍ର ଗିରିର ଉଚ୍ଚତା କେତେ। ମାନ୍ଦ୍ରାଜର ବଡ଼ଲାଟ୍‌ଙ୍କୁ କହିଥିଲେ କେବେ ଇଂଲଣ୍ଡରେ ହେବ ସୂର୍ଯ୍ୟପରାଗ, ପୁନଶ୍ଚ ସେ ନିଶ୍ଚିତ କରାଇଥିଲେ କେବେ ହେବ ଆମେରିକାରେ ଚନ୍ଦ୍ରଗ୍ରହଣ; ସେମିତି ତାଙ୍କ ଘରଠିକୁ ଆସିଥିବା ବିଦେଶୀ ପଣ୍ଡିତମାନଙ୍କୁ କହୁଥିଲେ, ସେଠାକାର ପାହାଡ଼ାର ଉଚ୍ଚତା କେତେ? ଥିବସ୍ ସାହେବଙ୍କର ୧୪ଟି ପ୍ରଶ୍ନର ଦେଇଥିଲେ ଉତ୍ତର ଏବଂ କପିଶନର କୁକ୍ ସାହେବଙ୍କ କହିଥିଲେ ସପ୍ତଶଯ୍ୟା ପାହାଡ଼ର ଉଚ୍ଚତା କେତେ? ସବୁଥିଲା ସରକାରୀ ରେକର୍ଡ଼ ଅନୁସାରେ ନିର୍ଭୁଲ ସତ୍ୟ।

ସେ ଲେଖିଛନ୍ତି 'ସିଦ୍ଧାନ୍ତ ଦର୍ପଣ' ଯାହାକି ଗ୍ରହ, ନକ୍ଷେତ୍ର, ବର୍ଷ, ମାସ, ଦିନ, ବାର, ଦଣ୍ଡ, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଇତ୍ୟାଦିର ଏକ ଗଣନ ପଞ୍ଜିକା ଯାହାକୁ ଲେଖିବାକୁ ତାଙ୍କୁ ୨୦ବର୍ଷ ଲାଗିଥିଲା। ଏଥିରେ ୧୦କୋଟି ଦିବସର ଗଣନା ଅଛି। ଏହି ଗଣନାନୁସାରେ ଶ୍ରୀ ମନ୍ଦିରର ପାଞ୍ଜି କାର୍ଯ୍ୟକାରୀ ହୁଏ। ଏ ବହିରେ ୫ଟି ଅଧିକାର ଓ ୨୪ଟି ପ୍ରକାଶ ଅଛି। ଏହାର ଶ୍ଳୋକ ସଂଖ୍ୟା ୨୨୫୦। ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ। ତା' ପୂର୍ବରୁ ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ କୃତିତ୍ୱ ପାଇଁ ପ୍ରଶଂସିତ ହୋଇ ୧୮୯୪ ମସିହା ସେପ୍ଟେମ୍ବର ୩ ତାରିଖରେ ସେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ ହୋଇଥିଲେ। ଏ ଉପାଧି ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ।

ପଠାଣି ସାମନ୍ତ ଥିଲେ ଚିରରୁଗ୍ଣ ଓ ଅଭାବୀ। ତଥାପି ସାଧନା ପଥରେ ହଟି ଯାଇନଥିଲେ। ତେବେ ତାଙ୍କ ଜୀବନର ଗୋଟିଏ ଭୁଲ ଧାରଣା ଥିଲା ଯେ ପୃଥିବୀ ସ୍ଥିର ଏବଂ ସୂର୍ଯ୍ୟ ଗତିଶୀଳ। ତଥାପି ଗଣନା ଠିକ୍।

ଏହି ଯୋଗଜନ୍ମା ମହାପୁରୁଷଙ୍କର ୧୯୦୪ ଜୁନ ୧୧ତାରିଖରେ ଇଚ୍ଛାନୁଯାୟୀ ପୁରୀରେ ମୃତ୍ୟୁହେଲା। ତାଙ୍କ ମୃତ୍ୟୁରେ ଅଭିଭୂତ ରାଧାନାଥ ଲେଖିଛନ୍ତି :

ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନରଦେହେ ଥିବ ଯାବତ୍ ହୃଦୟ।
ଧନ୍ୟତୁମେ ପଠାଣି ସାମନ୍ତ।
ତୁମେ ଧନ୍ୟ ତୁମ ପାଇଁ ଏମାଟି ଧନ୍ୟ।


♥ ଅଧ୍ୟକ୍ଷ.
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ମୋ : ୯୯୩୮୩୪୧୩୮


## ଦେଶର ପ୍ରତିଷ୍ଠା ପ୍ରତି ଆଞ୍ଚ ନଆସୁ



ଗୋପାଳ ମହାପାତ୍ର

ମୋଦୀ ସରକାର ତାଙ୍କର ୮ ବର୍ଷର କାର୍ଯ୍ୟକାଳ ପୁରଣ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ସମାରୋହରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ 'ଏହି ୮ ବର୍ଷ ମଧ୍ୟରେ ସେ ବା ତାଙ୍କ ଦଳ ଏମିତି କିଛି କାର୍ଯ୍ୟ କରିନାହାଁନ୍ତି ଯେଉଁଥିପାଇଁ ଦେଶକୁ ଲଜ୍ଜିତ ହେବାକୁ ପଡିବ'। କିନ୍ତୁ ତାଙ୍କ ମନ୍ତବ୍ୟ ଭୁଲ ସାବ୍ୟସ୍ତ ହେବା ପାଇଁ ବେଶି ସମୟ ଲାଗିଲା ନାହିଁ। ବିଜେପି ପ୍ରବକ୍ତା ନୂପୁର ଶର୍ମା ନିକଟରେ ଏକ ଟେଲିଭିଜନ ଚ୍ୟାନେଲର ଡିବେଟରେ ଭାଗ ନେଇ ମହମ୍ମଦ ପୈଗମ୍ବରଙ୍କୁ ନେଇ ବିବାଦୀୟ ବୟାନ ଦେଇଥିଲେ। ସେହିପରି ଦଳର ଅନ୍ୟତମ ନେତା ନବୀନ ଜିନ୍ଦଲ ସାମାଜିକ ଗଣମାଧ୍ୟମରେ ସାମ୍ପ୍ରାଦାୟିକ ସଦ୍‌ଭାବ ବିଗିଡିବା ଭଳି ଟିପ୍ପଣୀ ଦେଇଥିଲେ। ଏ ଦୁଇ ନେତାଙ୍କ ବୟାନ ପାଇଁ କେବଳ ଭାରତୀୟ ସଂଖ୍ୟାଲଘୁ ଯେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତା ନୁହେଁ ବରଂ ଅନେକ ମୁସଲିମ୍ ଦେଶ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କତର, କୁଏତ ଏବଂ ଇରାନ ସରକାର ସେ ସବୁ ଦେଶରେ ଥିବା ଭାରତୀୟ ଦୂତାବାସ ଅଧିକାରୀମାନଙ୍କୁ ଡାକି ଅସନ୍ତୋଷ ବ୍ୟକ୍ତ କରିଛନ୍ତି, ଏସବୁ ଦେଶ ଭାରତୀୟ ଉତ୍ପାଦ ଉପରେ ପ୍ରତିବନ୍ଧ ଲଗାଇବା ପାଇଁ ମଧ କହିଲେଣି। ମୁସଲିମ୍ ଦେଶର ଅନେକ କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟରତ ଭାରତୀୟ ହିନ୍ଦୁମାନଙ୍କୁ ବୈମନସ୍ୟ ସୃଷ୍ଟି କରୁଥିବା ମନ୍ତବ୍ୟ ନଦେବା ପାଇଁ ଚେତାବନୀ ଦେଇଥିବା ଜଣାପଡିଛି। ଉତ୍ତରପ୍ରଦେଶର କାନପୁରରେ ଯେଉଁ ହିଂସାକାଣ୍ଡ ଘଟିଛି ତାହା ମଧ ମହମ୍ମଦଙ୍କୁ ନେଇ ଦିଆଯାଇଥିବା ବିବାଦୀୟ ବୟାନର ପରିଣାମ ବୋଲି କୁହାଯାଉଛି। ନୂପୁରଙ୍କ ବିବାଦୀୟ ବୟାନ ଏବଂ ନବୀନ ଜିନ୍ଦଲଙ୍କ ଟିପ୍ପଣୀ ଯୋଗୁଁ ବିଜେପି ଦଳ ପକ୍ଷରୁ ନୂପୁରଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ଓ ନବୀନଙ୍କୁ ଦଳରୁ ନିଷ୍କାସିତ କରାଯାଇଛି । କିନ୍ତୁ ଏହା ପ୍ରଥମ ଘଟଣା ନୁହେଁ ପୂର୍ବରୁ ଏଭଳି ବିବାଦୀୟ ବୟାନ କାରଣରୁ ଦେଶକୁ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ ହେବାକୁ ପଡିଛି। ଅନେକ ଆନ୍ତର୍ଜାତୀୟ ସମ୍ବାଦପତ୍ର ଓ ପତ୍ରିକା ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଭାଜନକାରୀ ବୋଲି ଆଖ୍ୟା ଦେଇ ଅନେକ ଲେଖା ଲେଖିଛନ୍ତି। ଆନ୍ତର୍ଜାତୀୟ ମଞ୍ଚରେ ଭାରତ ସରକାରଙ୍କୁ ଇସଲାମ ବିରୋଧୀ ଆଖ୍ୟା ଦିଆଯାଇଛି।

ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ନୀତି କାରଣରୁ ଭାରତ ବିଶ୍ୱସ୍ତରରେ ଆଦୃତ ହେଉଥିବା ବେଳେ ଏବେ ବିଭିନ୍ନ ବିବାଦୀୟ ବୟାନ ପାଇଁ ଭାରତକୁ ଲଜ୍ଜିତ ହେବାକୁ ପଡିଛି। ଏହା ଏକ ଚିନ୍ତାଜନକ ଘଟଣା। ଧର୍ମନିରପେକ୍ଷତା, ସମତାବାଦୀ ଏବଂ ସମରସ ସମାଜ ଭାବେ ଏକ ଲୋକପ୍ରିୟ ରାଷ୍ଟ୍ର ରୂପରେ ପରିଚିତ ଭାରତର ଛବି ଏବେ ସାମ୍ପ୍ରଦାୟିକ, ସଂଖ୍ୟାଲଘୁ ବିରୋଧୀ ରାଷ୍ଟ୍ରରେ ପରିଣତ ହେବାକୁଯାଉଛି। ବିଗତ ସାତ ଦଶନ୍ଧି ଭିତରେ ଅର୍ଜିତ ଅନେକ କଥାକୁ ଭାରତ ଏବେ ହରାଇସାରିଛି। ୭୦ ବର୍ଷ ଭିତରେ ଯାହା ହୋଇନଥିଲା ଏବେ ତାହା ହେଉଛି। କତର ସରକାର ମହମ୍ମଦଙ୍କ ବାବଦରେ ବିବାଦୀୟ ବୟାନ ପାଇଁ ଭାରତ ସରକାର କ୍ଷମା ମାଗନ୍ତୁ ବୋଲି କହିଛି। ବିଜେପି ପ୍ରବକ୍ତାମାନଙ୍କ ବୟାନବାଜି ଏବେ ଦେଶ ଭିତରର ପ୍ରସଙ୍ଗ ନହୋଇ ଆନ୍ତର୍ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ଏହାଦ୍ୱାରା ଅନେକ ଦେଶ ସହ ସମ୍ପର୍କ ବିଗିଡିବାର ସମ୍ଭାବନା ମଧ ସୃଷ୍ଟି ହୋଇଛି। ନୂପୁର ଏବେ ତାଙ୍କ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧମ ଏବେ ନୂପୁରଙ୍କୁ ନେଇ ମୁଖର ହୋଇ ଉଠିଛି। ଗୋଟିଏ ଗୋଷ୍ଠୀ ନୂପୁରଙ୍କୁ ସମର୍ଥନ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ତାଙ୍କୁ ବିରୋଧ କରି କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି।

ଅନେକ ଇସମାମିକ ଦେଶ ନୂପୁରଙ୍କ ମନ୍ତବ୍ୟଙ୍କୁ ନେଇ ମାତ୍ରାଧିକ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ସାଉଦୀଆରବ, ଇରାନ, କତର, ଓମାନ ଓ ଇଣ୍ଡୋନେସିଆ ଭଳି ଦେଶ ଭାରତରେ ମୁସଲମାନମାନଙ୍କୁ ନେଇ କିଛି ବି ବିବାଦ ସୃଷ୍ଟି ହେଲେ ଏକଜୁଟ ହୋଇଯାଉଛନ୍ତି। ଅନେକ ଇସଲାମିକ ଦେଶର ଅର୍ଥବ୍ୟବସ୍ଥା ତୈଳ ଉତ୍ପାଦନ ଏବଂ ବିକ୍ରୀ ଉପରେ ନିର୍ଭରଶୀଳ ଏବଂ ଏସବୁ ଦେଶ ପେଟ୍ରୋଡଲାର ପାଇଁ ଶକ୍ତିଶାଳୀ ହୋଇଯାଇଛନ୍ତି। ଏସବୁ ଦେଶରେ ଅନେକ ଭାରତୀୟ ମଧ ଚାକିରୀ କରୁଛନ୍ତି ଯେଉଁଥିପାଇଁ ଭାରତକୁ ଅଧିକ ପରିମାଣର ବିଦେଶୀ ମୁଦ୍ରା ମିଳିପାରୁଛି। ଆଜିର ସମୟରେ ଅର୍ଥକୁ ବିରୋଧ କରି କୌଣସି ଦେଶର ବିକାଶ ସମ୍ଭବ ନୁହେଁ। ସବୁଠାରୁ ବଡକଥା ହେଉଛି ଭାରତ ଏକ ଧର୍ମନିରପେକ୍ଷ ଦେଶ ଓ ଏଠାରେ ସବୁଧର୍ମର ଲୋକେ ରହୁଛନ୍ତି। ସଂଖ୍ୟାରେ କିଏ ଅଧିକ ବା କମ୍ ହୋଇପାରେ କିନ୍ତୁ ଏଠି ସମସ୍ତଙ୍କୁ ସମାନ ଅଧିକାର ମିଳିଛି। ବର୍ତ୍ତମାନ ଇଣ୍ଟରନେଟର ଯୁଗ। ଏବେ ଯେ କୌଣସି ତଥ୍ୟ ଇଣ୍ଟରନେଟ ମାଧ୍ୟମରେ ତୁରନ୍ତ ପ୍ରସାରିତ ହୋଇଯାଉଛି। ନୂପୁରଙ୍କୁ ମାମଲାରେ ମଧ ଏପରି ଘଟିଛି। ଇଣ୍ଟରନେଟ୍ ପାଇଁ ସୃଷ୍ଟି ହୋଇଥିବା ନୂଆ ସଂସ୍କୃତିରେ ମିନିଟିକ ମଧରେ କାହାକୁ ନାୟକ ତ କାହାକୁ ଖଳନାୟକ ଭାବେ ନିରୁପିତ କରିବାର ଉଦ୍ୟମ ଚାଲିଛି।

ଯେଉଁମାନେ ବିଜେପିକୁ ବିରୋଧ କରୁଛନ୍ତି ସେମାନଙ୍କୁ ନୂପୁରଙ୍କ ବୟାନ ବେଶ୍ ଖୋରାକ ଯୋଗାଇଛି ଓ ସେମାନେ ମୋଦୀ ସରକାରଙ୍କୁ ଘେରିବାକୁ ଆରମ୍ଭ କଲେଣି। ନୂପୁରଙ୍କ ପ୍ରସଙ୍ଗ ଏବେ ଯେତେ ଚର୍ଚ୍ଚା ହେଉଛି ସେମିତି ଚର୍ଚ୍ଚା ଆଗରୁ କେବେ ହୋଇନଥିଲା। ହିନ୍ଦୁ ଦେବଦେବୀଙ୍କ ବିରୁଦ୍ଧରେ ଅନେକ ସମୟରେ ଆପତ୍ତିଜନକ ମନ୍ତବ୍ୟ ଅନେକେ ଦେଇଛନ୍ତି, ହିନ୍ଦୁ ଦେବଦେବୀଙ୍କ ଚିତ୍ରକୁ କାର୍ଟୁନ କରାଯାଇଛି ହେଲେ ଦେଶ ଭିତରେ କିମ୍ବା ବାହାରେ ଏଭଳି ପ୍ରତିକ୍ରିୟା ହିନ୍ଦୁମାନଙ୍କ ପକ୍ଷରୁ କେବେ ପ୍ରକାଶ ପାଇନାହିଁ। କଥା ହେଉଛି କେତେକ ଇସଲାମିକ ଦେଶ ଭାରତୀୟ ମୁସଲମାନଙ୍କ ପାଇଁ ସ୍ୱର ଉଠାଇ ନୈତିକ ସମର୍ଥନ ଦେବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଏଣୁ ଭାରତ ପାଇଁ ଅନେକ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ସର୍ବୋପରି ସାମ୍ପ୍ରଦାୟିକତାକୁ କେବେ ଚୁପଚାପ ସହ୍ୟ କରାଯିବା ଉଚିତ୍ ନୁହେଁ। ଏବେ ଜାତୀୟ ସ୍ତରର ଟେଲିଭିଜନ ଚ୍ୟାନେଲମାନଙ୍କରେ ଟିଆରପି ପାଇଁ ଚାଲିଥିବା ଦୌଡରେ ଅନେକ ନେତା ମଧ ସାମ୍ପ୍ରଦାୟିକ ସଦ୍‌ଭାବ କ୍ଷୁର୍ଣ୍ଣ ହେବା ଭଳି ମନ୍ତବ୍ୟ ଦେଉଛନ୍ତି ଯାହା ଠିକ୍ ନୁହେଁ। ଯାହାବି ହେଉ ଦେଶର ପ୍ରତିଷ୍ଠା ପ୍ରତି ଆଞ୍ଚ ଆସିବା ଭଳି କୌଣସି କାର୍ଯ୍ୟକୁ ପ୍ରଶୟ ଦିଆଯିବା ଅନୁଚିତ୍।


♥ ରାମଚନ୍ଦ୍ରପୁର, ରଣପୁର,
ମୋ: ୯୪୩୮୪୮୫୦୯୪


## କବିତା କୋଣାର୍କ

### କବିତା ଲେଖୁଥିବା ଗାଉଁଲି ପୁଅ



ସୁବ୍ରତ କୁମାର ଜେନା

ବାପା ଭାବନ୍ତି ଏ କବିତା ଫବିତା କଣ?
ପେଟକୁ ଦି ଓଳି ଖାଇବାକୁ ଦେଇ ପାରିବ?
ନାଁ ତୁ କଣ ଏଥିରେ ସଂସାର ଚଳାଇ ପାରିବୁ ?
ପୁଣି ଭାବନ୍ତି ପୁଅ କାଳେ କୋଉ ଝିଅ ପାଲରେ ପଡିନିତ ?
ଏସବୁ ଏଥର ଛାଡ଼ ।

ସାଙ୍ଗ ସାଥୀଙ୍କ ସଂଖ୍ୟା ଅନେକ,
ଆଉ ଏବେବି ଏଥିରେ ଯୋଗ ପ୍ରକ୍ରିୟା ଚାଲିଛି,
ଅନେକ କୁହନ୍ତି,
ଆରେ ଭଲତ ଲେଖୁଛୁ, ଲେଖା ଜାରି ରହୁ,
ଆଉ କିଛି ପ୍ରଥମରୁ ଭାବୁଥିଲେ,
ବୋଧେ ମୁଁ କାହାର ନକଲ କରିଦେଉଛି ବୋଲି !
ସେମାନଙ୍କୁ ମୁଁ କେମିତି ଅଟକାଇ ପାରିଥାନ୍ତି ?
ଆଉ କିଛି କୁହନ୍ତି -
ତୋର ବୋଧେ ଆଉ କିଛି କାମ ଧନ୍ଦା ନାହିଁ,
ସବୁଦିନ କଣ ଇଆଡୁ ସିଆଡୁ ଗୁଡ଼ାଏ ଲେଖୁଛୁ !
କଣ ନାମୀ ଦାମୀ କବି ହୋଇଜିବୁ ?

କିନ୍ତୁ ଜଣେ ଅତି ନିଜର କେହି ଅଛି,
ସେ ପ୍ରତିଦିନ ଚାହିଁରୁହେ ମୋ ଲେଖାକୁ ଚାତକ ପରି,
ତେଣିକି ସେ ସେଥିରୁ କେତେ ବୁଝୁ କି ନାହିଁ,
ମୁଁ ସେ କଥା ଜାଣେନା,
କୁହେ ମୋ ଲେଖା ତାକୁ ଭଲ ଲାଗେ,
ହଁ ବେଳେ ବେଳେ ରାଗିଯାଏ,
କବିତାରେ ଆଉ କେଉଁ ରୂପସୀର ପ୍ରସଂଶାରେ,
କିଛି ସମୟ ରାଗିଲା ପରେ ଶାନ୍ତ ହୋଇଯାଏ କବିତାରେ,
ବାସ ଆଉ କଣ ଯେ ଲୋଡ଼ା ?
ପାଠ ଲାଗି କେହିତ ଜଣେ ପାଠକ ଅଛି ।

ମୁଁ ବି ବେଳେ ବେଳେ ଭାବନା ରାଇଜରେ ଅତିଥି ହୁଏ,
ପ୍ରଶ୍ନ ପଚାରେ ମୁଁ ଲେଖେ କାହିଁକି ?
ସତରେ ଏଥିରେ କଣ ଗୁଜୁରାଣ ମେଣ୍ଟିବ?
ନାଁ ମୁଁ ଅନେକ ଲୋକଙ୍କ ହୃଦୟକୁ ଛୁଇଁ ପାରିବି ?
ଏପରି ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରେ,
ଶେଷରେ ଉତର ମିଳେ,
ମୁଁ ମୋ ନିଜ ଲାଗି ଲେଖେ,
ମୋତେ ଲେଖିବାକୁ ବହୁତ ଭଲ ଲାଗେ,
ସମୟ ହେଲେ ଲେଖା ଆପେ ଆପେ ଆସେ,
ଲୋଡ଼ା ନାହିଁ ମୋର କୌଣସି ମାନପତ୍ର,
ମୁଁ ଏମିତି ଲେଖିଚାଲୁଥିବି ମୋ ଲେଖନୀ ଚାଲୁଥିବା ଯାଏ ।


♥ ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦


### ମିଛ



ଶୁଭଦର୍ଶିନୀ ଦାଶ

ହେଉ ପଛେ ମିଛ.....
କାଣିଚାଏ ବଞ୍ଚିବାର ଆଶା
ଦେଇ ପାରିଛି ତ' ମୁହୂର୍ତ୍ତେ ଜୀବନେ
ମୋର,
ହେଉ ସେ ମିଛୁଆ.......
କିଛି କ୍ଷଣ ଅଟକାଇ ଦେଇଛି ତ'
ଅଶ୍ରୁକୁ ମୋର,
ସେ ମିଛ ହସ୍ତରେଖା ପଢା ଗଣିତର
ହିସାବ
କରିପାରିଛି ତ' କ୍ଷଣିକେ ଶାନ୍ତ
ଅସ୍ଥିରତା ପୂର୍ଣ୍ଣ ମୋ ମନକୁ,
ମୁଁ ତ' ଏବେ ଆସନ୍ନ ଅତିଥି ଯମାଳୟେ
ଆୟୁଷର ଅପରାହ୍ନରେ,
ତଥାପି ମୃତ୍ୟୁକୁ ତ' ପାହୁଣ୍ଟେ ଘୁଞ୍ଚାଇ
ଦେଇପାରେ
ଦୁଇପଦ ମିଛ ତା'ର ।

ରୋଗାଗ୍ରସ୍ତ ଶରୀର ମୋର
ପାଇଛି ମୃତ୍ୟୁର ପରୱାନା
ଅକାଳେ ଅସମୟେ
ଭରା ଯୌବନେ,
ଧନ, ବନ୍ଧୁ, ପରିଜନ
ସବୁ ଲାଗନ୍ତି ଯେ ମିଛ,
କିନ୍ତୁ ମିଛୁଆ ବାବାର
ହସ୍ତରେଖା ଭବିଷ୍ୟତ ବାଣୀ
ଆଜି ସତେ ଅବା ଅଭୟ ବାଣୀ
ମୃତ୍ୟୁକୁ ଘୁଞ୍ଚାଇ ଦେଇଛି ପଛକୁ
ସେ ମିଛ ଦେବଦୂତ ସାଜି ।

ହୋଇପାରେ ତା'ର ହାତଦେଖା ପାଠ
ମିଛ ପ୍ରତିଶ୍ରୁତିର ଗାର
କିନ୍ତୁ ବିଷଣ୍ଣ ଜୀବନେ ମୋର
ଭରିଦିଏ ମନରେ କ୍ଷଣିକ
ଶାନ୍ତି ଓ ଆନନ୍ଦ ।


♥ ଭୁବନେଶ୍ୱର


### ହିରୋ



ଦୀପକ କୁମାର ନାଏକ

ଯିଏ ଦିନକ ଆଗରୁ ନିଜର ମୁହଁରେ
ସବୁ ସତକଥା କହୁଥିଲା
ଗୋଟିଏ ଦିନରେ ଏମିତି କଣ ହେଲା
ସେ ନିଜକୁ ପାଗଳ କହିଲା !!

ସତକଥା କେହି ହଜମ କରିପାରିଲେନି
କଳେ ବଳେ ଚାପି ଦେଲେ
ନୀରିହ ବାବୁ ସଞ୍ଜୟ ଏଇ ଚାପରେ
ଧରାଶାୟୀ ହୋଇଗଲେ !!

ସତକଥା କହିବା କଣ ଏତେବଡ଼ ପାପ
ଯେ
ନିଜେ ନିଜକୁ ପାଗଳ କହିଲେ
ସତ କହିବାଟା ଏଠି ବିପଦ ସାବ୍ୟସ୍ତ
ହୁଏ
ବାବୁ ନିଜେ ଅଙ୍ଗେ ଲିଭେଇଲେ !!

ଶେଷରେ ବାବୁ ସଞ୍ଜୟ ଚିନ୍ତାଗ୍ରସ୍ତ
ହୋଇ
ନିଜ କଥା ବଦଳାଇ ଦେଲେ
ହେଲେ ଦୁନିଆଁ ଆଗରେ ଗୋଟିଏ
ଦିନରେ
ହିରୋ ଗିରି ସାଜିଗଲେ
ହିରୋ ଗିରି ସାଜିଗଲେ !!


♥ ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮




## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୫)

# ପଞ୍ଚବଟୀରେ ଶ୍ରୀରାମ



କାର୍ତ୍ତିକ ସାହୁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରଭୁ ଶ୍ରୀରାମ ଭ୍ରାତା ଲକ୍ଷ୍ମଣ, ମାତା ସୀତା ଓ ଜଟାୟୁଙ୍କ ସାଙ୍ଗରେ ନେଇ ପଂଚବଟୀ ଅରଣ୍ୟରେ ପ୍ରବେଶ କଲେ। ପଂଚବଟୀ ଅରଣ୍ୟର ଶୋଭା ଅତୀବ ମନୋହର ଥିଲା। ସେଠାରେ ବହୁତ ଫୁଲ ଓ ଫଳରେ ଭରା ବୃକ୍ଷ ଥିଲେ। ପାଖରେ ଥିଲା ପବିତ୍ର ଗୋଦାବରୀ ନଦୀ। ଶ୍ରୀରାମ ବହୁତ ଖୁସି ହେଲେ ଓ ଏକ ଉପଯୁକ୍ତ ସ୍ଥାନରେ ପର୍ଣ୍ଣ କୁଟୀର ନିର୍ମାଣ କରିବାକୁ ଭ୍ରାତା



ଲକ୍ଷ୍ମଣକୁ କହିଲେ। "ଦରକାର ପଡ଼ିଲେ ଜଟାୟୁଙ୍କ ସହାୟତା ମାଗିବ" ଏ କଥା ମଧ୍ୟ ଶ୍ରୀରାମ କହିଲେ। ଲକ୍ଷ୍ମଣ ସଂଗେ ସଂଗେ ପର୍ଣ୍ଣ କୁଟୀର ଲାଗି ଆବଶ୍ୟକ ଡାଳ, ପତ୍ର, ଖମ୍ବ ଆଦି ଆଣି ଏକତ୍ରିତ କଲେ ଓ ଅତି ଅଳ୍ପ ସମୟରେ ସେମାନଙ୍କ ରହିବା ଲାଗି ଏକ ସୁନ୍ଦର ପର୍ଣ୍ଣ କୁଟୀର ନିର୍ମାଣ ହେଲା। ପଂଚବଟୀରେ ରାମ ଲକ୍ଷ୍ମଣ ଜାନକୀ ରହିବା ଆରମ୍ଭ କଲେ। ତାଙ୍କ ପାଖରେ ଜଟାୟୁ ମଧ୍ୟ ରହିଲେ। ଶରତ ଋତୁ ସରି ହେମନ୍ତ ଋତୁ ଧରାକୁ ଆଗମନ କଲା। ଜଂଗଲ ସୁସଜ୍ଜିତ ହୋଇ ଉଠିଲା ଫଳ ଫୁଲରେ।

ରାମ ଓ ଲକ୍ଷ୍ମଣ ବେଳେବେଳେ ଅଯୋଧ୍ୟା କଥା ମନେ ପକାଉଥିଲେ। ସେମାନେ ମାତାମାନଙ୍କ କଥା ଓ ଭରତଙ୍କ କଥା ମଧ୍ୟ ଚିନ୍ତା କରୁଥିଲେ। ଏ କଥା ଧୀରେ ଧୀରେ ସେମାନେ ଗ୍ରହଣ କରି ନେଇଥିଲେ ଯେ ତାଙ୍କ ବନବାସ ବିଧି ନିର୍ଦ୍ଦିଷ୍ଟ। ତେଣୁ ଶ୍ରୀରାମଙ୍କ ମନରେ ଟିକେ ମାତ୍ର ଦୁଃଖ ନଥିଲା।

ସମୟ ଗଡ଼ି ଚାଲିଲା ତା ବାଟରେ। ପଂଚବଟୀରେ ଅନେକ ବର୍ଷ ଖୁସିରେ ବିତାଇ ଦେଲେ ରାମ, ଲକ୍ଷ୍ମଣ ଓ ଜାନକୀ। ମାତ୍ର କଥା ସେଇଠି ସରିଲାନି। ରାମଙ୍କ ବନବାସ ଆସିବା ଲାଗି ବିଧିର ଯୋଜନା ଥିଲା। ସେ ଯୋଜନାରେ ଆହୁରି ଅନେକ କଥା ଲେଖାଥିଲା।

ପଂଚବଟୀ ଆଶ୍ରମରେ ସୂର୍ପଣଖାର ପ୍ରବେଶ: ହଠାତ୍ ଦିନେ ଏକ ରାକ୍ଷସୀ ସୂର୍ପଣଖା ପଂଚବଟୀରେ ପହଂଚିଗଲା। ସୂର୍ପଣଖା ଦେଖିବାକୁ ଭୀଷଣ ଅସୁନ୍ଦର ଓ ବିଶାଳକାୟା ଥିଲା। ସେ ପ୍ରବଳ ପ୍ରତାପୀ ରାକ୍ଷସ ରାବଣର ସାନ ଭଉଣୀ। ଗୋଦାବରୀ ନଦୀ କୂଳରେ ସେ ଶ୍ରୀରାମଙ୍କ ପାଦଚିହ୍ନ ଦେଖି ଅନୁମାନ କରିନେଲା ଯେ ସେଠାରେ ନରମାନଙ୍କ ଆଗମନ ହୋଇଛି। ଖୁସିରେ ନରମାଂସ ଭକ୍ଷଣ କଥା ଚିନ୍ତା କରି ସେ ପଦାଙ୍କ ଅନୁସରଣ କରି ଶ୍ରୀରାମଙ୍କ ପର୍ଣ୍ଣ କୁଟୀର ପାଖରେ ପହଂଚିଗଲେ। ଶ୍ରୀରାମଙ୍କ ରୂପକାନ୍ତି ଦେଖି ସେ ବିମୋହିତ ହୋଇଗଲା ଓ ତାଙ୍କୁ ପତି ରୂପେ ପାଇବାକୁ ଇଚ୍ଛା କଲା।

ମାୟା ବଳରେ ସୂର୍ପଣଖା ନିଜକୁ ଏକ ସୁନ୍ଦରୀ ଯୁବତୀରେ ପରିଣତ କଲା ଓ ଯାଇ ରାମଙ୍କ ସମ୍ମୁଖରେ ଉପସ୍ଥିତ ହେଲା। ପଂଚବଟୀ ଅରଣ୍ୟରେ ଏପରି ସୁନ୍ଦରୀ ଯୁବତୀଙ୍କୁ ଦେଖି ଶ୍ରୀରାମ ଆଶ୍ଚର୍ଯ୍ୟ ହେଲେ। ସୂପର୍ଣଖା ରାମଙ୍କ ସହିତ ସୀତା ଓ ଲକ୍ଷ୍ମଣଙ୍କୁ ଦେଖିଲା ଓ ମନରେ ଏ କଥା ପାଂଚିଲା ଯେ ସେ ଅପୂର୍ବ ସୁନ୍ଦରୀ ସୀତାଙ୍କୁ ନେଇ ତା ଭାଇ ରାବଣକୁ ଦେବ।

ସୂର୍ପଣଖା ଶ୍ରୀରାମଙ୍କ ତାଙ୍କର ପରିଚୟ ମାଗିଲା। ଶ୍ରୀରାମ ତାଙ୍କ ପରିଚୟ ଦେଲାପରେ ସେ ନିଜର ପରିଚୟ ପ୍ରଦାନ କଲା ଓ ଶ୍ରୀରାମଙ୍କୁ ବିଭା ହେବାର ଇଚ୍ଛା ପ୍ରକଟ କଲା। ଶ୍ରୀରାମ ତାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ଓ କହିଲେ ସୀତା ତାଙ୍କ ପତ୍ନୀ ଓ ସେ ଅନ୍ୟ କାହାକୁ ବିଭା ହୋଇପାରିବନି। ଥଟାରେ ଶ୍ରୀରାମ ସୂର୍ପଣଖାକୁ ଲକ୍ଷ୍ମଣଙ୍କ ପାଖକୁ ପଠାଇଲେ ଓ କହିଲେ- ଲକ୍ଷ୍ମଣ ଯଦି ରାଜି ହୁଏ, ତାକୁ ତୁମେ ବିଭା ହୋଇପାର। ସୂର୍ପଣଖା ଲକ୍ଷ୍ମଣଙ୍କ ପାଖକୁ ଗଲା ଓ ତାଙ୍କୁ ବିଭାହେବା ଇଚ୍ଛା ପ୍ରକଟ କଲେ। ବିଭାହେବା ଦୂର କଥା, ଲକ୍ଷ୍ମଣ ସୂର୍ପଣଖାର ମୁଖକୁ ଚାହିଁଲେ ନାହିଁ।

ଏମିତି ବାରମ୍ବାର ପ୍ରତ୍ୟାଖାନ ହୋଇ ସୂର୍ପଣଖା ରାଗିଗଲା ଓ ତାର ମୋହିନୀ ବେଶ ଛାଡ଼ି ରାକ୍ଷାସୀ ରୂପରେ ଛିଡ଼ା ହେଲା। ସେ ସଂଗେ ସଂଗେ ସୀତାଙ୍କୁ ଆକ୍ରମଣ କଲା। ସୀତା ସୂର୍ପଣଖାର ଭୟଙ୍କର ରୂପ ଦେଖି ଡରିଗଲେ ଓ ରାମଙ୍କୁ ପ୍ରାର୍ଥନା କଲେ ତାଙ୍କୁ ରକ୍ଷା କରିବାକୁ।

ରାମ ଅନୁଜ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ- ସୂର୍ପଣଖାକୁ ଉପଯୁକ୍ତ ଦଣ୍ଡ ଦିଅ। ଶ୍ରୀରାମ ଏକଥା ମଧ୍ୟ କହିଲେ ଯେ ସୂର୍ପଣଖା ନାରୀ। ତାର ବଧ କରନାହିଁ। ଲକ୍ଷ୍ମଣ ସଂଗେ ସଂଗେ ନିଜ ଖଡ଼୍ଗରେ ସୂର୍ପଣଖାର ନାକ ଓ କାନ କାଟି ଦେଲେ। ସୂର୍ପଣଖା ଘୋର ରଡ଼ି କରି ସେଠାରୁ ଦୌଡ଼ି ପଳାଇଲା।

ରାବଣ ସହିତ ଯୁଦ୍ଧ ହେବାର ସୂତ୍ରପାତ ହୋଇଗଲା। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

ମୋ: ୯୯୩୮୦୩୦୦୭୫୧

# କବିତା

ତୁମ ପାଇଁ

## କରୋନା ପ୍ରଭାବ

### ପୂର୍ଣ୍ଣଚନ୍ଦ୍ର ଓଝା

ପାର୍ଥ-ପ୍ରୀତି ଦୁହେଁ ଭାଇ ଭଉଣୀ
ଘରେ ପଡ଼ି ପଡ଼ି ବିରକ୍ତ ହେଲେଣି
ଖେଳ କୁଦ ଆଉ ହୋଇ ପାରୁନି
କି ବଂଧୁଘର ବୁଲି ଯାଇ ହେଉନି।

କରୋନା ଭୂତାଣୁ ମାଡ଼ି ଚାଲିଅଛି
ଯେପରି ଜଙ୍ଗଲ ନିଆଁ
ଦେଶରୁ ଦେଶକୁ ଦେହରୁ ଦେହକୁ
ମାରି ଚାଲିଅଛି ଡିଆଁ।

କୋଟି କୋଟି ପ୍ରାଣ ନେଇ ସାରିଲାଣି
ସାରା ସଂସାରଟା ଶ୍ମଶାନ ହେଲାଣି
କାମ ଧଂନ୍ଦା ସବୁ ଛଡ଼ାଇ ନେଲୁ
ସଟ୍‌ଡାଉନ-ଲକ୍‌ଡାଉନରେ ଘରେ ରହିଲୁ।

ନେହୁରା ହେଉଛି କରୋନା ଦିଦି
ଛାଡ଼ି ଚାଲି ଯାଆ ପାରିବୁ ଯଦି
ତୋ ପାଇଁ ଭେକ୍‌ସିନା କାମ କରୁନି
ଉପାୟଟା କହ କରୋନା ନାନୀ।

କରୋନା କହିଲା ପିଲା! ନକର ଭୟ
ତୁମରି ପାଖରେ ଅଛି ଉପାୟ
ସଚେତନ ଟିକେ ରହିଲେ ଭାଇ
ବାରବାର ସ୍ବାବନ ହାତକୁ ଧୋଇ
ବାହାରକୁ ଗଲେ ମାସ୍କ ପିନ୍ଧିବ
ଦୂରରେ ଥାଇକି କଥା ହୋଇବ,
ଗହଳି ଯାଗାକୁ ନଯିବ କେବେ
ବଂଧୁକୁ ଦେଖିଲେ ହାତ ନ ମେଳାଅ
ନମସ୍ତେ କରିଣ ଦୂରରେ ଥିବ।

କଂଚା ପରିବା , ତଟକା ଖାଦ୍ୟ ନିଇତି ଖାଅ
ହଳସୀ ରସ-ତୁଳସୀ ପତ୍ର ଲେମ୍ବୁ ରସଟା ପିଅ।
ଏ ସବୁ କଥା ମାନିବ ଯେବେ
ହଟିଯିବି ମୁଁ-
ସୁସ୍ଥ ନିରୋଗା ରହିବ ତେବେ।

+ପାବନକ୍ଷେତ୍ର, ଛମୌଜ, ଜଳେଶ୍ୱର
ମୋ: ୬୩୭୨୦୧୮୫୭୪

## ପାଠ ପଢ ଭବିଷ୍ୟତ ଗଢ

### ଜଗଦୀଶ ସାହୁ

ଛୁଟି ସରିଗଲା ମୌସୁମୀ ଆସିଲା
ଚଗଲାମି ଛାଡି ରାମ
ବିଦ୍ୟାଳୟ ଯାଇ ପଢ ମନଦେଇ
ରଖ ଏ ଦେଶର ନାମ ।

ତୁମ ଶ୍ରେଣୀଗୃହ ସାଧାରଣ ନୁହଁ
ସକଳ ବିଦ୍ୟାର ଖଣି
ଭୁଲି ଦୁଷ୍ଟପଣ କାନଡେରି ଶୁଣ
ଗୁରୁଙ୍କ ଅମୃତବାଣୀ ।

ଗୁରୁଙ୍କ ବଚନ ଆଲୋକ ସମାନ
ଅନ୍ଧାର ଦେବ ଦୂରେଇ
ନିତ୍ୟ ନିୟମିତ ପଢା ପ୍ରତିରତ
ଥିଲେ ସଫଳତା ପାଇ।

ସମୟକୁ ନଷ୍ଟ କଲେ ଦିନେ କଷ୍ଟ
ପାଇବ ଏକଥା ଥୟ
ଉଚ୍ଚ ପାଠପଢି ଭବିଷ୍ୟତ ଗଢ଼ି
ସଂସାରେ ଆଦର୍ଶ ହୁଅ।

+ସଞ୍ଜୀପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :୯୦୭୮୧୮୫୬୧୬



## ଚାଟଶାଳୀ ଶିକ୍ଷା ମୂଳ

### ରମେଶ ଚନ୍ଦ୍ର ନାୟକ

ଗାଆଁ ଶେଷ ମୁଣ୍ଡେ ବରଗଛ ମୂଳେ
ଆମ ପ୍ରିୟ ଚାଟଶାଳୀ
ଝାଟି ମାଟି ଚାଳ ଛପର ଦେହରେ
ସତେକି ମନ୍ଦିର ଭଳି ।
କୋଠାଘର ତା'ର ସରି ହେବ ନାହିଁ
ଖରା ବର୍ଷା ଶୀତ ବାଆ
ଝଡ ବତାସରେ ବିପଦେ ଆପଦେ
ବୁଢ଼ା ବରଗଛ ସାହା ।
ଚିକ୍କଣ ମାଟିର କାନ୍ଥର ଦେହରେ
ଲେଖାଅଛି ନୀତିବାଣୀ
ଶିଶୁ ବିକାଶର କାର୍ଯ୍ୟକ୍ରମ ମାନ
ସଚ୍ଚିତ୍ରେ ବର୍ଣ୍ଣନା ପୁଣି ।
ଦେଶ ଜାତି ବୀର ସଂଗ୍ରାମୀ ପୁରୁଷ
ଜ୍ଞାନୀ ଗୁଣୀ ସାଧୁ ସନ୍ଥ
ଶ୍ରେଣୀ କକ୍ଷେ ଶୋଭେ ତାଙ୍କ ଫଟୋଚିତ୍ର
ଦେଖାଏ ଆଲୋକ ପଥ ।
ଆମ ଚାଟଶାଳୀ ଶିଶୁରୁ ତୃତୀୟ
କଳିକାଙ୍କ ବିଦ୍ୟାପୀଠ
ଗୁରୁଜୀ ଗୁରୁମା ପଢାନ୍ତି ଖେଳାନ୍ତି
ଖୁଆନ୍ତିତ ଡାଲିଭାତ ।
ବଗିଚା ସୁନ୍ଦର ଥିଲେ ଫୁଲ ଗଛ
ଚାଟଶାଳୀ ଥିଲେ ପିଲା
ପିଲା କୋଳାହଳେ ଆଦ୍ୟ ବିଦ୍ୟାପୀଠ
ହସି ଉଠେ ସଦା ଭଲା ।
ଚାଟଶାଳୀ ଶିକ୍ଷା ଦେଇଥାଏ ଦୀକ୍ଷା
ବିକାଶର ମୂଳମନ୍ତ୍ର
ସେ ମନ୍ତ୍ରେ ମନ୍ତ୍ରିତ ପିଲା ଗଢିଥାନ୍ତି
ଜୀବନର ଭବିଷ୍ୟତ ।
ଯେତେବଡ ଯିଏ ହେଉନା କାହିଁକି
ଭୁଲେ ନାହିଁ ପିଲାବେଳ
ଯେତେ ଶିକ୍ଷା ଯିଏ ପାଉନା କାହିଁକି
ଚାଟଶାଳୀ ଶିକ୍ଷା ମୂଳ ।
ରମେଶ ଚନ୍ଦ୍ର ନାୟକ

କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦



## କଳି କରିବାନି କେବେ

### ଆଦ୍ୟାଶା ମହାପାତ୍ର

ଦୁଇଟି ବିରାଡ଼ି ପିଠାଟେ ପାଇ
କଳି ଆରମ୍ଭିଲେ ଖାଇବା ପାଇଁ
ଦୁହିଁଙ୍କ ମଧ୍ୟରେ ଭାଗ ନ ଛିଣ୍ଡେ
ବେଳକୁ ବେଳ ସେ ଝଗଡା ବଢେ ।

ଗଛରେ ମାଙ୍କଡ ଥିଲାଟି ବସି
ପିଠାଟିକୁ ଦେଖି ଆସିଲା ହସି
କହିଲା ପିଠାକୁ କରିବି ଭାଗ
ଦୁହିଁଙ୍କ ମଧ୍ୟରେ ନଥିବ ରାଗ ।

ପଲାଟିଏ କାହୁଁ ମାଗି ଆଣିଲା
ଦୁଇ ପଟେ ପିଠା ଭାଙ୍ଗି ରଖିଲା
ଯେଉଁ ପଟ ପଲା ହୋଇଲା ଭାରି
ଖାଇଲା ସେଇଠୁ ଖଣ୍ଡିଆ କରି ।

ଦେଖୁ ଦେଖୁ ପିଠା ସବୁ ସରିଲା
ମାଙ୍କଡର ଇଚ୍ଛା ପୁରା ହୋଇଲା
କଳି କରିବାରୁ ବିରାଡି ଦୁଇ
ଓପାସ ରହିଲେ କିଛି ନପାଇ ।

ସେହି ଦିନୁ ଦୁହେଁ କଲେ ଶପଥ
କଳି କରିବେନି ହୋଇବେ ମିତ
ଏଣୁ କେବେ କଳି କରିବା ନାହିଁ
ଚଳିବା ସଭିଙ୍କୁ ସାଥିରେ ନେଇ ।

+ନୂଆପଡା,କଟକ

# ଦଶା ଭୋଗିଲା ପୁଲକ



ନଗେନ୍ଦ୍ର ନାଥ ପଟ୍ଟନାୟକ



ପୁଲକ ବୋଇଲେ ପିଲାଟିଏ । ଭାରି ଆଚାରପ୍ରିୟ । ସୁଆଦିଆ ଆଚାର ଦେଖିଲେ ତା ପାଟିରେ ଥପଥପ ହୋଇ ଲାଳ ଗଡେ । ପ୍ରତିଦିନ ସେ ମେଂଚେ ଲେଖାଁ ଆଚାର ଖାଇନିଏ । ମାଆ ଯଦି ତାକୁ କୌଣସି ଦିନ ଆଚାର ନ ଦିଏ ଭେମାରଡି ଛାଡି କାନ୍ଦ ବୋବାଳି କରେ ଆଉ ଘର ଚଟାଣରେ ଗୋଡହାତ ବାଡାଏ । ସେଦିନ ସେ ମାଆ ହାତରନ୍ଧା ଖାଦ୍ୟକୁ ଖାଇବା ତ ଦୂରର କଥା ସେଥିରେ ହାତ ବି ମାରିଲାନି । ସ୍ୱାଦିଷ୍ଟ ଆଚାର ଛଡା, ଆଉ କିଛି ଖାଦ୍ୟ ଦରବ ଭୋଜନ କରୁ ନ ଥିବାରୁ ବାପା ମାଆ ଦୁହେଁ ବଡ ଚିନ୍ତାରେ ପଡିଗଲେ । ନାଚାର ହୋଇ ମାଆ ତାକୁ ନିଇତି ଆଚାର ଦିଅନ୍ତି ଖାଇବାକୁ । ଅତ୍ୟଧିକ ଆଚାର ଖାଇବା ଦେହପାଇଁ ହାନିକାରକ ବୋଲି ବାପା ତାକୁ ଯେତେ ବୁଝାଇଲେ ବି ସେ ତାଙ୍କ କଥାକୁ ଏ କାନରେ ପୂରେଇ ସେ କାନରେ ବାହାର କରିଦିଏ । ହେଲେ ସେ ନଛୋଡବନ୍ଧା, ଏକାଜିଦ ସେ ଆଚାର ଖାଇବ ନା ଖାଇବ । ତାଛଡା, ଘରର ଜେଜେ ଓ ଜେଜେମା ବି ତାକୁ ଖୁବ୍ ବୁଝେଇଲେ -ଦେଖ ପୁଲକ, ତୁ ଯଦି ସବୁଦିନେ ଏମିତି ଆଚାର ଖାଇବୁ ଦିନେ ନା ଦିନେ ବେମାରରେ ପଡିବୁ । ଏଣୁ ତୁ ଏଥିପ୍ରତି ସାବଧାନ ରହ, ଆଉ ଏ କୁଅଭ୍ୟାସରୁ ନିଜକୁ ଦୂରେଇ ରଖ । ହେଲେ ପୁଲକ ଶୁଣି ନ ଶୁଣିଲା ଭଳି ସେମାନଙ୍କ କଥାକୁ ଫୁ କରି ଉଡେଇ ଦିଏ ।

ଦିନକର କଥା, ତାଙ୍କ ଘରେ ଆଚାର ସରିଯାଇଥାଏ । ଆଚାର ଡିବା ସବୁ ଖାଲି । ଆଚାର ଛଡା ଆଉ କିଛି ରନ୍ଧାଖାଦ୍ୟ ଖାଇବ ନାହିଁ ବୋଲି ସେ ମା'ଙ୍କ ମୁହଁରେ ରୋକଠୋକ ଶୁଣାଇଦେଲା । ଦୁର୍ଯୋଗକୁ ସେଦିନ ଧର୍ମଘଟ ଯୋଗୁଁ ବଜାର ବନ୍ଦ । ସବୁ ଦୋକାନରେ ତାଲା ଝୁଲୁଥାଏ । ସେଦିନ ସେ ମୁହଁ ଶୁଖେଇ ଖାଲି ପେଟରେ ତା କୋଠରୀରେ ଭିତରୁ କବାଟ କିଳି ଶୋଇପଡିଲା । ବାପା ମାଆକୁ ପଚାରିଲେ - ପୁଲକ କଣ ଆଜି କିଛି ଖାଇନି ? ମାଆ କହିଲେ -ନାଇଁ, ଘରେ ଆଜି ଆଚାର ନ ଥିଲା । ତେଣୁ ସେ ରନ୍ଧାଖାଦ୍ୟ ଖାଇଲା ନାହିଁ , ଅଡିବସିଲା ଖାଲି ଆଚାର ଖାଇବି ବୋଲି । ସେଥିପାଇଁ ସେ ଆଜି ରାଗିରୁଷି, ମୁହଁ ଫୁଲେଇ ଘରେ ଶୋଇଯାଇଛି ।

ଦେଖୁ ଦେଖୁ ପୁଲକର ଦେହପା ବିଗିଡିଗଲା । ସେ ରୋଗରେ ପଡିଲା । ବାପା ତାକୁ ସାଙ୍ଗେ ସାଙ୍ଗେ ମଟର ସାଇକେଲରେ ବସାଇ ନେଇଗଲେ ଅନତି ଦୂରରେ ଥିବା ଡାକ୍ତରଖାନାକୁ । ସେଦିନ ସେ ଆଉ ସ୍କୁଲକୁ ଯାଇପାରିଲା ନାହିଁ । ଡାକ୍ତରବାବୁ ତାକୁ ପରୀକ୍ଷାନିରୀକ୍ଷା କଲାପରେ ଔଷଧ ପାନେ ଖୁଆଇଦେଲେ । କିଛିକ୍ଷଣ ପରେ ସେ ଠିକଠାକ ହୋଇଗଲା । ଡାକ୍ତରବାବୁ ପରାମର୍ଶ ଦେଇ କହିଲେ -ଏଣିକି ତୁ ସବୁ ଖାଦ୍ୟ ଖାଇବୁ । କାରଣ ପ୍ରତ୍ୟେକ ଖାଇବା ଦରବରେ କିଛି ନା କିଛି ପୋଷକ ତତ୍ତ୍ୱ ଥାଏ । ଏସବୁ ଆହାର ଦ୍ୱାରା ଖାଲି ଦେହ ନୁହେଁ, ମନ ବି ସୁସ୍ଥ ସବଳ ହୋଇଥାଏ । ତୁ ଯଦି ଆଚାର ଖାଇବା କୁଅଭ୍ୟାସ ନ ଛାଡୁ ତେବେ ତୋର ରୋଗରେ ପଡିବା ହିଁ ସାରହେବ ।

+୯୯୯-ଘ,ଜଗମୋହନ
ନଗର,ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

# ବାପୁଙ୍କ ଉପହାର



ବିନୟ କୁମାର ଦାସ

ଭାରତ ସ୍ୱାଧୀନତା ପ୍ରାପ୍ତିର କିଛି ସପ୍ତାହ ପୂର୍ବର ଘଟଣାଟିଏ । ସେତେବେଳେ ପଶ୍ଚିମ ବଙ୍ଗରେ ଦଙ୍ଗା ଚାଲିଥାଏ । ହିନ୍ଦୁ ଓ ମୁସଲମାନ ପରସ୍ପରକୁ ହତ୍ୟା କରି ଚାଲିଥାନ୍ତି । ମହାତ୍ମା ଗାନ୍ଧୀ କଲିକତାରେ ରହି ଏହି ଦଙ୍ଗାକୁ ଦମନ କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା ଚଳାଇଥାନ୍ତି। ପଣ୍ଡିତ ଜବାହର ଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦିଲ୍ଲୀରେ ରହୁଥାନ୍ତି । ସେମାନେ ଗାନ୍ଧିଜୀଙ୍କ ନିକଟକୁ ଜଣେ ଦୂତ ହାତରେ ଗୋଟିଏ ଅନୁରୋଧ ପତ୍ର ପଠାଇଲେ । ମଧ୍ୟାହ୍ନରେ ଦୂତଙ୍କଠାରୁ ସେଇ ପତ୍ରଟି ପାଇ ଗାନ୍ଧିଜୀ ପ୍ରଥମେ ତାଙ୍କୁ ପଚାରିଥିଲେ, "ତୁମେ ଭୋଜନ କରିଚ ତ ?"

ଦୂତ ଜଣକ ନାହିଁ କହିବାରୁ ଗାନ୍ଧିଜୀ ତାଙ୍କୁ ପ୍ରଥମେ ଭୋଜନ କରାଇଲେ ଓ ତାପରେ ପତ୍ର ଖଣ୍ଡିକ ଖୋଲି ପଢ଼ିଲେ । ସେ ପତ୍ରରେ ଲେଖାଥିଲା, "ବାପୁ ! ଆପଣ ରାଷ୍ଟ୍ରପିତା ଅଟନ୍ତି । ୧୯୪୭ ଅଗଷ୍ଟ ୧୫ ତାରିଖ ଆମ ଦେଶର ପ୍ରଥମ ସ୍ୱାଧୀନତା ଦିବସ ରୂପେ ମହା ସମାରୋହରେ ପାଳନ କରାଯିବ । ତେଣୁ ଆମର ଏକାନ୍ତ ଇଚ୍ଛା ଆପଣ ଦିଲ୍ଲୀକୁ ଆସି ଆମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ।"

ପତ୍ରଟିକୁ ପଢ଼ିସାରିବା ପରେ ଗାନ୍ଧିଜୀ କହିଲେ, "ଏ କି ମୂର୍ଖତାପୂର୍ଣ୍ଣ ଅନୁରୋଧ ? ଏଠି ବଙ୍ଗଭୂମି ଜଳୁଛି । ହିନ୍ଦୁ ମୁସଲମାନ ମଧ୍ୟରେ ସଦ୍‌ଭାବ ନାହିଁ। ହାଣ କାଟରେ ସେମାନେ ଲିପ୍ତ ରହିଛନ୍ତି । ସାମାନ୍ୟ ଭୁଲ୍ ବୁଝାମଣା ପାଇଁ ସେମାନେ ପରସ୍ପରର ଘୋର ଅନିଷ୍ଟ କରି ଚାଲିଛନ୍ତି। କଲିକତାର ଘନ ଅନ୍ଧକାର ଭିତରେ ମୁଁ ସେମାନଙ୍କର ଆର୍ତ୍ତନାଦ ଶୁଣି ପାରୁଛି । ଏ ପରିପ୍ରେକ୍ଷୀରେ ମୁଁ ମୋ ହୃଦୟରେ ଉଜ୍ଜ୍ୱଳ ଆଲୋକ ନେଇ କେମିତି ଦିଲ୍ଲୀ ଯାଇ ପାରିବି ? ବଙ୍ଗଭୂମିରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ମୋତେ



ଏଇଠାରେ ହିଁ ରହିବାକୁ ପଡ଼ିବ। ଯଦି ଦରକାର ପଡ଼େ ଶାନ୍ତି ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ପାଇଁ ମୋତେ ମୋ ପ୍ରାଣ ବିସର୍ଜନ କରିବାକୁ ବି ପଡ଼ିପାରେ । ମୁଁ ସେମାନଙ୍କର ଅନୁରୋଧ ରକ୍ଷା କରିପାରିବି ନାହିଁ । ତୁମେ ଏକଥା ସେମାନଙ୍କୁ ଜଣାଇଦେବ।"

ଦୂତଙ୍କୁ ବିଦାୟ ଦେବା ଉଦ୍ଦେଶ୍ୟରେ ସେ ବାହାରକୁ ଆସିଲେ । ସେ ଦୁହେଁ ଗୋଟିଏ ଗଛ ମୂଳେ ଛିଡ଼ା ହୋଇଥିଲେ । ଗଛରୁ ଗୋଟିଏ ଶୁଖିଲା ପତ୍ରଟି ଝଡ଼ି ପଡ଼ିଲା ସେଇଠି । ଗାନ୍ଧିଜୀ କହିଲେ, "ବନ୍ଧୁ, ତୁମେ ଦିଲ୍ଲୀ ଫେରିଯାଉଚ । ନେହେରୁ ଆଉ ପଟେଲଙ୍କୁ ମୁଁ ବା କି ଉପହାର ଦେଇପାରିବି । ଏ ପରିସ୍ଥିତିରେ ଏଇ ଶୁଖିଲା ପତ୍ରଟି ସେମାନଙ୍କୁ ଦେଇଦେବ । ମୋ ପାଖରେ ନା କିଛି କ୍ଷମତା ଅଛି ନା କିଛି ସମ୍ପତ୍ତି। ସେମାନଙ୍କୁ କହିବ ମୋତେ ଭୁଲ୍ ବୁଝିବେ ନାହିଁ ।"

ତାଙ୍କ କଥା ଶୁଣି ଦୂତଙ୍କ ନୟନ ଯୁଗଳରୁ ଦୁଇ ଠୋପା ଲୁହ ଝରି ପଡ଼ିଲା ଆଉ ପତ୍ରଟି ଓଦା ହୋଇଗଲା । ପରିହାସ ଛଳରେ ସାମାନ୍ୟ ହସି ଦେଇ ଗାନ୍ଧିଜୀ କହିଲେ, "ଦେଖିଲତ ବନ୍ଧୁ, ଈଶ୍ୱର କେତେ ଦୟାଳୁ । ଗାନ୍ଧିଜୀ ଶୁଖିଲା ପତ୍ରଟିଏ ଉପହାର ସ୍ୱରୂପ ପଠାଇବାକୁ ସେ ମଞ୍ଜୁର କଲେ ନାହିଁ । ତେଣୁ ଓଦା କରିଦେଲେ। ତୁମେ ଏଇ ଅଶ୍ରୁସିକ୍ତ ପତ୍ରଟିକୁ ମୋ ତରଫରୁ ସେମାନଙ୍କୁ ଦେଇଦେବ। କହିବ, ଏଇଟା ବାପୁଙ୍କ ଉପହାର ।"

+ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର

# ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ କୁହାଯାଇଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୭/୦୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ବଢୁଥିବା କାରଣରୁ ଜିଲ୍ଲାପାଳ ମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। କରୋନା ସଂଖ୍ୟା ବଢୁଥିବା ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ ଗତ ୭ଦିନ ଭିତରେ ଦୁଇ ଅଙ୍କ ଭିତରେ ରହୁଛି । ଆଜି ସଂକ୍ରମଣ ସଂଖ୍ୟା ସାମାନ୍ୟ ବଢ଼ିଛି। ଦେଶର ବିଭିନ୍ନ ରାଜ୍ୟରେ ଯେଉଁଭଳି ସଂକ୍ରମଣ ବଢୁଛି। ତେଣୁ ତାକୁ ଦେଖି ଆମକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେଉଁଭଳି ସର୍ଭିଲାନ୍ସ ଚାଲିବା କଥା ଚାଲିଛି। ଟେଷ୍ଟିଂ ଚାଲିଛି ତାକୁ ବଢ଼େଇବା ପାଇଁ କୁହାଯାଇଛି। ଲୋକମାନଙ୍କୁ ଆମେ ନିବେଦନ କରୁଛୁ ଯେଉଁମାନଙ୍କର ଲକ୍ଷଣ ଦେଖାଯାଉଛି, ସେମାନେ ତୁରନ୍ତ ପରୀକ୍ଷା କରାଇ ନେବାକୁ ସେ ଅପିଲ କରିଛନ୍ତି । ସେ ଲୋକ ମାନଙ୍କୁ କହିଛନ୍ତି ଯେ ଭିଡ଼କୁ ଯାଆନ୍ତୁ ନାହିଁ କି ଭିଡ଼ କରନ୍ତୁ ନାହିଁ। ମାସ୍କ ପିନ୍ଧନ୍ତୁ। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ଆଗକୁ ଆସି ଟେଷ୍ଟିଂ କରାଇ ନିଅନ୍ତୁ। ଅଳ୍ପ ବଢ଼ିଲେ ବି ତାକୁ ଅଣଦେଖା କରିବାନି ।ସତର୍କ ରହିବାକୁ ହେବ।

ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ଭିତରେ ଦୁଇ ତିନି ଥର ସମୀକ୍ଷା କରାଯିବା ସହ ଜିଲ୍ଲାପାଳମାନଙ୍କୁ ସଂକ୍ରମଣ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖନୀୟ ଯେ ଆଜି ରାଜ୍ୟରେ କରୋନା ସଂକ୍ରମଣ ପୁଣି ସାମାନ୍ୟ ବଢ଼ିଛି। ଗତକାଲି ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ନନ୍ଦନକାନନରେ ଏକାକୀ ଜୀବନ ବିତାଉଥିବା ବନ୍ୟଜନ୍ତୁଙ୍କୁ ମିଳିବ ସାଥୀ

ଭୁବନେଶ୍ୱର ,୧୭/୦୬ (ନି.ପ୍ର): ନନ୍ଦନକାନନରେ ଏକାକୀ ଜୀବନ ବିତାଉଥିବା ବନ୍ୟଜନ୍ତୁଙ୍କୁ ମିଳିବ ସାଥୀ। ଜିରାଫ, ଧୂସର ଗଧିଆ, ସାରସ ପକ୍ଷୀ, ସିଲଭର କ୍ରାଷ୍ଟେଡ୍ କକାଟୋ, ହଳଦୀପିଠିଆ ଲରି, ବର୍ମା ଅଜଗର ଭଳି ବନ୍ୟଜନ୍ତୁ ଓ ସରୀସୃପଙ୍କ ଏନ୍‌କ୍ଲୋଜରକୁ ନୂଆ ସାଥୀ ଆସିବେ। ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇ ନଥିଲେ ମଧ୍ୟ ଏଠାରେ ଏକାକୀ ଜୀବନ ବିତାଉଥିବା ଜନ୍ତୁଙ୍କ ଲାଗି ଦେଶର ଅନ୍ୟ ଚିଡ଼ିଆଖାନାରୁ ସାଥୀ ଅଣାଯିବ। ଏଥିସହ ଏଠାରେ ବଂଶଲୋପ ପାଇଥିବା ମାଙ୍କଡ଼ ପ୍ରଜାତି ମଧ୍ୟରେ ହୁଲୁକ ଗିବନ, ସିଂହଲାଞ୍ଜି, ଓରାଙ୍ଗଓଟାନ, ଲଜ୍ଜାବତୀ, ନୀଳଗିରି ହନୁ, ଜେବ୍ରା, ଗଣ୍ଡା, ବିରଳ କଳା ଚିତାବାଘ ଓ ପକ୍ଷୀଙ୍କ ମଧ୍ୟରେ କାସ୍ୱାରୀ, ନି କୋବାର ପାରା, ଲାଲ ମୁନିଆ, ଲାଲ ମାକାଓ ପ୍ରଭୃତିଙ୍କୁ ପୁଣିଥରେ ଆଣିବାକୁ ବି ବିଚାରବିମର୍ଶ ଜାରି ରହିଛି। ଯଦି ସବୁ ଠିକ୍‌ଠାକ୍ ଚାଲେ, ୨୦୨୩ ବେଳକୁ ନନ୍ଦନକାନନ ପୁଣିଥରେ ପୂରି ଉଠିବ।

ନନ୍ଦନାକାନନ ଗସ୍ତ ସମୟରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ)ର ସଦସ୍ୟ ସଚିବ ସଞ୍ଜୟ କୁମାର ଶୁକ୍ଳା ଏନେଇ ଆଶ୍ୱାସନା ଦେଇଛନ୍ତି। ଶାଗୁଣା ବଂଶବୃଦ୍ଧି ପାଇଁ ନନ୍ଦନକାନନରେ ଚାଲିଥିବା ପ୍ରଜନନ ଯୋଜନାକୁ ଶକ୍ତ ଧକ୍କା ଲାଗିଛି। ସବୁ ଚେଷ୍ଟା ପରେ ବି ୫ବର୍ଷ ମଧ୍ୟରେ ଏଠାରେ ଶାଗୁଣା ବଂଶ ବୃଦ୍ଧି ପାଇପାରି ନାହିଁ। ବରଂ ଦିନକୁ ଦିନ ଶାଗୁଣାଙ୍କ ସଂଖ୍ୟା କମିବାରେ ଲାଗିଛି। ଯେଉଁ କିଛି ଶାଗୁଣା ରହିଛନ୍ତି, ସେମାନେ କାଁ ଭାଁ ଅଣ୍ଡା ଦେଉଛନ୍ତି ସତ, ମାତ୍ର ଛୁଆ ଫୁଟୁ ନାହାନ୍ତି। ଅଧିକ ଜନ୍ତୁ ନ ଥିବାରୁ ବଂଶ ବୃଦ୍ଧି ବି ହୋଇପାରୁ ନାହିଁ। ସିଜେଡ୍‌ଏର ସଦସ୍ୟ ସଚିବ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। କିଛି ମାସ ପୂର୍ବରୁ ନନ୍ଦନକାନନର ଏକ ଟିମ୍ ପଞ୍ଜାବର ପିଞ୍ଜରରେ ଶାଗୁଣା ପ୍ରଜନନ ସଫଳତା ସମ୍ପର୍କରେ ଜାଣିବା ଲାଗି ସେଠାକୁ ଯାଇଥିଲା। କର୍ମଚାରୀମାନେ ଯାହା ଶିକ୍ଷା ଲାଭ କରିଥିଲେ, ତାହାକୁ ଏଠାରେ ପ୍ରୟୋଗ କରିବାକୁ କୁହାଯାଇଛି। ଏଥିସହ ଯେଉଁ ଚିଡ଼ିଆଖାନାରେ ଅଧିକ ଶାଗୁଣା ରହିଛନ୍ତି, ସେଠାରୁ ଆଣିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ଦେଇଥିବା ପ୍ରସ୍ତାବକୁ ସିଜେଡ୍‌ଏ ଗ୍ରହଣ କରିଥିବା ଜଣାପଡ଼ିଛି।

ଦୁଇଦିନିଆ ଗସ୍ତ ସମୟରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଆଉ କିଛି ପ୍ରସ୍ତାବ ଉପରେ ଶ୍ରୀ ଶୁକ୍ଳା ଗୁରୁତ୍ୱ ଦେଇଛନ୍ତି। ଉଦ୍ଧାର ହୋଇ ନନ୍ଦନକାନନ ଆସୁଥିବା ବନ୍ୟଜନ୍ତୁଙ୍କ ଲାଗି ରହିଥିବା ନିୟମାବଳୀରେ ସଂଶୋଧନ କରିବା ଦିଗରେ ପଦକ୍ଷେପ ନିଆଯିବ। ବିଶେଷକରି ଉଦ୍ଧାର ହୋଇ ଆସୁଥିବା ବନ୍ୟଜନ୍ତୁଙ୍କ ମଧ୍ୟରୁ ଯେଉଁମାନଙ୍କୁ ପୁଣିଥରେ ଜଙ୍ଗଲକୁ ଛାଡ଼ିବା ସମ୍ଭବପର ହେଉନାହିଁ। ସେମାନଙ୍କୁ କିଭଳି ରଖାଯାଇପାରିବ, ସେନେଇ ଉଭୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଦେଶରୁ ଅଣାଯିବାକୁ ଥିବା କିଛି ଜନ୍ତୁଙ୍କ ବିଳମ୍ବ ନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି ଯେ କେଉଁଠୁ କେଉଁ ଜନ୍ତୁ ଆସିବେ, ସେନେଇ ଯୋଜନା ହୋଇଛି। ମାତ୍ର ବିଦେଶରୁ ଜନ୍ତୁ ଆଣିବା ଲାଗି ଅନେକ ରାଜିନାମା କରିବାକୁ ପଡୁଥିବାରୁ ବିଳମ୍ବ ହେଉଛି। ଏନେଇ ସିଜେଡ୍‌ଏ ସଦସ୍ୟ ସଚିବଙ୍କୁ ଅବଗତ କରାଇଛୁ। ଯେଉଁ ପ୍ରତିବନ୍ଧକ ସବୁ ରହିଛି, ତାହାକୁ ଦୂର କରିବା ଦିଗରେ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ମଧ୍ୟ ରହିଛି। ଚିଡ଼ିଆଖାନାର ବିକାଶ ଲାଗି ପ୍ରସ୍ତୁତ ହୋଇଥିବା ମାଷ୍ଟର ପ୍ଲାନ୍‌ର ସଫଳ ରୂପାୟନ ଲାଗି ଏବେ ବାର୍ଷିକ ଭିତ୍ତିରେ କାର୍ଯ୍ୟ ଜାରି ରହିଛି।

# ନିର୍ଭୁଲ ଭାବରେ ଲେଖିବା ପାଇଁ ଜାରି ଆଦେଶନାମା ନିର୍ଭୁଲ ହେଉ

ଭୁବନେଶ୍ୱର,୧୭/୦୬ (ନି.ପ୍ର): କାର୍ଯ୍ୟାଳୟ ସହ ଅଧିକାରୀଙ୍କ ନାମଫଳକ ଓଡ଼ିଆ ଭାଷାରେ ନିର୍ଭୁଲ ଭାବରେ ଲେଖିବା ପାଇଁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ଶାସନ ସଚିବ ସ୍ନିଗ୍ଧା ଚମ୍ପତିରାୟ କଲେଜ ଅଧ୍ୟକ୍ଷମାନଙ୍କୁ ପଠାଇଥିବା ଚିଠିରେ ଅନେକ ଭୁଲ ରହିଛି ବୋଲି ବରିଷ୍ଠ ଶିକ୍ଷାବିତ ଡକ୍ଟର ନାରାୟଣ ମହାନ୍ତି ଦର୍ଶାଇଛନ୍ତି। ଚମ୍ପତିରାୟଙ୍କ ପାଖକୁ ଏକ ପତ୍ର ଲେଖି ଡକ୍ଟର ମହାନ୍ତି ଏହା ଉପରେ ବିହିତ କାଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଡକ୍ଟର ମହାନ୍ତି ଲେଖିଛନ୍ତି, "(୧) ଆପଣଙ୍କ ଚିଠିର ବିଷୟରେ 'ସମସ୍ତ ସରକାରୀ କାଯ୍ୟାଳୟଗୁଡ଼ିକରେ' ବୋଲି ଲେଖାଅଛି। ଏହା ଏକ ଗୁରୁଚଣ୍ଡାଳ ଦୋଷ ଅଟେ। (୨) 'ଅକ୍ଷୁଣ୍ଣ' ଶବ୍ଦରେ ରେଫ ରହେନାହିଁ। ଅର୍ଥାତ 'ଅକ୍ଷୁଣ୍ଣ' ଠିକ ; 'ଅକ୍ଷୁର୍ଣ୍ଣ' ଭୁଲ। କିନ୍ତୁ 'ଅକ୍ଷୂର୍ଣ୍ଣତା' ବୋଲି କୌଣସି ଶବ୍ଦ ନାହିଁ। ଏହାର ପ୍ରୟୋଗ ଭାଷାକୁ ବିକୃତ କରୁଛି। (୩) 'ଆବଶ ୍ୟକୀୟ' ଅଶୁଦ୍ଧ; 'ଆବଶ ୍ୟକ' ଶୁଦ୍ଧ। ଅଶୁଦ୍ଧ ଶବ୍ଦର ବ୍ୟବହାର ବର୍ଜନୀୟ। (୪) ଚିଠିର ପ୍ରଥମ ବାକ ୍ୟରେ ଦୁଇଥର 'ପାଇଁ' ଶବ୍ଦ ବ ୍ୟବହୃତ ହୋଇଛି। ଏହା ସ୍ପୃହଣୀୟ ମନେହୁଏ ନାହିଁ। (୫) ଚିଠି 'ପ୍ରଧାନ ଅଧ୍ୟକ୍ଷ'ମାନଙ୍କ ପାଖକୁ ପଠାଯାଇଛି। 'ପ୍ରଧାନ ଅଧ୍ୟକ୍ଷ'ର ଅର୍ଥ ବୁଝିପାରିଲି ନାହିଁ। ନିର୍ଭୁଲ ଭାବରେ ଲେଖିବା ପାଇଁ ଜାରି ଆଦେଶନାମାରେ ଭୁଲ ରହିବା ଦୁର୍ଭାଗ ୍ୟଜନକ ବୋଲି ଡକ୍ଟର ମହାନ୍ତି କହିଛନ୍ତି।

# 'ଅଗ୍ନିପଥ'କୁ ପ୍ରଶଂସା କଲେ ବିଜେଡି ସାଂସଦ : କହିଲେ, ଏହା ଏକ ବିଚକ୍ଷଣ ଯୋଜନା

ଭୁବନେଶ୍ୱର,୧୭/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ବିଜେଡି ସାଂସଦ ଡକ୍ଟର ଅମର ପଟ୍ଟନାୟକ ଏହାର ପ୍ରଶଂସା କରିଛନ୍ତି। ସେ ନିଜର ଟୁଇଟରରେ ଲେଖିଛନ୍ତି, କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ଏକ ବିଚକ୍ଷଣ ଯୋଜନା। ଦେଶର ସେବା କରିବ ପାଇଁ ଏହି ଯୋଜନା ସିଧାସଳଖ ଯୁବପୀଢ଼ିଙ୍କ ପାଇଁ ସୁଯୋଗ ଆଣିଦେବ। ତେବେ ସହ ଏହି ଅଗ୍ନିବୀରମାନଙ୍କୁ ସରକାରୀ ଚାକିରି କ୍ଷେତ୍ରରେ ଅଗ୍ରାଧିକାର ଦିଆଗଲେ ଭଲ ହୁଅନ୍ତା ଏବଂ ସରକାରୀ ଚାକିରି ପାଇଁ ସେମାନଙ୍କୁ ଅଗ୍ରାଧିକାର ଦିଆଯିବାକୁ ନିୟମ ହେବା ଉଚିତ।

ସୂଚନାଯୋଗ୍ୟ,୨୨ବର୍ଷ ବୟସରେ ଚାକିରିରୁ ବିରତି ନେବା ବେଳେ ଅଗ୍ନିବୀରମାନଙ୍କ ହାତରେ ଥିବ ୧୨ ଲକ୍ଷ ଟଙ୍କାର ପାଣ୍ଠି ଏବଂ ନିଜ ସାଧ୍ୟମୁତାବକ ଯୋଗ୍ୟତାପତ୍ର। ପ୍ରତି ଚାରି ବର୍ଷରେ ୭୫% ବିରତି ନେବେ। ସେମାନଙ୍କ ଜାଗାରେ ନୂଆ ତରୁଣ ଯୋଗ ଦେବେ। ପୁଣି ସେମାନଙ୍କ ମଧ୍ୟରୁ ୭୫% ବିରତି ନେବେ। ବିରତି ନେଉଥିବା ଲୋକେ ବିଭିନ୍ନ ଚାକିରି କରିବେ, ସାଧାରଣଲୋକଙ୍କ ସହ ଜୀବନ ବଞ୍ଚିବେ। କିଛି ଘରୋଇ ଉଦ୍ୟୋଗ ଚାକିରିରେ ଏମାନଙ୍କୁ ଅଗ୍ରାଧିକାର ଦେବେ। ସରକାର କହିଛନ୍ତି ଯେ ଅଗ୍ନିବୀର ଭାବେ ଚାରିବର୍ଷର ସେବା ପରେ ଯେଉଁମାନେ ଚାହିଁବେ ଛୋଟ ଛୋଟ ଉଦ୍ୟୋଗପତି ହୋଇପାରିବେ। ସେମାନଙ୍କୁ ଆର୍ଥିକ ପ୍ୟାକେଜ ସହ ବ୍ୟାଙ୍କ ଋଣ ଦେବାର ବ୍ୟବସ୍ଥା ରହିଛି। ଯେଉଁମାନେ ଅଧିକ ପାଠ ପଢ଼ିବାକୁ ଚାହିଁବେ ସେମାନଙ୍କୁ ୧୨ଶ (+୨) ଶ୍ରେଣୀର ସମକକ୍ଷ ପ୍ରମାଣପତ୍ର ମିଳିବ ଏବଂ ନୂଆ ପାଠ୍ୟକ୍ରମ ସହ ଖାପ ଖୁଆଇବା ପାଇଁ ସେମାନଙ୍କ ଲାଗି ଏକ 'ବ୍ରିଜିଂ କୋର୍ସ' ଉପଲବ୍ଧ କରାଯିବ। ଯେଉଁମାନେ ଦରମା ମିଳୁଥିବା ଚାକିରି କରିବାକୁ ଚାହିଁବେ ସେମାନଙ୍କୁ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍) ଓ ରାଜ୍ୟ ପୁଲିସ ବିଭାଗ ନିଯୁକ୍ତିରେ ପ୍ରାଥମିକତା ମିଳିବ। ଅନ୍ୟାନ୍ୟ ଚାକିରି କ୍ଷେତ୍ରରେ ବି ସେମାନଙ୍କ ପାଇଁ ଦ୍ୱାର ଖୋଲା ରହିବ। ଆଗମୀ ବର୍ଷମାନଙ୍କରେ ସେନାରେ ଅଗ୍ନିବୀରମାନଙ୍କ ନିଯୁକ୍ତି ବର୍ତ୍ତମାନ ତୁଳନାରେ ପ୍ରାୟ ତିନିଗୁଣ ବର୍ଦ୍ଧିଯିବ। ଅଗ୍ନିବୀରମାନଙ୍କ ମଧ୍ୟରେ ଯେଉଁମାନେ ଶ୍ରେଷ୍ଠ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ। ସରକାର ଆହୁରି କହିଛନ୍ତି ଯେ ଏଭଳି ସ୍ୱଳ୍ପକାଳୀନ ନିଯୁକ୍ତି ବ୍ୟବସ୍ଥା ଅନେକ ଦେଶରେ ରହିଛି। ତେଣୁ ଏ ବ୍ୟବସ୍ଥା ପୂର୍ବରୁ ପରୀକ୍ଷିତ ଏବଂ ଯୁବସୁଲଭ ଓ ଚଳଚଞ୍ଚଳ ସେନା ନିମନ୍ତେ ଏହାକୁ ଏକ ଉତ୍ତମ ପରମ୍ପରା ବୋଲି ବିଚାର କରାଯାଉଛି।

# ଦିଲ୍ଲୀ କଂଗ୍ରେସ କାର୍ଯ୍ୟାଳୟରେ ପୋଲିସ୍ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପିସିସିର ପ୍ରତିବାଦ ସଭା

ଭୁବନେଶ୍ୱର,୧୭/୦୬ (ନି.ପ୍ର): ଏଆଇସିସି କାର୍ଯ୍ୟାଳୟରେ ପ୍ରବେଶ କରି ଦିଲ୍ଲୀ ପୁଲିସ୍ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି ।ଶ୍ରୀ ପଟ୍ଟନାୟକ ଏବଂ ବହୁ କଂଗ୍ରେସ ନେତୃମଣ୍ଡଳୀ ଏକ ବିଶାଳ ଶୋଭାଯାତ୍ରାରେ ଭୁବନେଶ୍ୱର ଏଡ଼ିଏମ୍ କାର୍ଯ୍ୟାଳୟ ଠାରୁ ବାହାରି ପାୱାର ହାଉସ୍ ଛକ ଦେଇ ରାଜ ଭବନ ସମ୍ମୁଖ ଧାରଣା ସ୍ଥଳରେ ପହଂଚିଥିଲେ। ଆସନ୍ତାକାଲି (ଶୁକ୍ରବାର) ଏହି ପ୍ରସଙ୍ଗରେ ପ୍ରତି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାର କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ପିସିସି ସଭାପତି ସୂଚନା ଦେଇଛନ୍ତି। ଏହି ଅବସରରେ ପିସିସି ସଭାପତି ଉଦ୍‌ବୋଧନ ଦେଇ କହିଲେ ଯେ, ଗତକିଛି ଦିନ ଧରି ଯେଉଁଭଳି ଭାବରେ ରାହୁଲ ଗାନ୍ଧୀ ଏବଂ ଶ୍ରୀମତୀ ସୋନିଆଙ୍କ ଗାନ୍ଧୀଙ୍କ ବିରୋଧରେ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ସରକାର ଆକ୍ରୋଶମୂଳକ, ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ କାର୍ଯ୍ୟକଳାପକୁ ଦିଲ୍ଲୀ ପୁଲିସ୍ ଓ ଇ.ଡ଼ି ମାଧ୍ୟମରେ କରାଉଛନ୍ତି ତାହା ତାଙ୍କୁ ବହୁ ମହଙ୍ଗା ପଡ଼ିବ। ଦେଶର ବେରୋଜଗାରୀ ସର୍ବୋଚ୍ଚସୀମା ଅତିକ୍ରମ କରିସାରିଛି, ୪୩ କୋଟି ଯୁବକ ଭାରତବର୍ଷରେ ଆଜି ବେରୋଜଗାର ଅଛନ୍ତି। ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଛି, ସାଧାରଣ ଜନତା ଦରଦାମ ବୃଦ୍ଧି ଯୋଗୁଁ ହନ୍ତସନ୍ତ ହୋଇପଡ଼ିଛନ୍ତି, ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ, ଦେଶର ଭାଇଚାରା ଆଜି ସଂପୂର୍ଣ୍ଣ ବିପର୍ଣ୍ଣ ଅବସ୍ଥାରେ, ଏ ସରକାର ସବୁ କ୍ଷେତ୍ରରେ ବିଫଳତାର ଶୀର୍ଷକୁ ଛୁଇଁଥିଲାବେଳେ ରାହୁଲ ଗାନ୍ଧୀ ଏ ସମସ୍ତ ଘଟଣାକୁ ବାରମ୍ବାର ସରକାରଙ୍କୁ ଦୃଷ୍ଟିଆକର୍ଷଣ କରିବା ଓ କଠୋର ସମାଲୋଚନା କରିବା ଯୋଗୁଁ, ତାଙ୍କ ମୁହଁକୁ ବନ୍ଦ କରିଦେବା ଓ କଂଗ୍ରେସର ସ୍ୱରକୁ ଚପାଇଦେବାକୁ ଇଡ଼ି ମାଧ୍ୟମରେ ମୋଦୀ ଓ ଶାହା ଅନବରତ ଉଦ୍ୟମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଅଟେ। ଏହାକୁ ନେଇ କଂଗ୍ରେସ ଆଦୌ ଭୟଭିତ ନୁହେଁ। ଗାନ୍ଧୀ ପରିବାର ଏ ଦେଶର ଏକତା, ସଂହତି, ଭାଇଚାରାକୁ ରକ୍ଷା କରିବା ପାଇଁ ବହୁ ବଳିଦାନ ଦେଇଛନ୍ତି। ମିଛ ଆରୋପ ଲଗାଇ ଗାନ୍ଧୀ ପରିବାରକୁ ବଦନାମ କରିବା ପାଇଁ ଯେଉଁ ଚେଷ୍ଟା ଚାଲିଛି ସେଥିରୁ ଯଥାଶୀଘ୍ର ମୋଦୀ, ସାହା କ୍ଷାନ୍ତ ରୁହନ୍ତୁ । ପୂର୍ବତନ ପି.ସି.ସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରୁଥିବା କଂଗ୍ରେସ ନେତୃବର୍ଗ ଏପରିକି ମହିଳା ସାଂସଦ ମାନଙ୍କୁ ଦିଲ୍ଲୀ ପୁଲିସ୍ ଯେଉଁ ଭଳି ଭାବରେ ଅମାନୁଷିକ ବ୍ୟବହାର କରୁଛନ୍ତି ତାହା ସ୍ୱାଧୀନ ଭାରତ ବର୍ଷର ଗଣତନ୍ତ୍ରରେ କେବେ ଦେଖାଯାଇନଥିଲା। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମତବ୍ୟକ୍ତ କରିଥିଲେ ଯେଉଁ ନ୍ୟାସନାଲ ହେରାଲ୍ଡ୍ ଖବର କାଗଜର ମନି ଲଣ୍ଡରିଙ୍ଗ କଥା କୁହାଯାଉଛି, ଆଜି ପର୍ଯ୍ୟନ୍ତ କୌଣସି ବି ଥାନାରେ ଏପର୍ଯ୍ୟନ୍ତ ଏତଲା ଦାୟର ହୋଇନାହିଁ। ଯଦି ଏତଲା ଦାୟର ହୋଇଛି, ତାହା ହେଲେ ଇଡ଼ି କିମ୍ବା ମୋଦୀ ଓ ଅମିତ ଶାହା ଏହାର ଏତଲା ସଂଖ୍ୟା ନମ୍ବର କେତେ, କେଉଁ ତାରିଖରେ ଓ କେଉଁଠି ହୋଇଛି ବୋଲି ଦେଶବାସୀଙ୍କୁ ଜଣାନ୍ତୁ ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଏ.ଆଇ.ସି.ସି. ଟ୍ରେନିଙ୍ଗ କୋଅଡ଼ିନେଟର ଶୁଭେନ୍ଦୁ ମହାନ୍ତି ,ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ୍ ଦାଶ . ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷିଂ ସାଲୁଜା, ଦାଶରଥି ଗମାଙ୍ଗୋ, ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନ୍‌ଗୋ, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ମହାପାତ୍ର, ଯୁଧିଷ୍ଠିର ଜେନା, ଲଲାଟେନ୍ଦୁ ମହାପାତ୍ର, ସୁରେନ୍ଦ୍ର କୁମାର ପରମାଣିକ, ନିମାଇଁ ସରକାର, ରବିନ୍ଦ୍ର ମଲ୍ଲିକ, ଡକ୍ଟର ଦେବାଶିଷ ପଟ୍ଟନାୟକ ପ୍ରମୁଖ ହଜାର ହଜାର ସଂଖ୍ୟାରେ କଂଗ୍ରେସ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତାମାନେ ଧାରଣା ଓ ପ୍ରତିବାଦ ସଭାରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କର ବିରୋଧରେ ନାରାବାଜି କରିଥିଲେ।

# ବାରବାଟୀ ପାସ୍ ବିବାଦ ସହ ଓସିଏର କୌଣସି ସମ୍ପର୍କ ନାହିଁ : ସିଇଓ

ଭୁବନେଶ୍ୱର,୧୭/୦୬ (ନି.ପ୍ର): ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାସ୍ ବିବାଦ ସହ ଓସିଏର କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସ୍ (ଓସିଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୁବ୍ରତ ବେହେରା। ସେ କହିଛନ୍ତି ଯେ, ପାସ୍ କେଲେଙ୍କାରୀ ସହ ଓସିଏର କୌଣସି ସମ୍ପର୍କ ନାହିଁ। ଓସିଏକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ମ୍ୟାଚ ପରେ ନକଲି ପାସ ଭାଇରାଲ କରି ଓସିଏକୁ ବଦନାମ କରିବାକୁ ଚକ୍ରାନ୍ତ ହେଉଛି । ଘଟଣା ସହିତ ଓସିଏର କୌଣସି ସମ୍ପର୍କ ନାହିଁ। ଓସିଏ ଏଭଳି ପାସ କି ଟିକେଟ ପ୍ରସ୍ତୁତ କରିନାହିଁ। ନକଲି ପାସ କରିବା ଦ୍ୱାରା ଆମେ ବଦନାମ ହେଉଛୁ ବୋଲି କହିଛନ୍ତି ଓସିଏ ସିଇଓ । ପ୍ରତି ଗେଟ୍ ରେ ଟିକେଟ ଭାଲିଡେଟର ରହିଥିଲେ । ଦର୍ଶକଙ୍କ ପ୍ରବେଶ ସମୟରେ କୌଣସି ଟିକେଟ ନକଲି ଥିଲେ ସେମାନେ ସେଠାରେ ତାହା ଜଣାପଡିଯାଇଥାନ୍ତା। କାରଣ ଟିକେଟ୍ ? ପାଇଁ ସ୍କାନିଂ ବ୍ୟବସ୍ଥା ରହିଥିଲା। ତେବେ ଦଳୀୟ କ୍ରିୟୁ ସଦସ୍ୟ କିପରି ଷ୍ଟାଡିୟମ ଭିତରକୁ ପ୍ରବେଶ କରିବା କଥାକୁ ମିଥ୍ୟା ବୋଲି କହିଛନ୍ତି। ବାଟବାଟୀରେ ମ୍ୟାଚ ନ କରେଇ ଦେବାକୁ ପୂର୍ବରୁ ଉଦ୍ୟମ ହୋଇଥିଲା। ମ୍ୟାଚ କିପରି ବନ୍ଦ ହେବ ସେ ନେଇ ବହୁ ଚେଷ୍ଟା ବି କରାଯାଇଥିଲା। ମ୍ୟାଚ ସୁରୁଖୁରୁରେ ସମ୍ପୂର୍ଣ୍ଣ ହୋଇଥିବା ନେଇ ଏବେ କିଛି ଲୋକ ଏପରି ମିଥ୍ୟା ଅଭିଯୋଗ ଆଣି ଓସିଏକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ନିର୍ଦ୍ଦିଷ୍ଟ ଦଳ ନାଁ ଲେଖି ପାସକୁ ଭାଇରାଲ କରାଯାଉଛି। ଓସିଏ ପକ୍ଷରୁ କୌଣସି ଭୁଲ ନାହିଁ ବୋଲି କହିଛନ୍ତି ସିଇଓ। ଏ ଦିଗରେ ଏକ ଅନ୍ତରୀଣ ତଦନ୍ତ କରାଯିବ । ଯାହାର ନିଷ୍କର୍ଷ ଶୀଘ୍ର ଆସିବ ବୋଲି କହିଛନ୍ତି ଶ୍ରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ୟ ଟି-୨୦ ମ୍ୟାଚ ଖେଳାଯାଇଥିଲା ।

# ନିଆଳି - ଓଲଟପୁର ରାସ୍ତା ଦୁଇ ଥାକିଆ ହେବ

ଭୁବନେଶ୍ୱର,୧୭/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉନ୍ନୟନ କମିଶନର ପ୍ରଦୀପ ଜେନା ୫-ଟି ସେକ୍ରେଟାରୀ ଭି କେ ପାଣ୍ଡିଆନ ଗୁରୁବାର ଓଲଟପୁର ଯାଇ ସ୍ଥିତି ଅନୁଧାନ କରିଛନ୍ତି। ଓଲଟପୁର ସ୍ଥିତ ନିରତାର ଅସ୍ଥି ଚିକିତ୍ସା ତଥା ଥାଇଥାନ ସମ୍ପର୍କିତ ଏକ ପ୍ରସିଦ୍ଧ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ। ପ୍ରତିଦିନ ରାଜ୍ୟ ର ବିଭିନ୍ନ ଅଂଚଳରୁ ଚିକିତ୍ସା ପାଇଁ ଶହ ଶହ ରୋଗୀ ଏଠାକୁ ଆସିଥାନ୍ତି। ରୋଗୀମାନେ ଯେପରି ସୁବିଧାରେ ଏହି ପ୍ରତିଷ୍ଠାନ ର ସ୍ୱାସ୍ଥ୍ୟ ସେବାର ସୁଯୋଗ ପାଇପାରିବେ, ସେନେଇ ୫-ଟି ସଚିବ ସ୍ଥିତି ଅନୁଧ୍ୟାନ କରିଥିଲେ । ରୋଗୀ ମାନେ ଯେପରି ସୁବିଧାରେ ନିରତାରରେ ପହଂଚିପାରିବେ ସେଥିପାଇଁ ନିଆଳି ଅଡଶପୁର ରାସ୍ତାର ବୋଇରାଇ ଛକ ଠାରୁ ଓଲଟପୁର ନିରତାର ପର୍ଯ୍ୟନ୍ତ ରାସ୍ତାକୁ ଦୁଇ ଥାକିଆ କରାଯିବ। ନିରତାର ହସ୍ପିଟାଲ ପାର୍ଶ୍ୱ ବର୍ତୀ ଜମି ଅଧିଗ୍ରହଣ କରି ସେ ଅଂଚଳର ବିକାଶ କରାଯିବ। ହଷ୍ଟେଲର ମଧ ଉନ୍ନତି କରାଯିବ। ସ୍ଥାନୀୟ ଲୋକ ଓ ରୋଗୀ ମାନଙ୍କ ସହ ଆଲୋଚନା ପରେ ଏହି ନିଷ୍ପତି ନିଆଯାଇଛି।

ଏହି ଗସ୍ତ ଅବସରରେ ଉନ୍ନୟନ କମିଶନର ଓ ୫-ଟି ସଚିବ ହସ୍ପିଟାଲର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ରୋଗୀ ମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ଅବସରରେ ପୂର୍ତ୍ତ ବିଭାଗ ସଚିବ ବୀର ବିକ୍ରମ ଯାଦବ , କଟକ ଜିଲ୍ଲାପାଳ ଭବାନୀ ଚଇନି ଓ ପୂର୍ତ ବିଭାଗ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହାତୀ ମୃତ୍ୟୁର ତଦନ୍ତ କରିବ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୧୭/୦୬ (ନି.ପ୍ର): ନରସିଂହପୁର ହାତୀ ମୃତ୍ୟୁ ଘଟଣାର ତଦନ୍ତ କରିବ ସ୍ୱତନ୍ତ୍ର ଟିମ୍ । କଟକ ଜିଲ୍ଲା ନରସିଂହପୁର ଜଙ୍ଗଲରେ ହାତୀ ମୃତ୍ୟୁ ଓ କଙ୍କାଳ ମିଳିବା ଘଟଣାର ସମସ୍ତ ତଦନ୍ତ ପାଇଁ ସ୍ୱତନ୍ତ୍ର ଇନଭେଷ୍ଟିଗେସନ ଟିମ୍ ଗଠନ ହୋଇଛି। ତଦନ୍ତକାରୀ ଟିମ୍ ଗଠନ ହୋଇଥିବା ନେଇ ପିସିସିଏଫ୍ ଶଶି ପଲ୍ ସୂଚନା ଦେଇଛନ୍ତି। ଉଚ୍ଚସ୍ତରୀୟ ତଦନ୍ତକାରୀ ୩ ଜଣିଆ ଟିମ୍ ରେ ସିସିଏଫ୍ , ଆରସିସିଏଫ ଓ କଞ୍ଜରଭେଟର ରହିବେ। ସେହିପରି ତଦନ୍ତରେ କ୍ରାଇମବ୍ରାଂଚର ଡିଏସ୍‌ପି ବା ତର୍ଦ୍ଧ୍ୱ ରାଙ୍କର ଜଣେ ଅଧିକାରୀ ରହିବେ। ପୂର୍ବରୁ ଏହି ମାମଲାର ତଦନ୍ତ କରୁଥିବା ଡିଏଫଓ ଆଉ ଘଟଣାର ତଦନ୍ତ କରିପାରିବେ ନାହିଁ । ତଦନ୍ତ ବେଳେ ଯାହାର ବି ସମ୍ପୃକ୍ତି ଆସିବ କାହାରିକୁ ଛଡାଯିବନି ବୋଲି ସୂଚନା ଦେଇଛନ୍ତି ପିସିସିଏଫ। ନରସିଂହପୁର ଜଙ୍ଗଲରେ ହାତୀମୃତ୍ୟୁ ଘଟଣା ନେଇ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ଅବଗତ ହୋଇଛନ୍ତି। ଏନେଇ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଟୁଇଟ କରି ଉଦବେଗ ପ୍ରକାଶ କରିଛନ୍ତି। ସେ ଟୁଇଟ କରି କହିଛନ୍ତି ଯେ, କେନ୍ଦ୍ର ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ସଂପୃକ୍ତ ଥିବା ଲୋକଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ନରସିଂହପୁର ଜଙ୍ଗଲରେ ବିଗତ ୪ ମାସ ମଧ୍ୟରେ ମୋଟ ୯ଟି ହାତୀ ମୃତ୍ୟୁ ହୋଇଥିବା ଜଣାଯାଇଛି।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫ କରୋନା ପଜିଟିଭ ଚିହ୍ନଟ, ୧୮ ବର୍ଷରୁ କମ୍ ବୟସର ଜଣେ ବି ନାହାନ୍ତି

ଭୁବନେଶ୍ୱର,୧୭/୦୬ (ନି.ପ୍ର): ଆଜି ରାଜ୍ୟରେ କମିଛି କରୋନା ସଂକ୍ରମଣ। ଗତକାଲି ୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୦ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଜଣେ ବି ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ନଥିବା ଜଣାଯାଇଛି। ଆଜି ରାଜ୍ୟର ୬ଟି ଜିଲ୍ଲାରୁ ୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୪ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୫ ଜଣ ଚିହ୍ନଟ ହୋଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ଜଣ, କଟକ ଜିଲ୍ଲାରୁ ୨ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୧୫ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧ ଜଣ ଓ ଷ୍ଟେଟପୁଲରୁ ୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୭୬୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୯, ୩୯୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୫୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଗୋଟିଏ ଦିନରେ କୋଭିଡ ସଂକ୍ରମଣ ୮୬% ବୃଦ୍ଧି

ଭୁବନେଶ୍ୱର,୧୭/୦୬ (ନି.ପ୍ର): ରାଜ୍ୟରେ କୋଭିଡ ସଂକ୍ରମଣରେ ହଠାତ୍ ବୃଦ୍ଧି ହୋଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୪୧ଜଣଙ୍କୁ ଚି ?ହ୍ନଟ କରାଯାଇଛି। ଯାହାକି ୧୪ତାରିଖ ତୁଳନାରେ ୮୬ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଦେଶର ଏକାଧିକ ରାଜ୍ୟରେ କୋଭିଡ ସଂକ୍ରମଣ ବଢୁଥିବା ବେଳେ ଓଡ଼ିଶାରେ ସଂକ୍ରମଣରେ ବୃଦ୍ଧି ଚତୁର୍ଥ ଲହର ଆଶଙ୍କାକୁ ଅଧିକ ଦୃଢ଼ୀଭୂତ କରିଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୨ଜଣ ଆକ୍ରାନ୍ତ ବାହାରିଛନ୍ତି। ଏଥିରେ ୧୮ଜଣ ହେଉଛନ୍ତି କେବଳ ଭୁବନେଶ୍ୱରରୁ ରହିଛନ୍ତି। ଏହାବାଦ୍ କଟକ ୫, ସମ୍ବଲପୁର ଓ ସୁନ୍ଦରଗଡ଼ରୁ ୨ ଲେଖାଏ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଓ ପୁରୀରୁ ଜଣେ ଲେଖାଏ ଏବଂ ଷ୍ଟେଟ୍ ପୁଲରୁ ୬ଜଣଙ୍କୁ ଚିହ୍ନଟ କରାଯାଇଛି। ତେବେ କୌଣସି କୋଭିଡ ମୃତ୍ୟୁ ସଂପର୍କରେ ସରକାରୀ ଘୋଷଣା ହୋଇନାହିଁ। ରାଜ୍ୟରେ ମୋଟ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୮୮ହଜାର ୭୩୭କୁ ବୃଦ୍ଧି ପାଇଛି। ରାଜ୍ୟରେ କୋଭିଡ ସଂକ୍ରମଣ ବୃଦ୍ଧିକୁ ନେଇ ମତ ରଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର। ଡାକ୍ତର ମହାପାତ୍ର କହିଛନ୍ତି ଯେ ଗତ ୭ଦିନ ଭିତରେ ରାଜ୍ୟରେ ସଂକ୍ରମଣ ଦୁଇ ଅଙ୍କରେ ରହିଛି। ଦେଶର ବିଭିନ୍ନ ରାଜ୍ୟରେ ଯେଉଁଭଳି ଭାବେ ସଂକ୍ରମଣ ବଢୁଛି ତାକୁ ନଜରରେ ରଖି ସତର୍କତା ମୂଳକ ପଦକ୍ଷେପ ନିଆଯାଉଛି। ବିଭାଗ ପକ୍ଷରୁ ଯେଉଁଭଳି ସର୍ଭେଲାନ୍‌ସ ହେବା କଥା ତାହା ଜାରି ରହିଛି। ଜିଲ୍ଲାମାନଙ୍କୁ ଟେଷ୍ଟିଂ ବଢ଼ାଇବାକୁ କୁହାଯାଇଛି। ମାସ୍କ ପିନ୍ଧିବା ସହିତ ଯେଉଁମାନଙ୍କର କରୋନାର ଲକ୍ଷଣ ଦେଖା ଯାଉଛି ସେମାନେ ତୁରନ୍ତ ପରୀକ୍ଷା କରାଇ ନିଅନ୍ତୁ। ଭିଡ଼କୁ ଯାଆନ୍ତୁ ନାହିଁ କି ଅଯଥାରେ ଭିଡ଼ କରନ୍ତୁ ନାହିଁ। ଯଦିଓ ରାଜ୍ୟରେ ସଂକ୍ରମଣ ସାମାନ୍ୟ ବଢ଼ିଛି ତେବେ ଏହାକୁ ଅଣଦେଖା କରାଯାଇ ପାରିବନି। ବିଭାଗ ପକ୍ଷରୁ ଏହା ଭିତରେ ୨/ ୩ଥର ସମୀକ୍ଷା କରାଯାଇଛି। ସଂକ୍ରମଣ ଉପରେ ନଜର ରଖିବା ଲାଗି ଜିଲ୍ଲାପାଳମାନଙ୍କୁ କୁହାଯାଇଛି। କୋଭିଡ ସମେତ ଅନ୍ୟ ରୋଗଙ୍କୁ ଚିହ୍ନଟ କରିବା ଲାଗି ଆସନ୍ତା ୨୧ତାରିଖରୁ ସର୍ଭେଲାନ୍‌ସ ଆରମ୍ଭ ହେବ। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ସର୍ଭେ କରିବେ ବୋଲି ଡାକ୍ତର ମହାପାତ୍ର ସୂଚନା ଦେଇଛନ୍ତି।

# ୨୧ରୁ ଘରକୁ ଘର ବୁଲି କୋଭିଡ ରୋଗୀଙ୍କୁ ଖୋଜିବେ ଆଶା କର୍ମୀ

ଭୁବନେଶ୍ୱର,୧୭/୦୬(ନି.ପ୍ର): ଆସନ୍ତା ୨୧ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଇଣ୍ଟିଗ୍ରେଟେଡ୍ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ଓ କୋଭିଡ ରୋଗୀଙ୍କୁ ଚିହ୍ନଟ ଅଭିଯାନ। ଜୁନ୍ ୨୧ତାରିଖରୁ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ଅଧୀନରେ ଆଶା କର୍ମୀମାନେ ଘରକୁ ଘର ବୁଲି ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଖୋଜିବା ସହିତ ଲୋକମାନଙ୍କୁ ସଚେତନ କରିବେ। ଏଥିପାଇଁ ଜାତୀୟ ସ୍ୱାସ୍ଥ୍ୟ ମିସନ୍ ପକ୍ଷରୁ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଜାରି ହୋଇଛି। ପୂର୍ବରୁ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଅଭିଯାନ ଆଗୁଆ ରୋଗୀଙ୍କୁ ଚିହ୍ନଟ କରିବାରେ ବେଶ୍ ଫଳପ୍ରଦ ହୋଇଥିଲା। କିଭଳି ଢଙ୍ଗରେ ଏସବୁ ରୋଗୀ ସ୍କ୍ରିନିଂ କରାଯିବ ଏଥିପାଇଁ ଏନ୍‌ଏଚ୍‌ଏମ୍ ପକ୍ଷରୁ ଏକ ଗାଇଡଲାଇନ୍ ପ୍ରସ୍ତୁତ କରାଯାଇଛି। ୩ମାସ ଏହି ଅଭିଯାନରେ ପ୍ରଥମ ୨ମାସ ଆଶା କର୍ମୀ ଘରକୁ ଘର ବୁଲି ସନ୍ଦିଗ୍ଧ ରୋଗୀଙ୍କୁ ଚିହ୍ନଟ କରିବେ। ତୃତୀୟ ମାସରେ ଯେଉଁ ରୋଗୀ ଚିହ୍ନଟ ହୋଇଥିବେ ସେମାନଙ୍କର ସ୍ଥିତି ଅନୁଧ୍ୟାନ କରିବେ। ସପ୍ତାହକୁ ଅତିକମ୍‌ରେ ୩ଦିନ ଏହି କାର୍ଯ୍ୟକ୍ରମ ହେବା ସହିତ ପ୍ରତିଦିନ ୮/୧୦ଟି ଘରକୁ ବୁଲିବେ। ଏଥିରେ ଆଶା କର୍ମୀଙ୍କୁ ସହାୟତା କରିବେ ମୋବାଇଲ ହେଲ୍‌ଥ ୟୁନିଟ୍(ଏମ୍‌ଏଚ୍‌ୟୁ) ଓ ମୋବାଇଲ ହେଲ୍‌ଥ ଟିମ୍(ଏମ୍‌ଏଚ୍‌ଟି)। ଯେଉଁ ଘରେ ଡାଇରିଆ ରୋଗୀ ଚିହ୍ନଟ ହେବେ ସେମାନଙ୍କୁ ଓଆରଏସ୍ ଓ ଜିଙ୍କ ପ୍ରଦାନ କରାଯିବ।

## ଦୁର୍ଘଟଣାରେ ଚାଲିଗଲା ମା'ର ଜୀବନ, ବର୍ତ୍ତିଗଲେ ବାପ ପୁଅ

ଭଦ୍ରକ, ୧୭/୦୬ (ନି.ପ୍ର): ଆସୁଥିଲେ ଗୁଆ ମଙ୍ଗଳେଇବା ପାଇଁ, ହେଲେ ଚାଲିଗଲା ଜୀବନ କ୍ଷ ଭଦ୍ରକ ଆଜି ବାଇପାସଠାରେ ଘଟିଛି ଏକ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ କୋରକୋରା ଗାଁର ମିନତୀ ବାରିକଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକରେ ଆସୁଥିବା ତାଙ୍କ ସ୍ୱାମୀ ଓ ପୁଅ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ଟାଉନ ପୋଲିସ ପହଂଚି ଗାଡ଼ି ଜବଦ କରିଛନ୍ତିଛି ।

## ନିମାପଡା ଓ ଗୋପ ବ୍ଲକ୍ ରେ ଦୁଇଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡ଼ା ଏବଂ ଗୋପ ବ୍ଲକ୍ ରେ ଦୁଇଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହାସହ ଅବଶିଷ୍ଟ ୬୧ ଗୋଟି ଆଦର୍ଶ ବିଦ୍ୟାଳୟ ସଂପୃକ୍ତ ଅଂଚଳର ମନ୍ତ୍ରୀ ଓ ବିଧାୟକମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏତଦ୍‌ଦ୍ୱାରା ରାଜ୍ୟର ଗରିବ ମେଧାବୀ ଛାତ୍ରଛାତ୍ରୀମାନେ ନିଜ ନିଜ ଅଂଚଳରେ ସୁବିଧାରେ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକ୍ ରେ ଘୋଷଣା କରାଯାଇଥିବା ୩୧୪ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଅଦ୍ୟାବଧି ୨୫୦ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି ।

## ଫ୍ଲାଟ ଦେବା ନାଁରେ ଠକେଇ ଅଭିଯୋଗରେ ବିଲଡର ସଂସ୍ଥାର ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ଫ୍ଲାଟ ଦେବା ନାଁରେ ପ୍ରାୟ ୧ କୋଟି ୧୬ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବିଲଡର ସଂସ୍ଥାର ନିର୍ଦ୍ଦେଶକ ଅମରେଶ ଷଡଙ୍ଗୀଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ। ଅମରେଶଙ୍କ ଘର ନୟାଗଡ ଜିଲ୍ଲା ଫତେଗଡ ଥାନା ଅଂଚଳରେ। ଭୁବନେଶ୍ୱର ସିଜୁଆଠାରେ ବାସେରା ଫ୍ରେସ୍କୋ ପ୍ରକଳ୍ପରେ ଫ୍ଲାଟ ଦେବାକୁ କହିଥିଲେ ଅମରେଶ। ହେଲେ ଫ୍ଲାଟ ନ ମିଳିବାରୁ କିମ୍ବା ଟଙ୍କା ଫେରି ନ ପାଇବାରୁ ଜ୍ୟୋତିଶଙ୍କର ପଣ୍ଡା ନାମକ ବ୍ୟକ୍ତି ଅଭିଯୋଗ କରିଥିଲେ । ଠକେଇ ନେଇ ଅମରେଶ ଷଡଙ୍ଗୀଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା।

# ବୀରଚକ୍ର ଶହୀଦ ନୁଦୁରାମ ସୋରେନଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ



ବାରିପଦା, ୧୭/୦୬ (ନି.ପ୍ର): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ବୀରଚକ୍ର ଶହୀଦ ନାଏବ ସୁବେଦାର ନୁଦୁରାମ ସୋରେନଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଆଜି ଉନ୍ମୋଚିତ ହୋଇ ଯାଇଛି । ଏହି ଅବସର ରେ ଆଜି ପ୍ରଭାତରୁ ନୁଦୁରାମଙ୍କ ଜନ୍ମ ମାଟି ବଡଚମ୍ପାଉଦାରେ ଥିବା ସମାଧି ସ୍ଥଳରୁ ଏକ ମଶାଲ ଶୋଭାଯାତ୍ରା ବାହାରି ରାଇରଙ୍ଗପୁର ସହର ପରିକ୍ରମା କରିଥିଲା । ପୂର୍ବାହ୍ନ ୧୧ ଘଟିକା ସମୟରେ ସାଂସ୍କୃତିକ ନୃତ୍ୟ ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପ୍ରତିମୂର୍ତ୍ତି ସ୍ଥଳକୁ ପାଛୋଟି ନିଆଯାଇଥିଲା । ମାନ୍ୟବର ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ନୁଦୁରାମଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ । ପରେପରେ ରଂଜନ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ରାଷ୍ଟ୍ରମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ବକ୍ତା ଭାବେ ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡି, ସମ୍ମାନୀତ ଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ମୟୂରଭଂଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ରାଇରଙ୍ଗପୁର ପୌରପରିଷଦର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଉପାଧ୍ୟକ୍ଷା ମମିତା ଚୌଧୁରୀ, ୧୬- ବିହାର ରେଜିମେଣ୍ଟର କ୍ୟାପଟେନ ଧ୍ୟାନଚାନ୍ଦ ପ୍ରଧାନ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦାଃ, ସମାଜସେବୀ ଦିଲ୍ଲୀପ ସାହୁ, ସହିଦ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟର ପ୍ରତିଷ୍ଠାତା ଟ୍ରଷ୍ଟି ତଥା ନୁଦୁରାମଙ୍କ ଧର୍ମପତ୍ନୀ ଲକ୍ଷ୍ମୀମଣି ସୋରେନ, ମୁଖ୍ୟ ପରିଚାଳନା ଟ୍ରଷ୍ଟି ମନୋରଂଜନ ହାଁସଦାଃ ପ୍ରମୁଖ ଯୋଗଦେଇ ସହିଦ ନୁଦୁରାମଙ୍କ ବୀରତ୍ୱର ଗାଥା ଉପସ୍ଥାପନ କରିଥିଲେ । ଏହି ଅବସର ରେ ସେନା ବିଭାଗ ତରଫରୁ ନୁଦୁରାମଙ୍କ ଧର୍ମପତ୍ନୀଙ୍କୁ ଏକ ସ୍ମୃତି ସ୍ମାରକ ଫଳକ ପ୍ରଦାନ କରାଯାଇଥିଲା । ସୂଚନା ଥାଉକି ୧୬.୬.୨୦୨୦ରିଖ ଦିନ ଗଲଓ୍ୱାନ ଘାଟିରେ ଚୀନ ସେନା ସହ ତୁମୁଳ ସଂଘର୍ଷ ରେ ଶହୀଦ ନୁଦୁରାମ ନିଜ ଦେଶ ପାଇଁ ପ୍ରାଣବଳି ଦେଇଥିଲେ । ଏହି ବୀରତ୍ୱ ପ୍ରଦର୍ଶନ ପାଇଁ ଭାରତ ସରକାର ବୀରଚକ୍ର ଉପାଧିରେ ଭୂଷିତ କରିଛନ୍ତି । ଆଜି ଠିକ ଦୁଇ ବର୍ଷ ପରେ ନୁଦୁରାମ ଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଉଭୟ ମଶାଲ ଶୋଭାଯାତ୍ରା ଏବଂ ଶୋଭାସ୍ଥଳୀରେ ବହୁ ସଂଖ୍ୟକ ନୁଦୁରାମ ପ୍ରେମୀ ଉପସ୍ଥିତ ରହିଥିବା ବେଳେ, କାର୍ଯ୍ୟକ୍ରମ ପରିଚାଳନାରେ କୋର କମିଟିର ସଦସ୍ୟ ଗଣେଶ ମିଶ୍ର, ମୁଚିରାମ ମାଝୀ, ବିଜୟ ରାମ, ରଂଜନ କୁମାର ନନ୍ଦ, ପ୍ରମୋଦ ମହାନ୍ତ, ଧର୍ମପଦ ମହାନ୍ତ, ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପକ ବିଜୟ ରାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଣିଆଡିହା ସମବାୟ ସମିତି ନିର୍ବାଚନ ସରଗରମ

ଲଙ୍ଗଳେଶ୍ୱର, ୧୭/୦୬ (ନି.ପ୍ର): ସ୍ଥାନୀୟ ବଣିଆଡିହା ସେବା ସମବାୟ ସମିତିର ନିର୍ବାଚନ ସରଗରମ ହୋଇଉଠିଛି । ବିଜେପି,ବିଜେଡି ଓ କଂଗ୍ରେସ ଏଇ ତିନି ଦଳ ନିଜ ସମର୍ଥକଙ୍କୁ ଜିତେଇବାକୁ ପ୍ରାଣ ପଣେ ଉଦ୍ୟମ ଜାରି ରଖିଛନ୍ତି। କୁଣ୍ଡୁଳି ଓ ବଣିଆଡିହା ଦୁଇଟି ପଞ୍ଚାୟତ ର ୨୪୦୦ରୁ ଉର୍ଦ୍ଧ୍ୱ ଚାଷୀ ଭୋଟର ଅଛନ୍ତି। ପନ୍ଦର ଜଣ ନିର୍ଦ୍ଦେଶକ ପଦରେ ତିରିଶ ଜଣ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଏଠି ସମବାୟ ସମିତି ର କଂଗ୍ରେସ ଓ ବିଜେପି ଦଳ ଅଘୋଷିତ ମେଣ୍ଟ କରି ସମର୍ଥକଙ୍କୁ ନିର୍ବାଚନ ମଇଦାନକୁ ଛାଡିଛନ୍ତି। ସବୁ ଦଳର ନେତା ମାନେ ପ୍ରାର୍ଥୀ ମାନଙ୍କ ସହିତ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହିତ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି।ଏହି ସମିତିର ସଭାପତି ପଦ ପୁରୁଷ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଉପସଭାପତି ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଅଛି।ତେବେ ବଣିଆଡିହା ପଞ୍ଚାୟତ କଂଗ୍ରେସ ଦଖଲରେ ଥିବାବେଳେ କୁଣ୍ଡୁଳି ବିଜେଡି ଦଖଲରେ ଅଛି।ତେଣୁ ସମବାୟ ନିର୍ବାଚନ ଉଭୟଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇ ଉଠିଛି।ସେଥିପାଇଁ ବିଜେଡି ଦଳ ପକ୍ଷରୁ ସମବାୟ ନେତା ଶିଶିର କୁମାର ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ନିଶା କର ସେଠି, ପୂର୍ବତନ ବାଲିଆପାଳ ପଞ୍ଚାୟତ ସମିତି ଚେୟାରମ୍ୟାନ ଅଶ୍ୱିନୀ କୁମାର ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ କୁଣ୍ଡୁଳି ସରପଞ୍ଚ ଜୟନ୍ତ ଦାସ,ଦୁର୍ଜୟ ମହାନ୍ତି, ପ୍ରମୁଖ ସମର୍ଥିତ ପ୍ରାର୍ଥୀ ମାନଙ୍କ ପାଇଁ ପ୍ରଚାର କରୁଥିବା ବେଳେ ବିଜେପି ପକ୍ଷରୁ ସାଂସଦ ପ୍ରତିନିଧି ମହେଶ୍ୱର ଜେନା, ଯୁବନେତା ଅଜିତ ପଟ୍ଟାୟତ, ଚିତ୍ତରଞ୍ଜନ ଜେନା, କଂଗ୍ରେସ ର ବଣିଆଡିହା ସଭାପତି ମନୋଜ ଜେନା, ଯୁବନେତା ଜଗତ ଜୀବନ ଦାସ, ପ୍ରମୁଖ ପ୍ରଚାର କରୁଛନ୍ତି। ପ୍ରତି ଜୋନରେ ଉଭୟ ପ୍ରାର୍ଥୀ ସବଳ ହୋଇଥିବାରୁ ନିର୍ବାଚନ କଣ୍ଟେ କି ଟକ୍କର ଚାଲିଛି ।ମଝିରେ ଆଉ ଗୋଟିଏ ଦିନ ନିର୍ବାଚନ ।ସମସ୍ତଙ୍କ ନଜର ରହିଛି ଫଳା ଫଳ କଣ ହେବ।

## ଗୋଟିଏ ଦିନରେ ୨୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୭୬୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୩୯୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୫ ଜଣ ସଂଗରୋଧରୁ ଓ ୧୦ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧. ଇଲାଙ୍ଗୀର ଜିଲ୍ଲାରୁ ୧. କଟକ ଜିଲ୍ଲାରୁ ୨, ଜଗତସିଂହପୁର ଜିଲ୍ଲାରୁ ୧, ଖୋର୍ଧା ଜିଲ୍ଲାରୁ ୧୫ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଓଡ଼ିଶା କନିଷ୍ଠ ବାଳିକା ରଗବୀ ଦଳରେ ସ୍ଥାନ ପାଇଲେ ମୟୂରଭଂଜର ୫ ବାଳିକା



ବାରିପଦା, ୧୭/୦୬ (ନି.ପ୍ର): ମୟୂରଭଂଜ ଜିଲ୍ଲା ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ୫ଜଣ ବାଳିକା, ୧୨ ଜଣିଆ ଓଡ଼ିଶା କନିଷ୍ଠ ବାଳିକା ରଗବୀ ଦଳରେ ସ୍ଥାନ ପାଇଛନ୍ତି । ସେମାନେ ହେଲେ ପାର୍ବତୀ ହାଁସଦା, ଆରତୀ ମୁର୍ମୁ, ସୁନୀତା ହାଁସଦା, ସନ୍ଧ୍ୟାରାଣୀ ଟୁଡୁ ଓ ପାର୍ବତୀ ସୋରେନ । ଓଡ଼ିଶା ରଗବୀ ଦଳ ଆସନ୍ତା ଜୁନ୍ ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ବିହାର ରାଜ୍ୟର ପାଟନା ଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ କନିଷ୍ଠ ଟୁର୍ଣ୍ଣାମେଂଟରେ ଯୋଗଦେବେ । ଖେଳାଳୀ ମାନଙ୍କ ଏହି ସଫଳତା ପାଇଁ ସମାଜସେବୀ ତଥା ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ମଙ୍ଗଳ ହାଁସଦା, ବାରିପଦା ଶାଖା ପରିଚାଳକ ରଞ୍ଜିତ ରାଉତ, କୋଚ ନିରଂଜନ ବିଶ୍ୱାଳ, ରୂପାଲି ସୋରେନ୍ ଓ ପ୍ରତିଷ୍ଠାତା ଦିବ୍ୟରଂଜନ ଦାସ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ବେଣୁଧର ମିଶ୍ରଙ୍କ ଏକାଦଶତମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ

ଜଳେଶ୍ୱର, ୧୭/୦୬ (ନି.ପ୍ର): ଜଳେଶ୍ୱରସ୍ଥିତ ଓଳିନ୍ଦା ଗାଁର ବିଶିଷ୍ଟ ସମାଜସେବୀ, ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ସ୍ୱର୍ଗତ ବେଣୁଧର ମିଶ୍ରଙ୍କ ଏକାଦଶତମ ବାର୍ଷିକ ଶ୍ରାଦ୍ଧଦିବସ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ବିଶିଷ୍ଟ ଗବେଷକ ଡ. ଶ୍ରୀକାନ୍ତ ପାତ୍ର ସଭାପତିତ୍ୱ କରିଥିଲେ । ଦୀନକୃଷ୍ଣ ସ୍ମୃତି ପରିଦେର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବେଣୁଧର ବାବୁଙ୍କ ବ୍ୟକ୍ତିତ୍ୱ, ଆଦର୍ଶ, ସମାଜସେବା ଓ ପରପୋକାର ସଂପର୍କରେ କହିଥିଲେ । ଉତ୍କଳ ସାହିତ୍ୟ ଏକଡେମୀର ସଦସ୍ୟ କବି କାଳିପଦା ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତିଭା ଓ ନିରଳସ ଜୀବନଚର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ରବିନାରାୟଣ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ରମେଶ ନାୟକ, ଲେଲିନ୍ ପ୍ରଧାନ, ବେଣୁଧର କାମିଳ. ଜାନକି ବଲ୍ଲଭ ସାହୁ, କାରୁଣାକାର ଭୂୟାଁ, ଦିଲ୍ଲିପ ପରିଡା, ତପନ ବିଶ୍ୱାଳ, ଗୋପିବଲ୍ଲଭ ସାହୁ, ମଦନ ମୋହନ ମହାପାତ୍ର, ରାଜବଲ୍ଲଭ ସାହୁ, ଅରୁଣ କୁମାର ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶିଦ୍ଧାର୍ଥ ଶଂକର ପାଳ ସଂଯୋଜନା କରିଥିବା ବେଳେ କନିଷ୍ଠ ପୁତ୍ର ସ୍ତମ୍ଭକାର ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚାୟତ ନିର୍ବାଚନକୁ ବଳିଗଲାଣି ସମବାୟ ସମିତି ନିର୍ବାଚନ

ଖଇରା, ୧୭/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ୧୪ଟି ସମବାୟ ସେବା ସମିତି ଥିବା ବେଳେ ୭ଟିର ନିର୍ବାଚନ ୧୯ତାରିଖରେ ଏବଂ ଅନ୍ୟ ୭ଟିର ନିର୍ବାଚନ ୨୬ ତାରିଖରେ ହେବ। ୧୯ତାରିଖରେ ଭୋଟିଂ ହେଉଥିବା ୭ଗୋଟି ମଧ୍ୟରେ ଗଗନଧୂଳି, ଗୋବିନ୍ଦପୁର, କୁରୁଣ୍ଟା, ମିର୍ଜାପୁର, ଖଇରା, ପଳସା ଓ ଗୋଲିହା ସମିତି ରହିଛି। ଏହି ୭ଟି ମଧ୍ୟରୁ ଗୋଲିହା ଓ କୁରୁଣ୍ଟାରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ବୁଝାମଣା ପରେ ନିର୍ବାଚନକୁ ଏଡାଇ ଦିଆଯାଇଛି । ଏବଂ ପ୍ରତ୍ୟେଟ ଜୋନ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି । ବାକି ୫ଟି ସେବା ସମବାୟ ସମିତିରେ କଡା ମୁକାବିଲା ହେଥିବାରୁ ଫଳାଫଳ ଦେଖିବାକୁ ବ୍ଲକବାସୀ ଅପେକ୍ଷା କରି ରହିଛନ୍ତି । ଚଳିତ ସେବା ସମବାୟ ସମିତି ନିର୍ବାଚନରେ ଶାସକ ବିଜେଡି ଓ ବିରୋଧି ଭାଜପା ବାହ୍ୟ ସମର୍ଥନ ଦେଉଥିବାରୁ ନିର୍ବାଚନ ସେମାନଙ୍କ ନେତୃବୃନ୍ଦଙ୍କ ପାଇଁ ଯଥେଷ୍ଟ ଗୁରତ୍ୱ ବହନ କରୁଛି । ଗଗନଧୂଳି ପଞ୍ଚାୟତରେ ୧ନଂ ଓ ୧୧ନଂ ଜୋନରେ ତ୍ରିକୋଣୀୟ ଓ ବାକି ଜୋନ ଗୁଡିକରେ ମୁହାଁମୁହିଁ ଟକ୍କର ହେଉଛି । ପୂର୍ବତନ ସରପଞ୍ଚ ସ୍ମିତା ମହାନ୍ତି,ଡାଲଙ୍ଗ ପଞ୍ଚାୟତ ବିଜେଡି ଯୁବନେତା ହରେକୃଷ୍ଣ ଶତପଥି,ଚିତ୍ତ ରଞ୍ଜନ ପତି ପ୍ରମୁଖ ବିଜେଡି ସମର୍ଥନରେ ଏବଂ ଭାଜପା ମଣ୍ଡଳ ସଭାପତି ମହେଶ୍ୱର ନାଥ, ମୁକ୍ତିକାନ୍ତ ପାଢୀ ପ୍ରମୁଖ ଭାଜପା ସମର୍ଥନରେ ଭାଗ୍ୟ ପରିକ୍ଷା ପାଇଁ ମଇଦାନକୁ ଓହ୍ଲାଇଛନ୍ତି । ସେହିଭଳି ଗୋବିନ୍ଦପୁର ପଞ୍ଚାୟତରେ ସମସ୍ତ ୧୫ଟି ଯାକ ଜୋନରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେଉଥିବା ବେଳେ ପୂର୍ବତନ ସମିତି ସଭ୍ୟ ନିଳାମ୍ବର ପଣ୍ଡା, ସମବାୟ ସମିତିର ପୂର୍ବତନ ସଭାପତି ରବିନ୍ଦ୍ର ବେହେରା,ବିଜେଡି ନେତା ଅନନ୍ତ ପ୍ରସାଦ ବାରିକ, ସାରୁଗାଁ ସରପଞ୍ଚ ଦୟାନିଧି ନାୟକ, ଯୁବ ସଙ୍ଗଠକ ମାନସ କୁମାର ମୁଦୁଲି ପ୍ରମୁଖ ପ୍ରତିଦ୍ୱନ୍ଦିତାକୁ ଓହ୍ଲାଇଛନ୍ତି । ମିର୍ଜାପୁର ସମିତିରେ ୬ନଂ ଓ ୧୦ନଂ ଜୋନକୁ ଛାଡି ଦେଲେ ବାକି ଜୋନ ଗୁଡିକରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେଉଛି । ୨ପୂର୍ବତନ ସମିତି ସଭାପତି ଦିଲ୍ଲିପ କୁମାର ବେହେରା ଓ ସନ୍ତୋଷ ନାୟକ ପ୍ରତିଦ୍ୱନ୍ଦିତାକୁ ଓହ୍ଲାଇଥିବା ବେଳେ ପୁଣିଥରେ ସଭାପତି ହେବା ଲକ୍ଷରେ ସେମାନେ ବିଭିନ୍ନ ଜୋନରେ ଛିଡା କରାଇଥିବା ପ୍ରାର୍ଥୀ ମାନଙ୍କ ପ୍ରଚାର ପାଇଁ କଳବଳ କୌଶଳ ଅବଲମ୍ବନ କରୁଛନ୍ତି । ଭାଜପାର ଏକ ଗୋଷ୍ଠୀ ଦିଲ୍ଲିପଙ୍କୁ ବିରୋଧ କରି ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଭାଜପା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି । ପଳସାରେ ୯ନଂ ଜୋନକୁ ଛାଡିଦେଲେ ଅନ୍ୟ ଜୋନ ଗୁଡିକରେ ପ୍ରତିଦ୍ୱନ୍ଦିତା ବେଶ ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି । ରମାକାନ୍ତ ଦାସ,ପ୍ରଭାସ ବାରିକ,ଗୋବିନ୍ଦ ବଲ୍ଲଭ ଜେନା,ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ନିର୍ବାଚନରେ ଅଂଶ ଗ୍ରହଣ କରିଛନ୍ତି । ଖଇରା ସମବାୟ ସମିତି ନିର୍ବାଚନରେ ମଧ୍ୟ ଜୋର୍‌ଦାର ଲଢେଇ ହେଉଛି । ୮ନଂ ଓ ୯ନଂ କୁ ଛାଡି ଦେଲେ ବାକି ୧୩ଟି ଜୋନରେ ମୁକାବିଲା ଜୋର୍‌ଦାର ହେଉଛି । ସମିତିର ପୂର୍ବତନ ସଭାପତି ସୌମ୍ୟରଞ୍ଜନ ନାୟକ, ଭାଜପା ମଣ୍ଡଳ ସଭାପତି ରାଜେଶ କୁମାର ରାଉତ, ନିଶିକାନ୍ତ ମହାନ୍ତି, କମଳେଶ ଦାସ, ପ୍ରଶାନ୍ତ କୁମାର ବେହେରା, ଶୁକଦେବ ପଣ୍ଡା, ଆଲୋକ କୁମାର ପଣ୍ଡା ପ୍ରମୁଖ ନିର୍ବାଚନରେ ଅଂଶ ଗ୍ରହଣ କରିଛନ୍ତି । ଉଭୟ ବିଜେଡି ଓ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି । ୧୯ତାରିଖ ସକାଳ ୭ଟାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ନିର୍ବାଚନ ଏବଂ ସରିବା ପରେ ସେହି ଦିନ ହିଁ ଫଳାଫଳ ଘୋଷଣା ହେବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସ୍ୱିସ୍ ବ୍ୟାଙ୍କରେ ଭାରତୀୟ ଜମା ଟଙ୍କା ....

ନରଓ୍ୱେ, ମରିସସ୍, ବାଂଲାଦେଶ, ପାକିସ୍ତାନ, ହଙ୍ଗେରି ଓ ଫିନଲ୍ୟାଣ୍ଡବାସୀଙ୍କ ତୁଳନାରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଅଧିକ ଜମା ରାଶି ରହିଛି। ବ୍ରିକ୍ ରାଷ୍ଟ୍ରମାନଙ୍କ ମଧ୍ୟରେ ଋଷ ୧୫ତମ ସ୍ଥାନରେ ଥିବା ବେଳେ ଚାଇନା ୨୪ ତମ ସ୍ଥାନରେ ରହିଛି। ଭାରତର ସ୍ୱିସ୍ ବ୍ୟାଙ୍କରେ ଜମା ଏକ ରାଜନୈତିକ ପ୍ରସଙ୍ଗ। ସ୍ୱିସ୍ ବ୍ୟାଙ୍କରେ ବିପୁଳ ପରିମାଣର କଳାଧନ ଜମା ହୋଇଥିବା ନେଇ ଅଭିଯୋଗ ହୋଇଆସୁଛି। ତେବେ ବ୍ୟାଙ୍କ ଗ୍ରାହକଙ୍କ ତଥ୍ୟକୁ ଗୋପନ ରଖିବା ଲାଗି ସ୍ୱିଜରଲ୍ୟାଣ୍ଡର ନୀତି ଟିକସ ଠକେଇ, ଜାଲିଆତି, ଆର୍ଥିକ ହେରଫେର କରୁଥିବା ଲୋକମାନଙ୍କୁ ସୁହାଉଥିବା ମଧ୍ୟ ଅଭିଯୋଗ ହେଉଛି। ଏହି ଅପବାଦରୁ ମୁକ୍ତି ପାଇବା ଲାଗି ସ୍ୱିଜରଲ୍ୟାଣ୍ଡ ସରକାର ବିଭିନ୍ନ ଦେଶ ସହିତ ସ୍ୱୟଂକ୍ରିୟ ବ୍ୟାଙ୍କ ତଥ୍ୟ ଆଦାନପ୍ରଦାନ ନେଇ ବୁଝାମଣା ସ୍ୱାକ୍ଷର କରିଛନ୍ତି। ଭାରତ ସହିତ ମଧ୍ୟ ଏଭଳି ବୁଝାମଣା ହୋଇଛି। ଯାହା ଅନ୍ତର୍ଗତ ଭାରତକୁ ଏହି ତଥ୍ୟ ମିଳୁଛି। ତେବେ ଏ ପର୍ଯ୍ୟନ୍ତ କେତେ ପରିମାଣର କଳାଟଙ୍କା ଏହି ବିଦେଶୀ ବ୍ୟାଙ୍କରେ ଜମା ହୋଇଛି, ସେନେଇ ସରକାର ସ୍ପଷ୍ଟ କରୁନାହାନ୍ତି। ଏହା କେବଳ ଏକ ରାଜନୈତିକ ବୟାନବାଜି ହୋଇ ରହିଯାଇଛି।

## ୨୦ ପରେ ବଢିବ....

ବର୍ଷା ହେବାର ସମ୍ଭାବନା ରହିଛି। ଯାଜପୁର, କେନ୍ଦୁଝର,ଢେଙ୍କାନାଳ, କଟକ ଓ ନୟାଗଡ଼ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲା ପାଇଁ ବିଭାଗ ପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୮ରୁ ୧୯ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା,ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, କନ୍ଧମାଳ, ବୌଦ୍ଧ, ସୋନପୁର, କଟକ, ଯାଜପୁର ,ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର ଜିଲ୍ଲାର କେତେକ ସ୍ଥାନରେ ବର୍ଷା ଓ ବଜ୍ରପାତ ହେବାର ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

## ଇଡ଼ି ଅଫିସରେ କଳାପତାକା ଲଗାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ରାହୁଲ ଗାନ୍ଧିଙ୍କୁ ଇଡିର ଜେରା ପ୍ରତିବାଦରେ ଓଡ଼ିଶା ଯୁବ କଂଗ୍ରେସ ସଭାପତି ଡ଼. ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଇଡି କାର୍ଯ୍ୟାଳୟରେ କଳାପତାକା ଲଗାଯାଇଛି। ଏହାକୁ ବିଜେପି ଅଫିସ ବୋଲି କଳା କାଳିରେ ଓ୍ୱାଲ୍ ପେଂଟିଙ୍ଗ୍ କରି ବିରୋଧ ପ୍ରଦର୍ଶନ କରାଯାଇଛି। ଶ୍ରୀ ଲେଙ୍କା କହିଛନ୍ତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧିଙ୍କୁ ଯେଭଳି ଭାବେ ବିନା କୌଣସି ତଥ୍ୟ ପ୍ରମାଣ କି କେସ୍ ନଥାଇ ଭାରତୀୟ ଜନତା ଦଳ ଇସାରାରେ ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ହୀନ ପ୍ରଚେଷ୍ଟାରେ ବାରମ୍ବାର ଅପମାନିତ କରି ଜେରା କରୁଛି। ୨୦୧୪ ମସିହାଠାରୁ ଯେଭଳି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ଦଳ ଗାନ୍ଧି ପରିବାର ବିରୁଦ୍ଧରେ ବହୁ ମିଛ ଓ ଅସତ୍ୟ ତଥ୍ୟ ଦେଇ ଇଡି, ସିବିଆଇ ଆଦି ସମ୍ବିଧାନିକ ସଂସ୍ଥାକୁ ରାଜନୈତିକ ଦଳର ଛାମୁଆ ସଂସ୍ଥା ଭାବେ ବ୍ୟବହାର କରୁଛି, ତାହା ଗଣତନ୍ତ୍ରରେ ଅତ୍ୟନ୍ତ ହୀନମାନ୍ୟତାକୁ ଦର୍ଶାଇଛି। ଯେଉଁ ନ୍ୟାସନ୍ୟାଲ ହେରାଲ୍ଡ ଖବର କାଗଜ ମନି ଲଣ୍ଡରିଂ ତଥ୍ୟ ପ୍ରକାଶ କରାଯାଇଛି ତାହା ସମ୍ପୂର୍ଣ୍ଣ ଭିତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହି ଘଟଣାରେ ଇଡି ଯେଉଁ ହୀନ ଚକ୍ରାନ୍ତ କରି ଜେରା କରୁଛି, ତାହା ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ ବୋଲି ଓଡିଶା ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ନାୟକ, ଜ୍ଞାନ ରଞ୍ଜନ ରାଉତ, ବିଶ୍ୱଜିତ ଲେଙ୍କା, ସୌମ୍ୟପ୍ରକାଶ ମିଶ୍ର, ଅକ୍ଷୟ କୁମାର ମଲ ଓ ରିତୁର ମହାରଣା ପ୍ରମୁଖ ଉପସ୍ଥିତ ଥଲେ।

## ଓଡ଼ିଆ ପରମ୍ପରା ବଂଚେଇବାକୁ ପ୍ରୟାସ : ସହରରେ ଗାଁର ରଜ ଝଲକ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ଓଡ଼ିଆ ପରମ୍ପରା ବହନ କରୁଥିବା ବଡ଼ପର୍ବ ବ ।ଇ ରଖିବାକୁ ଅ । ଭିଡ଼ିଛନ୍ତି ଗାଁ ବାସିନ୍ଦାଙ୍କ ସହ ସହର ବାସିନ୍ଦା। ଏବେ ସହରର କଲୋନୀ ରେ ଗାଁର ରଜ ଉତ୍ସବର ଝଲକ। ବି.ଏମ.ସି.ର ୫୯ନଂ ଓ୍ୱାର୍ଡ଼ ନୂଆ ଗାଁ ଗ୍ରାମୀଣ ରଜ ମହୋତ୍ସବ ୨୦୨୨ ସ୍ଥାନୀୟ ମାରୁତୀ ନଗର ମହୋତ୍ସବ ପଡ଼ିଆଠାରେ ଆରମ୍ଭ ହୋଇଥିବା ରଜ ସହୋତ୍ସବ ଗୁରୁବାର ଉଜ୍ଜାପିତ ହୋଇଯାଇଛି। ନୂଆ ଗାଁ ଗ୍ରାମ୍ୟ କମିଟି ଓ ମାରୁତୀ ନଗର ବାସିନ୍ଦାଙ୍କ ସହଯୋଗରେ ଆୟୋଜିତ ରଜ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା, ସମ୍ମାନୀତ ଅତିଥି ଭାବେ ପ୍ରକ୍ତନ କର୍ନେଲ ପ୍ରିୟଲତା ଦାଶ, ସ୍ଥାନୀୟ କର୍ପୋରେଟର ବିର୍ ନାରାୟଣ ମହାସୁପକାର ଯୋଗ ଦେଇ ଭୂୟଶୀ ପ୍ରଶଂସା କରିଥିଲେ। ଉତ୍ସବରେ ରଜ କୁଆଁରୀ ପୁଚି, ଶଙ୍ଖଧ୍ୱନୀ, ହୁଳହୁଳି, ରଜ ଅଳତା, ରଜ ପାନ, ପୋଡ଼ ପିଠା, ମୁରୁଜ, ରଙ୍ଗୋଲି ଆଦିରେ ହୋଇଥିବା ପ୍ରତିଯୋଗିତାରେ କୃତି କୁଆଁରୀମାନଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ମୀନା ବଜାର, ଶାଢୀ, ମେହେନ୍ଦି, ଦୋଳିର ବିଭିନ୍ନ ଦୋକାନମାନ ଖୋଲାଯାଇଥିଲା। ସେହିଭଳି କୃତି ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁନ୍ଦରପୁର ବ୍ଲକ ସ୍ତରୀୟ ରଜ ମହୋତ୍ସବ ଉଦ୍‌ଯାପିତ



ଖଇରା, ୧୭/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚାଲିଥିବା ବ୍ଲକସ୍ତରୀୟ ରଜମହୋତ୍ସବ ଏବଂ ରଜକୁଇନ ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ସଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇ ଯାଇଛି । ରଜ ମହୋତ୍ସବ କମିଟିର ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଡ ଭଗବାନ ବେହେରା ମୁଖ୍ୟବକ୍ତା ଓ ସୁରେନ୍ଦ୍ର ପ୍ରସାଦ ସାହୁ,ପଣ୍ଡିତ କରୁଣାକର ପାଣି, ସୌଭାଗ୍ୟ ସାହୁ, ବୁଦ୍ଧିରାମ ପାଣିଗ୍ରାହୀ, ପ୍ରଧ୍ୟାପକ ଅଭୟ କୁମାର ମହାନ୍ତି ପ୍ରମୁଖ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ବସନ୍ତ ପାଢୀ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ରଜ କୁଇନ ଭାବେ ଜୁନିୟରରେ ମାନ୍ୟତା ମଣ୍ଡଳ ଓ ସିନିୟରରେ ପ୍ରିୟଙ୍କା ପ୍ରିୟଦର୍ଶନୀ ହାତୀଙ୍କୁ ଘୋଷଣା କରାଯିବା ସହ ମାନପତ୍ର,ଟ୍ରଫି ଓ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ସେହିଭଳି ଜୁନିୟରରେ ରନର୍ସ ଅପ ଭାବେ ପ୍ରତିମା ହାତୀ, ପ୍ରଜ୍ଞାସିନୀ ନାୟକ ଓ ଅଞ୍ଜଳୀ ନାୟକ ଏବଂ ସିନିୟରରେ ବିନ୍ଦୁଶ୍ରୀ ନାୟକ,ଅମ୍ରିତା ସ ଓ ସୋଫିଆ ନାୟକଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଯାତ୍ରା କମେଡିଆନ ନରହରି ପଣ୍ଡା ଓରଫ ଡାଙ୍ଗ ଏବଂ ଖଳନାୟକ ଦୈତାରୀ ପଣ୍ଡାସେଯାଗ ଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ପରିଚୟ ମସଲା ତରଫରୁ ସମସ୍ତ ଟ୍ରଫି ଓ ଶ୍ରୀମନ୍ଦିର ଲୁଗା ଦୋକାନ ପକ୍ଷରୁ ଅର୍ଥ ପ୍ରଦାନରେ ସହଯୋଗ କରିଥିଲେ । ବିମଳେନ୍ଦୁ ଜେନା, ପ୍ରଶାନ୍ତ କୁମାର ଦାସ, ଡା ହରେକୃଷ୍ଣ ରାଉତ, ବିମନ ବାରିକ, ଚନ୍ଦ୍ରକାନ୍ତ କୁଅଁର, ପ୍ରହଲ୍ଲାଦ ରାୟ,ଜୟନ୍ତ ବେହେରା, ଶଶିକାନ୍ତ ଦାସ, ସୁଲୋଚନା ଭୋଳ, ନୃସିଂହ ପାଣି, ପ୍ରଭାତ ନାୟକ, ସୁକାନ୍ତ ଜେନା,ସୁରେନ୍ଦ୍ର ସାହୁ, ଲକ୍ଷ୍ମୀଧର ବେହେରା, ବିରଞ୍ଚି ନାରାୟଣ ପଣ୍ଡା ତଥା ମା ତାରିଣୀ ୟୁଥ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


**OFFICE OF THE EXECUTIVE ENGINEER**
**RURAL WORKS DIVISION-II, BALASORE**

**1st Corrigendum to e-Procurement Tender Call Notice No. 01 of 2022-23**

| 1st Corrigendum | Bid Identification No. | Availability of tender online for bidding | | Last date & time of seeking tender | Date & Time of Opening of Tender in O/o E.E, R.W.Divn-II, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Existing original e-procurement Tender Call Notice No.01 of 2022-23 | E TCN-01 of 2022-23 | 10.06.2022 at 5.00 P.M. | 17.06.2022 up to 5.00 PM | 16.06.2022 up to 4.00 PM | 18.06.2022 at 11.00 AM |
| **Read as New date & time of e-procurement Tender Call Notice No. 01 of 2022-23** | **E TCN-01 of 2022-23** | **21.06.2022 at 5.00 P.M** | **27.06.2022 up to 5.00 PM** | **26.06.2022 up to 4.00 PM** | **28.06.2022 at 11.00 AM** |

In case of the Lottery required to be conducted among the successful bidder in accordance with the Works Deptt. Order No. 10224, Dtd.01.09.2015 the same will be conducted at 11.00 A.M. on dt.30.06-2022 instead of 11 .00 A.M on dated 23.06 -2022 in this office chamber of the undersigned.

All bidders are requested to provide their Mobile No,Whatsapp No, E-mail ID and Bank RTGS signed documents for necessery early comunication at this end (THIS IS MOST URGENT)

All other terms and condition to the original e-procurement No- 01 of 2022-23 will remain unchanged.

OIPR : 25052/11/0003/2223

**Executive Engineer**
**R.W. Division-II, Balasore**

# କେନ୍ଦ୍ର ସରକାରଙ୍କର ଆକ୍ରୋଶମୂଳକ ରାଜନୀତି ବିରୁଦ୍ଧରେ କଂଗ୍ରେସର ପ୍ରତିବାଦ ସଭା

ଭୁବନେଶ୍ୱର, ୧୭/୦୬ (ନି.ପ୍ର): କଂଗ୍ରେସ ଦଳର ନେତୃବର୍ଗଙ୍କ ପ୍ରତି ମୋଦି ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ଏବଂ ଦିଲ୍ଲୀ ପୋଲିସ୍ର କଂଗ୍ରେସ କାର୍ଯ୍ୟାଳୟରେ ପ୍ରବେଶ କରି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଭୁବନେଶ୍ୱରରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ଶୁକ୍ରବାରଭୁବନେଶ୍ୱର ପି.ଏମ୍.ଜି ମୁଖ୍ୟ ପ୍ରବନ୍ଧକ ଡାକଘର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଲେ ଯେ ଆସନ୍ତା ଦିନରେ ମୋଦୀ ସରକାରଙ୍କୁ ଏହି ପ୍ରତିଶୋଧ ଆକ୍ରୋଶମୂଳକ ରାଜନୀତି ତଥା ଦିଲ୍ଲୀ ପୁଲିସ୍ର କଂଗ୍ରେସ ନେତୃବର୍ଗଙ୍କ ଉପରେ ବର୍ବରଚିତ ଆକ୍ରମଣ ଏବଂ ଇଡ଼ି ମାଧ୍ୟମରେ ରାହୁଲ ଗାନ୍ଧୀ ଓ ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ଛବିକୁ ମଳିନ କରିବା ପାଇଁ ଯେଉଁ ହୀନ ଉଦ୍ୟମ ଚାଲିଛି ତାହା ସମ୍ଭବ ହେବ ନାହିଁ। ସାରା ରାଜ୍ୟରେ କଂଗ୍ରେସ ଆଜି ଏକତ୍ରିତ ଏବଂ ମୋଦୀ ସରକାରର ଦେଶ ବିରୋଧି ଓ ଜନ ବିରୋଧି କାର୍ଯ୍ୟକଳାପ ବିରୁଧରେ ଲଢ଼େଇ କରିବା ପାଇଁ ପ୍ରସ୍ତୁତ। ବରିଷ୍ଠ ଆଇନଜୀବି ତଥା କଂଗ୍ରେସ ନେତା ଶିବାନନ୍ଦ ରାୟ କହିଲେ ଏହି ସମୁଦାୟ ଘଟଣାରେ ରାଜନୈତିକ ଚାଲ ଖେଳିବା ପାଇଁ କେନ୍ଦ୍ରୀୟ ସଂସ୍ଥାମାନଙ୍କୁ ମୋଦୀ ଓ ଅମିତ୍ ଶାହା ବ୍ୟବହାର କରୁଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ରଜନୀ ମହାନ୍ତି କହିଲେ ଯେ, ନ୍ୟାସ୍ନାଲ ହେରାଲ୍ଡ଼ ଖବର କାଗଜ ଘଟଣାରେ କୌଣସି ଅର୍ଥ କାରବାର ହୋଇନାହିଁ। ଯେଉଁଠି ଅର୍ଥ ନାହିଁ ସେଠି ମନି ଲଣ୍ଡରିଙ୍ଗ ହେଲା କେମିତି। ଏହା ବାବଦରେ କୌଣସି ଏତଲା ବି ହୋଇନାହିଁ। ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ସୁରେଶ ରାଉତରାୟ କହିଲେ ଆଜି ସାରା ରାଜ୍ୟରେ କଂଗ୍ରେସ ଲୋକ ଜାଗିଲାଣି, ସାଧାରଣ ଲୋକ ଅତିଷ୍ଠ ହୋଇଗଲାଣି। ଏ ମୋଦୀ ଓ ଶାହାଙ୍କୁ ନିଶ୍ଚିତ ଭାବରେ ଉପଯୁକ୍ତ ଶିକ୍ଷା ଦିଆଯିବ।

# କେରଳୀ ଯୁବକ ହତ୍ୟାକାଣ୍ଡରେ ୫ ଗିରଫ

ବାଲେଶ୍ୱର,୧୭/୦୬ (ନି.ପ୍ର): କେରଳର ଏର୍ଣ୍ଣାକୁଲମ ଜିଲା ଅଙ୍ଗମାଲି ଗାଁର ସେମିଟି ଦେଭାସି (୨୯) ନାମକ ଯୁବକଙ୍କୁ ଚାନ୍ଦିପୁର ଥାନା ଅନ୍ତର୍ଗତ ତୁଳସୀପଦା ଅଞ୍ଚଳରେ ଗତ ମଇ ମାସ ୩୦ ତାରିଖରେ ସଂଘବଦ୍ଧ ଆକ୍ରମଣ ସହ ଦୁର୍ବୃତ୍ତ ଲୁଟ କରି ଥିବା ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥାଇ ଗୋଟିଏ ଦିନ ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ତେବେ ଏହି ମାମଲାର ଦୁଇଜଣ ନାବାଳକଙ୍କ ସମେତ ଗିରଫ ହୋଇଥିବା ୫ ଜଣ ଜଣ ହେଲେ ପୁରୁଣା ବାଲେଶ୍ୱର ତୁଳସୀପଦା ଅଞ୍ଚଳର ସିକୁନ ଓରଫ ସୁଧୀର ରଞ୍ଜନ ମାଝୀ (୩୫), ଟାଉନ ଥାନା ଅନ୍ତର୍ଗତ ପୁରୁଣା ବାଲେଶ୍ୱର ଅଞ୍ଚଳର ବାଙ୍କୁ ଓରଫ ଅଭିଜିତ ସିଂ (୩୫), ରୂପସା, କଶିପଦା ଅଞ୍ଚଳର ସଦା ଓରଫ ସଦାଶିବ ବଢ଼େଇ (୨୭), ଦୁଇ ନାବାଳକ ରଞ୍ଜନ ମଲ୍ଲିକ (୧୬) ଓ ମଣିଶଙ୍କର ବେହେରା (୧୭)। ଅର୍ଥ ପାଇଁ ଏହି ଅଭିଯୁକ୍ତମାନେ କେରଳୀ ଯୁବକଙ୍କୁ ଆକ୍ରମଣ କରିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀର ଆଇଜି ହିମାଂଶୁ ଲାଲ ଓ ଏସପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ମଇ ମାସ ୨୯ ତାରିଖରେ କେରଳୀ ଯୁବକ ସେମିଟ ଦେଭାସୀ ନିଜର ସାଙ୍ଗ ପ୍ରବୀଣ ମିସ୍ତ୍ରୀଙ୍କ ସହ ବାଲେଶ୍ୱର ସହରକୁ ଟ୍ରେନ ଯୋଗେ ଆସିଥିଲେ। ବସଷ୍ଟାଣ୍ଡ ନିକଟରେ ଥିବା ମହାରାଜ ଲଜରେ ରହିଥିଲେ। ୩୦ ତାରିଖ ସକାଳେ ଲଜରୁ ବାହାରି ନୂଆ ବଜାର ଅଞ୍ଚଳକୁ କାମରେ ଯାଇଥିଲେ। ନୂଆ ବଜାରରେ ଅଭିଯୁକ୍ତ ସୁଧୀର ରଞ୍ଜନ ମାଝୀଙ୍କ ସହିତ ସାକ୍ଷାତ ହୋଇଥିଲା। ବହୁତ ଭଲ ପିକନିକ ସ୍ପଟ ଦେଖାଇଦେବାର ପ୍ରତିଶ୍ରୁତି ଦେଇ ବୁଢ଼ାବଳଙ୍ଗ ନଦୀ, ତୁଳସୀ ପଦା ଅଞ୍ଚଳକୁ ନେଇ ଆସିଥିଲେ। ଏହି ସମୟରେ ସିକୁନ ନିଜର ଅନ୍ୟ ସାଙ୍ଗମାନଙ୍କୁ ଡାକିଥିଲା। ସମସ୍ତେ ପହଞ୍ଚିଯିବା ପରେ ଦୁଇଜଣ କେରଳୀ ଯୁବକଙ୍କୁ ଆକ୍ରମଣ କରିଥିଲେ। ମାଡ଼ଖାଇ ପ୍ରବୀଣ ଦୌଡ଼ି ପଳାଇ ଯାଇଥିଲା ବେଳେ ସେମିଟିଙ୍କୁ ସମସ୍ତେ ମିଶି ଲୁଟିବା ଉଦ୍ଦେଶ୍ୟରେ ମାଡ଼ ମାରିଥିଲେ। ତାଙ୍କର ମେରୁଦଣ୍ଡରେ ଜୋର ଆଘାତ ଲାଗିବା ପରେ ସେ ଉଠି ପାରି ନଥିଲେ। ସେହିଠାରେ ତାଙ୍କୁ ପକାଇ ଦେଇ ତାଙ୍କଠାରୁ ୧୫ ହଜାର ଟଙ୍କା, ମୋବାଇଲ ଫୋନ ଲୁଟି ନେଇ ପଳାଇଥିଲେ। ପରିତ୍ୟକ୍ତ ସ୍ଥାନରେ ଅଜଣା ବ୍ୟକ୍ତିଙ୍କୁ ଦେଖି ସ୍ଥାନୀୟ କାଉନସିଲର ପୁଲିସକୁ ଖବର ଦେଇଥିଲେ। ପୁଲିସ ସେମିଟିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା ବେଳେ ୩୧ ତାରିଖରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା।

# ରାହୁଲ ଗାନ୍ଧୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନର ପ୍ରତିବାଦ : ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୧୭/୦୬ (ନି.ପ୍ର): କଂଗ୍ରେସ କାର୍ଯ୍ୟାଳୟରେ ଦିଲୀ ପୁଲିସର ଜବରଦସ୍ତ ପ୍ରବେଶ ଓ ଭଙ୍ଗାରୋଜା ସାଙ୍ଗକୁ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ ବିନା ଅଭିଯୋଗରେ ଇଡିର ଜେରା ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ମୁଖ୍ୟ ଡାକ ଘର ସମ୍ମୁଖରେ ବିକ୍ଷୋଭ ପଦର୍ଶିତ ହୋଇଯାଇଛି। ଏନେଇ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରୁ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସର ଜିଲ୍ଲା ନେତୃମଣ୍ଡଳୀ, ସମସ୍ତ ସାମୁଖ୍ୟର କର୍ମକର୍ତ୍ତା,ବ୍ଲକ କମିଟିର କର୍ମକର୍ତ୍ତା ଓ କର୍ମୀମାନେ ଯାଇ ବାଲେଶ୍ୱର ମୁଖ୍ୟ ଡାକଘର ସାମ୍ନା ରେ ପହଞ୍ଚିଥିଲେ। ଜିଲା କଂଗ୍ରେସର ଜିଲା ସଭାପତି ସଂଜୀବ କୁମାର ଗିରି ଅଧ୍ୟକ୍ଷତା ସହ ମୋଦି ସରକାରଙ୍କ ଏଭଳି ଅସମ୍ବିଧାନିକ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ପିସିସି ମୁଖପାତ୍ର ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ଓ ଚିତ୍ତ ଷଡଙ୍ଗୀ, ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଅଣସଙ୍ଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ ର ରାଜ୍ୟ ଉପାଧକ୍ଷା ଜ୍ୟୋତ୍ସ୍ନା ସେନାପତି, ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପରାମିତା ବିଶ୍ୱାଳ, ବ୍ଲକ ସ୍ତରୀୟ କଂଗ୍ରେସ ନେତା ସତ୍ୟଶିବ ଦାସ, ବିଜନ ନାୟକଙ୍କ ସମେତ ବିକାଶ ଦାସ ପ୍ରମୁଖ ଏଥିରେ ଯୋଗଦେଇ ମୋଦି ସରକାରଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟଧାରାକୁ କଡ଼ା ନିନ୍ଦା କରିଥିଲେ। ମୋଦି ସରକାର ଇଡି ଓ ଦିଲୀ ପୁଲିସକୁ ବ୍ୟବହାର ସହ କରିଥିବା ଏଭଳି ହୀନକାର୍ଯ୍ୟର ଜବାବ ଦେଶବାସୀ ନିଶ୍ଚିତ ଦେବେ ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର କଂଗ୍ରେସ ଜିଲା ସଭାପତି ଗୌତମ ସାହୁ, ବ୍ଲକ ସଭାପତି ହେମନ୍ତ ଗିରି, ରାଜୀବ ପରିଡା, ଶ୍ରୀକାନ୍ତ ଜେନା, ଅଜୟ ଦ୍ୱିବେଦୀ, ରାଜେନ୍ଦ୍ର ମହାନ୍ତି, ମନରଞ୍ଜନ ପଣ୍ଡା, ଗଦାଧର ପରିଡା, ନିରଞ୍ଜନ ପରିଡା, ଶୁଭଦତ୍ତ ପାଢ଼ୀ, ସୁରେଶ ବେହେରା, ବାସନ୍ତୀ ସାମଲ, ଜୀବନ ବାରିକ, ସୁଶାନ୍ତ ସାହୁ, ସେକ ୟୁନୁସ ଓ ପଶୁପତି ଉପାଧ୍ୟାୟଙ୍କ ସମେତ ବହୁ ନେତା ଓ କର୍ମୀ ଏହି ବିକ୍ଷୋବ ରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ସମସ୍ତଙ୍କୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଝେରା କାଠ ବେପାରୀଙ୍କ ଚରାଭୂଇଁ ପାଲଟିଛି କୁଲଡିହା ଅଭୟାରଣ୍ୟ

ନୀଳଗିରି,୧୭/୦୬ (ନି.ପ୍ର): ୨୭୨ ବର୍ଗ କି.ମି. ପରିମିତ କୁଲଡିହା ଅଭୟାରଣ୍ୟର ସୌନ୍ଦର୍ଯ୍ୟକରଣ ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅଭୟାରଣ୍ୟକୁ ସବୁଜିମା କରିବା ପାଇଁ ବନ ବିଭାଗ ପକ୍ଷରୁ ବନୀକରଣ କରାଯାଉଥିବା ବେଳେ ଅଭୟାରଣ୍ୟରେ ଥିବା ବହୁ ମୂଲ୍ୟବାନ ଗଛ ଉପରେ ଝେରା କାଠ ମାଫିଆଙ୍କ ନଜର ରହୁଥିବା ବେଳେ ଚରାଭୂଇଁ ପାଲଟିଛି ସେମାନଙ୍କ ପାଇଁ କୁଲଡିହା ଅଭୟାରଣ୍ୟଟି । କୁଲଡିହା ବନବିଭାଗର ନିଷ୍କ୍ରିୟତାର ସୁଯୋଗ ନେଇ ବହୁ ମୂଲ୍ୟବାନ ଗଛକୁ କରତରେ କାଠ ମାଫିଆମାନେ ଲୁଟ କରୁଥିବା ବେଳେ ସତେ ଯେପରି କମାରେ ରହିଛି ବନବିଭାଗ। ପ୍ରାପ୍ତ ସୂଚନା ଅନୁସାରେ କେ.ସି.ପୁର ପଂଚାୟତର ଟକବନ୍ଧ ଠାରେ ଶାଳଗଛ ସମେତ ବହୁ ମୂଲ୍ୟବାନ ଗଛ ଗୁଡ଼ିକୁ ଲୁଟେରାମାନେ କାଟି ନେଇଥିବା ଦେଖିବାକୁ ମିଳିଛି। ଉକ୍ତ ଅଂଚଳଟି ଜଡ଼ାଚୁଆ ଫରେଷ୍ଟରଙ୍କ ଅଧିନରେ ରହିଥିବା ବେଳେ ଏତେବଡ଼ ବଡ଼ ମୂଲ୍ୟବାନ ଗଛକୁ କାଠ ମାଫିଆମାନେ କାଟିନେଲେ କିପିର ସେ ଜାଣି ପାରିଲେନି ତାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ୨-୩ ଦିନ ପୂର୍ବରୁ ଏସବୁ ମୂଲ୍ୟବାନ ଗଛ କଟା ଯାଇଥିବାର ଅନୁମାନ କରାଯାଉଅଛି । ଯଦି କାଠ ମାଫିଆମାନେ କୁଲଡିହା ଅଭୟାରଣ୍ୟରେ ଏପରି ପାର୍ଦୁଭାବ ସୃଷ୍ଟି କରନ୍ତି, ତେବେ ଆଗାମୀ ଦିନରେ ଅଭୟାରଣ୍ୟରୁ ବହୁ ମୂଲ୍ୟବାନ ଗଛ ଗୁଡ଼ିକ ଲୋପ ପାଇଯିବ ବୋଲି ପରିବେଶବିତ୍ମାନେ ପ୍ରକାଶ କରିଛନ୍ତି । ଅଭୟାରଣ୍ୟରୁ ଦାନ୍ତକାଠି, ଶାଳପତ୍ର ତୋଳିବା ପାଇଁ କଡ଼ା କଟକଣା ରହିଥିବା ବେଳେ କାଠ ମାଫିଆମାନଙ୍କ ପାଇଁ କଟକଣା କ'ଣ ମାଫ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ଏସବୁ ମୂଲ୍ୟବାନ ଗଛ ଯଦି ରେଭିନ୍ୟୁ ଜାଗାରେ ବି ରହିଥାଏ, ତେବେ ଗଛ ଗୁଡ଼ିକୁ କାଟିବା ପାଇଁ ଅନୁମତି ଆବଶ୍ୟକ ନ ଥିଲା କି ? ସାଧାରଣ ଲୋକେ ନିଜ ବାଡ଼ିରୁ ଗଛ କାଟିବା ପାଇଁ ଅନୁମତି ଆଣୁଥିବା ବେଳେ କାଠ ମାଫିଆଙ୍କ ପାଇଁ କ'ଣ ଅନୁମତି ବହୁ ଦୂରରେ । ଏ ବାବଦରେ କୁଲଡିହା ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନାଙ୍କୁ ପଚାରିବାରୁ ଗଛ କଟା ବାବଦରେ ଜାଣି ନ ଥିବା ସହଜ ଉତର ରଖିଛନ୍ତି । ଫରେଷ୍ଟର ଛୁଟିରେ ରହିଥିବା ବେଳେ ଘଟଣାକୁ ଗୁରୁତ୍ୱର ସହ ତଦନ୍ତ କରିବେ ବୋଲି ରେଂଜର ପ୍ରକାଶ କରିଛନ୍ତି। ବାଲେଶ୍ୱର ଡି.ଏଫ.ଓ. ଅଭୟାରଣ୍ୟ ପ୍ରତି ଦୃଷ୍ଟି ନ ଦେଲେ ଅଗାମୀ ଦିନରେ ଝେରାକାଠ ମାଫିଆଙ୍କ ଭୂସ୍ୱର୍ଗ ପାଲଟିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

# ମଦନ ମୋହନ ଦତ୍ତଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ

ବାଲେଶ୍ୱର,୧୭/୦୬ (ନି.ପ୍ର): ଦିବଙ୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପୂଣ୍ୟତିଥି ପାଳନ ଅବସରରେ ବିଜେପି ସଦର କାର୍ଯ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦତ୍ତଙ୍କ ସୁପୁତ୍ର ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅୟୋଜିତ ହୋଇଥିଲା। ସ୍ୱର୍ଗତ ବିଧାୟକଙ୍କ ପତ୍ନୀ ପ୍ରେମଲତା ଦତ୍ତ ଏହି ଶିବିରକୁ ଉଦଘାଟନ କରିବା ସହ ସମସ୍ତ ରକ୍ତଦାତାଙ୍କୁ ସାଧୁବାଦ ଜଣାଇଥିଲେ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏଥିରେ ଯୋଗଦେଇ ସ୍ୱର୍ଗତ ମଙ୍ଗୁଭାଇଙ୍କ ଜୀବନାଦର୍ଶ, ସାଂଗଠନିକ ଦକ୍ଷତା ତଥା ସମାଜସେବା ଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ସୁଷମା ବିଶ୍ୱାଳ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ବୈଲୋଚନ ଦାଶ, ବିଜୟ ପାଣିଗ୍ରାହୀ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଳ ସିଂ, ରୋଜାଲିନ ପାଣି, ନିରୁପମା ଦାଶ, ପ୍ରତିମା ବେହେରା, ସସ୍ମିତା ନାଥ, ଜିଲ୍ଲା ପରିଷଦ ସଭ୍ୟ ଗୟାଧର ବେହେରା, ସମର ଶଙ୍କର କାନୁନଗୋ, ପ୍ରବୀର ଶଙ୍କର ଦାଶ, ଚନ୍ଦ୍ରଶେଖର ନନ୍ଦ, ବିଭୂପଦ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ଧୀରଜ ମହାନ୍ତି, ମନ୍ମୟ ଦାସ, ବିନୟ ମହାରଣା, କୌସିକ ଚାନ୍ଦ, ନିତିନ ଦାସ, ଅରୁପ ଜେନା, ସୌଭାଗ୍ୟ ମାନସ ନାୟକ, ପବନ କମିଲା, ସସ୍ମିତା ଦାଶ, ସଂଯୁକ୍ତା ମହାପାତ୍ର, ଶ୍ରୀୟା ଦାସ, ସସ୍ମିତା ଶୁକ୍ଲା, ସୁସ୍ମିତା ପଣ୍ଡା, ଆଶାଲତା ବାଡ଼ି, ସୁକାନ୍ତିଦେବ ଗୋସ୍ୱାମୀ, ସେଖ ହଲିମ, ସେଖ ମିରାଜ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦତ୍ତଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ସଦର ଯୁବନେତା ମାନସ ଦତ୍ତ କୃତଜ୍ଞତା ଜଣାଇବା ସହ ସ୍ୱର୍ଗତ ବିଧାୟକଙ୍କ ସେବା ମନସ୍କ ଚେତନାକୁ ଉଜ୍ଜୀବିତ ରଖିବାକୁ କହିଥିଲେ। ସଦର ବିଜେପିର ବହୁ ଯୁବକର୍ମୀ ଏହି ଶିବିରରେ ରକ୍ତଦାନ କରିଥିବା ଦେଖିବାକୁ ମିଳିଥିଲା।

# ବାଲିଆପାଳ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ



ବାଲିଆପାଳ, ୧୭/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁରପଞ୍ଚାୟତରେ ନବନିର୍ମିତ ଓଡିଶା ଆଦର୍ଶବିଦ୍ୟାଳୟରେ ନାମଲେଖାଇଥିବା ପ୍ରଥମବର୍ଷ ର ଛାତ୍ରଛାତ୍ରୀଙ୍କର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗଦାଧରଗିରି ଉଚ୍ଚବିଦ୍ୟାପୀଠ ସୁନାରୁଇ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦଘାଟନ କରି ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଯୋଜନା ପ୍ରଶଂସା କରିବା ସହ ଏହା ଦ୍ୱାରା ବହୁ ମେଧାବୀ ଗରିବ ଛାତ୍ରଛାତ୍ରୀ ନିଜ ବ୍ଲକରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇବେ । ଏହି ବିଦ୍ୟାଳୟରେ ନାମଲେଖାଇଥିବା ଛାତ୍ରଛାତ୍ରୀ ଷଷ୍ଠ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସଂପୂର୍ଣ୍ଣ ମାଗଣାରେ ପାଠପଢା ସାଙ୍ଗକୁ ଛାତ୍ରାବାସରେ ରହିପାରିବେ। ଏହି ବିଦ୍ୟାଳୟରେ ପାଠପଢୁଥିବା ଛାତ୍ରଛାତ୍ରୀ ଜଣେ ଜଣେ ଆଦର୍ଶ ଛାତ୍ର ହୋଇ ବାହାରିବେ ବୋଲି ଶ୍ରୀ ସାହୁ ମତ ବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା,ସରପଂଚ ଅରୁଣ ପ୍ରାଣିଗ୍ରାହୀ, ପୂର୍ବତନ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ଶିକ୍ଷାବିତ୍ ନିତ୍ୟାନନ୍ଦ ପ୍ରାଣିଗ୍ରାହୀ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା, ଘଣ୍ଟିଆ ସରପଂଚ ସୁଶୀଲ ପ୍ରଧାନ, ଦେଭୋଗ ସରପଂଚ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ମଧୁପୁରା ସରପଂଚ ପ୍ରତିନିଧି ଲମ୍ବୋଦର ମାହାନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେନ୍ଦ୍ର ବେହେରା, ଏବିଇଓ ନମିତାପ୍ରଭା ସାମଲ, ସିଆରସିସି ବେଣୁଧର ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ ପରିଚାଳନା କମିଟି ସଦସ୍ୟ ତଥା ଛାତ୍ର ଅଭିଭାବକ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସମେତ ସୁନାରୁଇ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ । ଶିକ୍ଷକ ବ୍ୟୋମକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଡିସିଡିଏ କାର୍ଯ୍ୟକାରିଣୀ ନିର୍ବାଚନ

ବାଲେଶ୍ୱର,୧୭/୦୬ (ନି.ପ୍ର): ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଏସୋସିଏସନ ଦ୍ୱାରା ସ୍ୱିକୃତିପ୍ରାପ୍ତ ବାଲେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଏସୋସିଏସନର (ବିଡିସିଡିଏ)ର ୨୦୨୨-୨୦୨୫ କାର୍ଯ୍ୟକାରିଣୀ ପାଇଁ ଟାଉନ ଓ ସହଦେବଖୁଣ୍ଟା ଜୋନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କାଳୀଦାସପୁର ସ୍ଥିତ ସଂଗଠନ କାର୍ଯ୍ୟାଳୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଲାଇକୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ନିର୍ବାଚନ ପରିଚାଳନାରେ ସେକ୍ ଅକତର୍ ଅଲୀ, ସନ୍ଦୀପ ସାମନ୍ତରାୟ ସହଯୋଗ କରିଥିଲେ। ସକାଳ ୯ ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ପର୍ଯ୍ୟନ୍ତ ଚାଲିଥିଲା। ଏହି ଭୋଟ ପ୍ରକ୍ରିୟାରେ ଟାଉନ ଓ ସହଦେବଖୁଣ୍ଟା ଜୋନର ଲାଇଫ ମେମ୍ବରମାନେ ଭୋଟ ଦେଇଥିଲେ। ସହଦେବଖୁଣ୍ଟା ଜୋନରୁ ସର୍ବମୋଟ ୮୩ ଓ ଟାଉନ ଜୋନରୁ ୧୩୭ଜଣ ମତଦାନ କରିଥିଲେ। ସହଦେବଖୁଣ୍ଟା ଜୋନରୁ ପାଞ୍ଚଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସିଦ୍ଧାର୍ଥ ସାରଥି ଦାସ, ସୁଦୀପ୍ ଚକ୍ରବର୍ତ୍ତୀ, ଦେବୀ ପ୍ରସନ୍ନ ପରିଡା ଓ ଅଶୋକ ନନ୍ଦ ବିଜୟୀ ହୋଇଥିବା ବଳେ ଓ ଟାଉନ ଜୋନରୁ ଦଶଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଆଠ ଜଣ ଯଥା- ସମୀର ଜଟାନିଆ, ନୀରଜ ପଦାର, ମମତା ପଦାର, ଅରୁଣ ଖଣ୍ଡେଲୱାଲ, ବିକ୍ରମଜିତ୍ କର, ମନୋଜ ଦାସ, ସନ୍ଦୀପ ସାମନ୍ତରାୟ, ଓ ଲାଇକୁ ମିଶ୍ର ବିଜୟୀ ହେଇଥିଲେ। ବିଜୟୀ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଅବାଧ ଓ ନିରପେକ୍ଷ ମତଦାନ ତଥା ଶାନ୍ତି ଶୃଙ୍ଖଳା ପାଇଁ ଜିଲା ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା।

# ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସମୀକ୍ଷା ବୈଠକ

ଜଳେଶ୍ୱର, ୧୭/୦୬ (ନି.ପ୍ର): ଜଳେଶ୍ୱର ବ୍ଲକର ପଶ୍ଚିମବାର୍ଡ଼, ଛମୌଜ, ପାଇକସିଦା, ମେଦିନୀପୁର କ୍ଲଷ୍ଟରକୁ ନେଇ ଏକ ସମୀକ୍ଷା ବୈଠକ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନା ଉପସ୍ଥିତ ରହି ୫୦ଟି ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକମାନଙ୍କୁ ଉଦ୍ଦେଶ୍ୟ ଜ୍ଞାପନ କରାଇଥିଲେ । ଅମିତ୍ କୁମାର ଦତ୍ତସରକାରଙ୍କ ନିତୀନିୟମ ଓ ପିଲାଙ୍କୁ ଦିଆଯାଉଥିବା ସୁବିଧାସୁଯୋଗ ତୃଣମୂଳ ସ୍ତରରେ ପହଞ୍ଚିବା ସଂପର୍କରେ କହିଥିଲେ। ସିଆର୍ସିସି କୃଷ୍ଣଚନ୍ଦ୍ର ମାଝି, ସୁବେଶଚନ୍ଦ୍ର ପ୍ରଧାନ, ମିନାରାଣୀ ପରିଡା, ଶ୍ରୀକାନ୍ତ ଧଳ, ପ୍ରଧାନ ଶିକ୍ଷକ ନାରାୟଣ ପ୍ରଧାନ ଓ ଯୁଗଳକିଶୋର ଜେନା ପ୍ରମୁଖ ଏ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ । ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସଂଜୟ କୁମାର ପାକଳ ଅତିଥି ପରିଚୟ, ଅଜଂନ କୁମାର ପ୍ରଧାନ ସ୍ୱାଗତ ଓ ସୂଚନା ଦେଇଥିଲେ । ରଜଉତ୍ସବ ସମରୋହ ଶେଷ ଦିନରେ ବିଦ୍ୟାଳୟ ପକ୍ଷରୁ ୧୦୦ଟି ବୃକ୍ଷରୋପଣ କରାଯାଇଥିଲା । ରଜନୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ପାଇଥିବାରୁ ଡ. ଅଜିତ୍ କୁମାର ମହାନ୍ତିଙ୍କୁ ସେଠାରେ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ହାତୀ ମୃତ୍ୟୁ ମାମଲାରେ ଦୋଷୀ ଦଣ୍ଡ ପାଇବେ : ଜଂଗଲ ଓ ପରିବେଶ ମନ୍ତ୍ରୀ

ଭୁବନେଶ୍ୱର, ୧୭/୦୬ (ନି.ପ୍ର): ହାତୀ ମୃତ୍ୟୁ ତଦନ୍ତ ପାଇଁ ତଦନ୍ତ ପାଇଁ ଏସଆଇଟି ଗଠନ କରାଯାଇଛି । ମାସେ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ । ସେ କହିଛନ୍ତି ଯେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଶିକାରୀ ବା ଫରେଷ୍ଟ ଅଧିକାରୀ ଯିଏ ଦୋଷୀ ହୋଇଥିବେ ସମସ୍ତେ ଦଣ୍ଡ ପାଇବେ ।

# ୩୬ତମ କବି ବସନ୍ତ ମୁଦୁଲି ସ୍ମୃତି ତର୍ପଣ



ଭଦ୍ରକ,୧୭/୦୬ (ନି.ପ୍ର): ବସନ୍ତ କେବଳ ଆଉ ଋତୁ ବା ରୋଗର ନାଁ ନୁହେଁ, ଏହା ଏବେ ପାଲଟି ଯାଇଛି ଜଣେ ପ୍ରତିଭାଧର ଦିବଂଗତ କବିଙ୍କର ନାଁ। ରଜ ମଉଜର ଆକର୍ଷଣକୁ ପଛ କରି ଛତିଶ ବର୍ଷ ତଳେ ଏ ସୁନ୍ଦର ପୃଥିବୀରୁ ବିଦାୟ ନେଇଥିବା ବସନ୍ତ ମୁଦୁଲି ଥିଲେ ଅସଂଖ୍ୟ ପ୍ରେମ ଓ ବିଦ୍ରୋହ ଚେତନା ସମ୍ବଳିତ ଅମଳିନ କବିତାର ବହ୍ନିମାନ ସ୍ୱାକ୍ଷର। କବିଙ୍କ ସ୍ମୃତିରେ ନିକଟସ୍ଥ ଆଦମପୁର, ନଳାଙ୍ଗ ଠାରେ ନିର୍ମିତ ସୁଦୃଶ୍ୟ ପାଠାଗାର 'ବସନ୍ତବାସ' ପାଠାଗାର ସଭାଗୃହରେ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ସଭାପତି କଥାକାର ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିଙ୍କ ସ୍ମୃତି ତର୍ପଣ ସଭାକୁ ପ୍ରାକ୍ତନ ମନ୍ତ୍ରୀ ମନମୋହନ ସାମଲ ଉଦ୍‌ଘାଟନ କରିଥିଲା ବେଳେ ସାହିତ୍ୟିକ ବିଜୟ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ କବି ସରୋଜ ବଳ, କିଶୋର ପାଣିଗ୍ରାହୀ, ରମେଶ ଚନ୍ଦ୍ର ସ୍ୱାଇଁ ଓ ସରପଞ୍ଚ ଅମୂଲ୍ୟ କୁମାର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ବକ୍ତା ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀ, ପ୍ରବଚକ ରଘୁନାଥ ଦାସ ଓ ପୂର୍ଣ୍ଣଚନ୍ଦ୍ର ଖିଲାର ବକ୍ତବ୍ୟ ପ୍ରଦାନ କରିଥିଲେ। କବିପୁତ୍ର ଇଂ ପାର୍ଥସାରଥୀ ମୁଦୁଲି ଧନ୍ରବାଦ ଦେଇଥିଲେ। ସଂଯୋଜକ ଅରୁଣ ଖିଲାର, ଡା. ରବୀନ୍ଦ୍ର ପଣ୍ଡା, ବିଜୟ ଖିଲାର, ତପନ ପାତ୍ର, ଅଶ୍ୱିନୀ ନାୟକ, ସୁଧାକର ମହାପାତ୍ର, ଗଦାଧର ପଣ୍ଡା, ବିପ୍ଳବ ହୋତା, ବିଦ୍ୟାଧର ସେଠୀ, ରାମଚନ୍ଦ୍ର ରାଉତ, ରମେଶ ସେଠୀ ଓ ମହେଶ୍ୱର ରାଉଳ ପ୍ରମୁଖ ଉପସ୍ଥିତ ଥିଲାବେଳେ ଅମିତାଭ ଖିଲାର, ଅବକାଶ ଖିଲାର ଓ ଅଭିଷେକ ଖିଲାର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଦୃଷ୍ଟିବାଧିତ ଆଦିବାସୀ ମହିଳାଙ୍କ ନିମନ୍ତେ ୨ଦିନିଆ ଜାତୀୟ କର୍ମଶାଳାର ଶୁଭାରମ୍ଭ



ବାରିପଦା, ୧୭/୦୬ (ନି.ପ୍ର): ଆମ ରାଜ୍ୟରେ ପ୍ରଥମଥର ପାଇଁ ଦୃଷ୍ଟିବାଧିତ ଆଦିବାସୀ କନ୍ୟା ଓ ମହିଳାଙ୍କ ନିମନ୍ତେ ଏକ ଜାତୀୟ ସ୍ତରୀୟ କର୍ମଶାଳା ଆଜି ବାରିପଦା କଲେଜ ପରିସରରେ ଉଦଘାଟିତ ହୋଇଯାଇଛି । ଓଡିଶା ଦୃଷ୍ଟିହୀନ ସଂଘ, ରାଜ୍ୟ ଶିଶୁ ଓ କଲ୍ୟାଣ ବିକାଶ ବିଭାଗ, ଏ.ଆଇ.ସି.ବି. ନେସନାଲ ୱିମେନ ଫୋରମ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମିଳିତ ସହ ଭାଗିତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଜୁନ ୧୬ ଓ ୧୭ ଦୁଇଦିନ ଧରି ଚାଲିବ ବୋଲି ଜଣାପଡିଛି । ସହରାଂଚଳରେ ବସବାସ କରୁଥିବା ଦୃଷ୍ଟିହୀନ ମହିଳା ଓ କନ୍ୟାଙ୍କ ନିମନ୍ତେ ଅନେକ କର୍ମଶାଳା ଆୟୋଜନ ହେଉଥିବା ବେଳେ ଗ୍ରାମାଂଚଳ ଆଦିବାସୀ ମହିଳା ଓ କନ୍ୟାଙ୍କୁ ନେଇ କୌଣସି କର୍ମଶାଳା ହେଉନାହିଁ । ଗ୍ରାମାଂଚଳରେ ରହୁଥିବା ଦୃଷ୍ଟି ବାଧିତ ମହିଳା ଓ କିଶୋରୀ ମାନେ ସରକାରଙ୍କ ପକ୍ଷରୁ ପ୍ରଣୟନ ହେଉଥିବା ବିକାଶ ମୂଳକ କାର୍ଯ୍ୟ ଓ ନୀତିନିୟମ ଆଇନ ବିଷୟରେ କିଛିମଧ୍ୟ ଜାଣିପାରୁ ନାହାନ୍ତି । ତେଣୁ ଗ୍ରାମାଂଚଳରେ ରହୁଥିବା ଦୃଷ୍ଟି ବାଧିତ ଆଦିବାସୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏଭଳି ଏକ କର୍ମଶାଳା ଆୟୋଜନ କରାଯାଇଛି ବୋଲି ଏ.ଆଇ.ସି.ବି. ନେସନାଲ ୱିମେନ ଫୋରମ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଡାଃ କଳ୍ପନା ଦାସ, ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସେବତୀ ସୋରେନ, ଏଆଇସିବି ନ୍ୟାସନାଲ ୱିମେନ ଫରମ୍ର ରିସର୍ଚ୍ଚର ମଂଜୁଳା ରଥ ଓ ଉତ୍କଳ ଦୃଷ୍ଟିହୀନ ସଂଘ ସଭାପତି ସନ୍ୟାସୀ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଆଦିବାସୀ ଦୃଷ୍ଟି ବାଧିତ ମହିଳା ମାନଙ୍କ ବିକାଶ ନିମନ୍ତେ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କୁ ବିଦ୍ୟାଳୟରେ ପାଠ ପଢେଇବା ଉପରେ ଗୁରୁତ୍ୱ ଦେବା ସହ ଘର ଘର ବୁଲି ଏକ ଡାଟାବେସ ପ୍ରସ୍ତୁତକରି ସେମାନଙ୍କର ଆବଶ୍ୟକତା ଜାଣି ସେମାନଙ୍କୁ କୁଶଳ ବିକାଶର ଟ୍ରେନିଙ୍ଗ ଦେବା ପରେ ନିଯୁକ୍ତି ଉପରେ କାର୍ଯ୍ୟ କଲେ ସେମାନଙ୍କର ଅର୍ଥନିତୀକୁ ସୁଦୃଢ କରି ସେମାନଙ୍କୁ ବିକଶିତ କରିହେବ ବୋଲି ବକ୍ତା ମାନେ ମତ ରଖିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo